ବୃହତ୍

ଛାନ୍ଦରତ୍ନାକର

ମୂଲ୍ୟ ଏକଟଙ୍କା ଛଅଅଣା

ବୃହତ୍

ଜ୍ଞାନରତ୍ନାକର

ପ୍ରଥମ ଓ ଦ୍ୱିତୀୟ ଭାଗ ଏକତ୍ର

ଦ୍ୱିତୀୟ ସଂସ୍କରଣ

ନଂ 736
ରାଉରକେଲା

ପ୍ରକାଶକ—ଧର୍ମଗ୍ରନ୍ଥ ଷ୍ଟୋର
ଶ୍ରୀ ବିଦ୍ୟାଧର ସାହୁ
ଅଲିଶା ବଜାର
ପୋ: ଗୃନ୍ଧମାଚୌକ
କଟକ—୨

ମୂଲ୍ୟ—୫୲ ୧.୨୫ ନୟାପଇସା

ସୂଚୀପତ୍ର

ଛାନ୍ଦ	ବିଷୟ	ପୃଷ୍ଠା

—ବିଦଗ୍ଧଚିନ୍ତାମଣି—

ସାଧବ ଶୁଣ ହେ ମାଧବ ଧୀରଚନ୍ଦ୍ର ହୃଦ-ପଦ୍ମ ମିହିର ୧—୫
ଊନଚତ୍ୱାରିଂଶ ଛାନ୍ଦ ୫—୧୦
ଚତୁଃସପ୍ତତିତମ ଛାନ୍ଦ—ଦୂତି କର ଧରି ହରି ୧୦—୧୪
ପଞ୍ଚସପ୍ତତିତମ ଛାନ୍ଦ—ଧୀରେ ରାଧା କର ଧରି ୧୪—୧୭
ଦ୍ୱିପଞ୍ଚାଶତ୍ ଛାନ୍ଦ—ଶ୍ରୀରାଧା ବାତୁଳୀ ପ୍ରେମରସାତୁଳୀ ୧୮—୨୨
ଏକସପ୍ତତିତମ ଛାନ୍ଦ—ଦିନେ ହିନେ ଗୃତୁସି
ପ୍ରେମେ ହୋଇ ଆତୁରି ୨୩—୨୫
ସପ୍ତସପ୍ତତିତମ ଛାନ୍ଦ—କଶୋରୀ ବଧୂରେ ଦୂତିକା ୨୫—୨୭

—ରସକଲ୍ଲୋଳ—

ପଞ୍ଚଦଶ ଛାନ୍ଦ—ହମେ ମଧୁ ଶେଷ ହୁଅନ୍ତେ ପ୍ରବେଶ ୨୮—୩୩

—ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର—

ତୃତୀୟ ଛାନ୍ଦ—କ୍ଷୀର ସାଗର ଉଦରୁ ଆବରିଛି ୩୪—୪୦

—କଳା କଉତୁକ—

ଦ୍ୱାଦଶ ଛାନ୍ଦ—କହିବା ବ୍ରଜବିଳାସ ଶୁଣି ଜନେ ୪୦—୪୩

—ବସନ୍ତରାସ—

ଅଷ୍ଟମ ଛାନ୍ଦ—ସେ ବସନ୍ତ ପରଭୃତ କାଞ୍ଚନରୁଚି ୪୩—୪୬

ଛାନ୍ଦ	ବିଷୟ	ପୃଷ୍ଠା
ଯଥା ରାଗ—	ଶୁଣ ସୁନ୍ଦରୀ ନାଗରୀ ଗେଲ ଶୀଘ୍ରତର	୪୪—୪୫
ପୟାର—	କୃଷ୍ଣ ବୋଲେ ଶୁଣ ତବ ନୂତନ ବାଳିକା	୪୫—୪୬
	—ମଥୁରାମଙ୍ଗଳ—	
ସପ୍ତମ ଛାନ୍ଦ—	କୃଷ୍ଣଙ୍କର ଗମନ ଦେଖି ଛନ୍ନଛନ୍ନ	୪୬—୪୯
ସପ୍ତଦଶ ଛାନ୍ଦ—	ଏଥୁ ଅନନ୍ତରେ ଶୁଣ ସୁଜନ	୫୦—୫୨
	ରୁକ୍ମିଣୀବିଳାସ	
ଦ୍ୱାବିଂଶ ଛାନ୍ଦ—	ଏଥୁ ଅନ୍ତେ ଜନେ ଶୁଣ ଦିବ୍ୟରସ	୫୨—୫୩
	ବିଚିତ୍ର ରାମାୟଣ	
ଚତୁର୍ବିଂଶ ଛାନ୍ଦ—	ଫିଟିଛି କୁସୁମ ସନ୍ଧିତେ ବେଣୀ	୫୩—୫୪
ଚତୁର୍ଦ୍ଦଶ ଛାନ୍ଦ—	ଶ୍ରୀରାମ ଲକ୍ଷ୍ମଣ ମିଥିଳା ପ୍ରବେଶ	୫୪
ଦ୍ୱିତୀୟ ଛାନ୍ଦ—	ରବି ଅସ୍ତେ ସନ୍ଧ୍ୟା ହେଲା ପ୍ରକଟ	୫୪—୫୬
ଊନବିଂଶ ଛାନ୍ଦ—	ମନ୍ତ୍ରୀ ମୁଖୁ ଶୁଣି କୋପେ	୫୬—୫୭
ଦ୍ୱିଷଷ୍ଠୀତମ ଛାନ୍ଦ—	ସିଂହ ମୁଖୁ ଗଲା ଗଜ	୫୮—୫୯
ପଞ୍ଚପଞ୍ଚାଶତ୍ ଛାନ୍ଦ—	ଯୋଚି କୃଷ୍ଣ ଅଶ୍ୱମାନ ସେ	୫୯—୬୧
ପ୍ରାଣପ୍ରିୟା କଷ୍ଟ	ଶୁଣି ହନୁ ମୁଖୁ ରଘୁମଣି	୬୧—୬୨
ଦ୍ୱାଦଶ ଛାନ୍ଦ—	ଆହା ଧନୁର୍ଦ୍ଧର ବୀରବର	୬୨—୬୩
	—ବୈଦେହୀଶ ବିଳାସ—	
ଦଶମ ଛାନ୍ଦ—	ବିଭୂଷଣ ପୁଷ୍ପେ ଯା କାନ୍ତି ଜାଣ	୬୩—୬୬
ସପ୍ତବିଂଶ ଛାନ୍ଦ—	ବସି ବଶିଷ୍ଠ ଜାବାଳି ବାମଦେବ	୬୬—୭୨
ଚତୁର୍ବିଂଶ ଛାନ୍ଦ—	ବିନାଶା ନାସା ଶ୍ରବଣ ସୂର୍ପଣଖା	୭୨—୭୯
ଏକତ୍ରିଂଶ ଛାନ୍ଦ—	ବକେ ବସିଥିଲା ଧ୍ରୁବ ଉପରେ	୭୯—୮୩
ନବମ ଛାନ୍ଦ—	ବିଟପକୁ ଆଲିଙ୍ଗନ କରି ଜାହ୍ନବୀ	୮୩—୯୦

ଛାନ୍ଦ ବିଷୟ ପୃଷ୍ଠା

—କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ :—

ଏକାଦଶ ଛାନ୍ଦ—ଶୁଣ ରସିକ ସୁଜାଣ ଆଣ ମାନସକୁ ୯୦—୯୩

—ଲାବଣ୍ୟବତୀ :—

ଦ୍ୱାଦଶ ଛାନ୍ଦ—ଚେତି ଚତୁରୀ ଚନ୍ଦ୍ରିକା ନିଶି ନାଶେ ୯୩—୯୮

ଏକବିଂଶ ଛାନ୍ଦ—ଶୁଣ ସୁଜନେ କୁମାର ମାରକଣେ ୯୯—୧୦୩

ଦ୍ୱାଦଶ ଛାନ୍ଦ—ଦେଖି ନବ କାଳିକା ବକାଳିକା ୧୦୩—୧୦୭

—ରସିକ ହାରାବଳୀ—

ବସନ୍ତାନନ୍ଦଚନ୍ଦ୍ରା—ବସନ୍ତେ ଭ୍ରମୁ କାନନ ବିରସ ୧୦୭—୧୧୦

—ପ୍ରେମସୁଧାନିଧି—

ଚତୁର୍ଦ୍ଦଶ ଛାନ୍ଦ—ଏ ସମୟେ ଆସି ବାଳାପ୍ରିୟାଦାସୀ ୧୧୩—୧୧୩

ସପ୍ତମ ଛାନ୍ଦ—ରସିକ ବିଗ୍ରହ କରେ ୧୧୪—୧୧୭

ଚତୁର୍ଦ୍ଦଶ ଛାନ୍ଦ—ନିର୍ମଳ ଚନ୍ଦ୍ର ମଣ୍ଡଳ ଶରଦେ ୧୧୮—୧୨୮

ଚନ୍ଦ୍ରକଳା

ଅଥ ବିଚକ୍ଷଣ ଭେନ ଚ ଈକ୍ଷଣେ ୧୨୧—୧୨୫

—ରସପଞ୍ଚକ—

ରକାର ଢଗ—ସମାକୁ ଚାହିଁ କେ ବିନୟେ ୧୨୫—୧୨୭

ସକାର ଢଗ—ସିହାଣେ ହସି ସଖୀକୁ ଭାଷି ୧୨୭—୧୨୮

—ବ୍ରଜବିହାରୀ—

ଊନବିଂଶ ଛାନ୍ଦ—ଶୁଣସିରେ ପ୍ରିୟୋତମା ୧୨୮—୧୩୨

—ସର୍ବାଙ୍ଗସୁନ୍ଦରୀ—

ତ୍ରୟୋଦଶ ଛାନ୍ଦ—ଏଥୁଅନ୍ତେ ଶୁଣଜନେ ମଧୁଶଯ୍ୟା ୧୩୨—୧୩୮

ବିଚିତ୍ର ରାମାୟଣ—ସୀତା ସ୍ୱୟଂମ୍ବର ୧୩୯—୧୪୦

ବୃହତ୍
ଛାନ୍ଦ ରତ୍ନାକର

ବିଦଗ୍ଧ ଚିନ୍ତାମଣି

ଚନ୍ଦ୍ରାବଳୀ ଦର୍ଶନାନୁ ପ୍ରାସ

ସାଧକ ଶୁଣ ହେ ମାଧବ ଦୂତୀ କରି ପ୍ରେଷଣ ।
କାତର ହୋଇଣ ଉତ୍ତର କଲେ ସଖାଙ୍କୁ ପୁଣ ।୧।
ସତେ କି ମିତେ ହୋ ମୋତେ କି ବଶହେବ ରାଧିକ
ହସିବ ମୋ ଶିବ ଆସିବ ସର୍ବଶୁଭେ ଦୂତିକା ।୨।
ହସିବ ଏଣିକ ଭଷିବ ଦସ୍ୟୁ କଲ୍ଲ କଣୋଷ ।
ରହିବ ପରାଣ ଦହିବ ନାହିଁ ହରଭଗାରି ।୩।
ରସିଲା ନାହିଁ ସେ ଭଷିଲା ଯେବେ ଆସି ସଞ୍ଚାରି ।
ଜୀବ ତ ବାହାରି ଯିବ ତ କ୍ଷଣେ ନ ରହି କରି ।୪।
କରିବ କି ବୁଦ୍ଧି ଧରିବ କେହ୍ନେ ଧୈର୍ଯ୍ୟ ବିବେକ ।
ମରିବ ତା ଲାଗି ତରିବ ସ୍ମର-ସିନ୍ଧୁ ଉଦକ ।୫।
ମୋହନା ନାମ କି ମୋହନା ନ ରଖିବ ଜଗତେ ।
ପୋଡ଼ିଲା ହୃଦୟ ପଡ଼ିଲା ବିନୁ ମୋ କର୍ଣ୍ଣଗତେ ।୬।
କହୁଛ ଏପରି କହୁ ତ ଦଶା ଅବଶେ ଛନ୍ନ ।
ବିଧୁବଦନ ବଧୂରସେ ସ୍ୱେଦ କମ୍ପ ଜନନ ।୭।
ଅବଶ ବେଳରେ ପ୍ରବେଶ ହେଲେ ଶ୍ରୀପୂର୍ଣ୍ଣମାସୀ ।
ଦମ୍ଭରେ କୃଷ୍ଣ ଆରମ୍ଭରେ ଶୀଘ୍ର ମାନ୍ୟ ପ୍ରକାଶି ।୮।

ଷମାକୁ ବାଞ୍ଛି ସେ ଶ୍ୟାମଙ୍କୁ ମନ୍ଦହାସେ ବୋଇଲେ ।
ସରସ ବଦନ ନିରସ ଦିଶେ କି ଚନ୍ଦ୍ରାବଳେ ।୯।
ମଦନ-ଗଞ୍ଜନ ବଦନ ପଦ୍ମ ତ ମଣେର୍ଚ୍ଛ ।
କାହାରେ ମନକୁ ବହାରେ ଅଛ କି ହେ ବଳାଇ ।୧୦।
ନାଗରୀ କେ ଗୋପନଗରୀ ମଧ୍ୟେ ତୁମ୍ଭଙ୍କୁ ଦେଖି ।
ବରିଲ ନାହିଁ ସେ ପାରିଲ କେହ୍ନେ ଜୀବନ ରଖି ।୧୧।
ଶୁଣିବ ଯେ ନାମ ମଣିବ ସେ ତ ଅମୃତ ବତ ।
ଭଙ୍ଗିବ ଗରବ ଲଗିବ ତାକୁ ଅନଙ୍ଗ ଭୂତ ।୧୨।
ଦେଖିବ ଆତୁର ରଖିବ ଦମ୍ଭ କେଉଁ ଗୁଆଁରୀ ।
କଙ୍କରି ହେବାକୁ ଶଙ୍କରୀ ରମା ହେବେ ଆତୁରୀ ।୧୩।
ଲଜରେ ଗୋବିନ୍ଦ ବ୍ୟାଜରେ କଲେ ପ୍ରତି-ଉତ୍ତର ।
ମହତ ହୋଇଣ କହ ତ ହେବ କି ଭଙ୍ଗିବାର ।୧୪।
କନ୍ଦର୍ପ କି ରୂପେ ତା ଦର୍ପ ପୁଣି କେମନ୍ତ ଲଜ ।
ପୀରତି ପ୍ରକୃତି ସୁରତି ରୀତି ଜାଣିଲ ଆଜ ।୧୫।
ଗୋକୁଳ ଯାକର ଗୋକୁଳ ବ୍ୟାଧିମନ୍ତ ହେବାରେ ।
ବିରସ ବହୁତ ହରଷ ନାହିଁ ସେହି ଚନ୍ତାରେ ।୧୬।
ଶୁଣିଲେ ଏମନ୍ତ ଭଣିଲେ ପୁଣି ଶ୍ରୀପୂର୍ଣ୍ଣମାସୀ ।
ନକର ଭାବନା ନକର ଅଛୁ ଗୋ ଶାସ୍ତ୍ର ରାଶି ।୧୭।
ଗୋବର୍ଦ୍ଧନକୁ ଗୋବର୍ଦ୍ଧନ ମଲ୍ଲ ବିଦ୍ୟା ପାଇଛି ।
ଭାଇ ସେ ତୁମ୍ଭର ଯାଇ ସେଠାକୁ ମାଗେ ହେ କଛି ।୧୮।
ଆଶା ତହିଁ ଥିଲେ ଆସ ତ ମୋହ ସଙ୍ଗତେ ଆଜ ।
ଦଇବ କଲ୍ୟାଣି ପାଇବ ତୁମ୍ଭେ ଇଚ୍ଛିଲ କାର୍ଯ୍ୟ ।୧୯।
ମୁଦରେ ଗୋବିନ୍ଦ ହୃଦରେ ଲଭ ଅଛି ବିଚାରି ।
ବେଗରେ ଯେ ମଲ୍ଲନଗରେ ବିଜେ କଲେ ଶ୍ରୀହରି ।୨୦।

ସୁବଳ ଗହଣେ କେବଳ ପୂର୍ଣ୍ଣମାସୀ ଆବର ।
ଚଳିଲେ ବହନ ମିଳିଲେ ଯାଇ ମଲ୍ଲି ନଗର ।୨୧।
ଦେଖିଲାକ୍ଷଣି ତ ଲେଖିଲା ଇଷ୍ଟ ଆଗତ ମଲ୍ଲି ।
ଆସିଲାରୁ ଭାଇ ଦିଶିଲା ମୋର ସକଳ ଭଲ ।୨୨।
ବଚ୍ଛି ଯେତେକ ପଚ୍ଛରିଲା ସେ ସମସ୍ତ ଶୁଭ ।
ରହାଇଁ ପୁଚ୍ଛିଲା ବସାଇ ଚନ୍ଦ୍ରାବଳୀ ବଲ୍ଲଭ ।୨୩।
ରଞ୍ଜାଇଁ ମନକୁ ଭୁଞ୍ଜାଇ ଦ୍ରବ୍ୟ ସାମଗ୍ରୀମାନ ।
ସୁମନ ବସନ ସୁମନ ହୋଇ ଦେଲା ବହନ ।୨୪।
କହିଲା ମଲ୍ଲି ହେ ଉହିଲା ଏବେ ବଳ ନନ୍ଦର ।
କା କରୁଥାଉ ତୁ ନ କରୁ ଭେଠ କଂସ ଯାକାର ।୨୫।
ଘରେ ତ ବସିଲେ ସରେ ତ ଭାଇ ଅଚଳନିଧି ।
ଉପାୟ ନ କଲେ କେ ପାଏ କାହିଁ କେବେ ସମୃଦ୍ଧି ।୨୬।
ଆଦର ଅବା ନ ଆଦର କହୁ ଅଛୁ ଭଲ ତ ।
ଭେଦ ରଖିଛୁ କି ସୋଦର ସାନ ମୋର ତୁଷ୍ଟତ ।୨୭।
ମଥାକୁ ପୋତିଲେ କଥାକୁ ଶୁଣି ହସି ଶ୍ରୀହରି ।
ହସକୁ ପ୍ରକାଶି ଭାଷାକୁ ପୂର୍ଣ୍ଣମାସୀ ଉଚାରି ।୨୮।
ରସିକ ଭାଇ ତ ଆସିଛୁ ଗୋରୁ ବିଦ୍ୟା ନେବାକୁ ॥
କହିଲେ ଯେ ମଲ୍ଲି ପହିଲେ ବିଦ୍ୟା ଦେବ କୃଷ୍ଣଙ୍କୁ ।୨୯।
ତାହାର ମୋହର ବାହାର ଭିତର ଅଛଇ କି ।
ଘର ତ ତାହାର ନିରତ ନ ଆସଇ କାହିଁକି ।୩୦।
ଯାହା ତ ତା ମନ ତାହା ତ ଯେନ ଯାଉ ଏକ୍ଷଣି ।
ବଚନ ଏ ରୂପ ବଚନ ଅନେକ କଲା ପୁଣି ।୩୧।
ମୋହନ କରରେ ବହନ ଦେଲା ଗୋ ଶାସ୍ତ୍ର ପୋଥି ।
ରିଝାଇ କୃଷ୍ଣଙ୍କୁ ବୁଝାଇ ଦେଲା ସେ ଗୁପ୍ତ ତଥି ।୩୨।
କୃଷ୍ଣରେ ବସାଇ ହୃଷ୍ଟରେ ପୁରେନ୍ଦର ଶପୁନେ ।
ଜାପ୍ୟାରେ କହେ ନମାଁପ୍ୟାରେ ଅତି ହରଷ ମନେ ।୩୩।

ସଜନୀ ସହରେ ସଜନୀ ବରକୁ ଲାଗି ହୋଇ
ଯାଇ ତ କହାଅ ଭାବ ତ ମୋର ଅଟେ କହ୍ନାଇ ।୩୪।
ତରକ ଅଛ ସେ ପର କି ନନ୍ଦ ରାଜା କୁମର ।
ରମଣୀ କହଅ ଗୋ ସୁମଣୀ ରତ୍ନମାଳା ସଙ୍ଗର ।୪୪।
ଆନନ୍ଦ ମନେ ରସାନନ୍ଦ ବନ୍ଦାପନା କରଣେ ।
ସୁବେଶ ହୋଇଣ ପ୍ରବେଶ ଚନ୍ଦ୍ରାବଳୀ ତକ୍ଷଣେ ।୩୬।
ରଜନୀଶ ମୁଖୀ ସଜନୀ ମେଳେ କୃଷ୍ଣ ବୁଝାଇ ।
ଯତନେ ଦେଲା ସେ ରତନ ହାର କଣ୍ଠେ ଲମ୍ବାଇ ।୩୭।
ଅତନୁ ଦେବା ସୁତନୁ କଏ ମଣି ସୁତନୁ ।
ଦେବକର ସମ୍ବନ୍ଧେ ସେ ବର ମାନ୍ୟ ଘୁଡ଼ିଲା ମନୁ ।୩୮।
ଭଙ୍ଗି କି ଯତନେ ଧଡ଼ିକ ଦନ୍ତବାସରେ ଧରି ।
ନାସିକା ଫୁଲଇ ରସିକା ମନ୍ଦହାସ ବିସ୍ତାରି ।୩୯।
ମୋଡିଲା ବଦନ ଆଡ଼ିଲା କରି ବାସ ପଣତ ।
ନଚାଇ ଭ୍ରୂଲତା ଲୁଚାଇ ମାରେ ନେତ୍ରାନ୍ତ କୁନ୍ତ ।୪୦।
ଦଣ୍ଡିକ ରହି ପହଣ୍ଡିକ ଯାଇ ଚପା କୂପାରେ ।
ଶମ୍ପା ଗଉରୀ କମ୍ପାଇ ଯେ ଗାଏ କିଏ ଭଙ୍ଗିରେ ।୪୧।
ପଲକ ନ ଚଳେ ପୁଲକ ଗଣ୍ଡ ପାଳେ ପୂରଇ ।
ଭାବ ଅଲଙ୍କାର ଭାବକୁ ଅଙ୍ଗୀକାର କରଇ ।୪୨।
ଉଲ୍ଲାସ ହୋଇଲା ବିଳାସ ଲୀଳା ଲଳିତ ରୀତି ।
ଉତ୍କଣ୍ଠ ହୋଇଣ ପ୍ରକଟ ହେଲା ନାଗରୀ ରୀତି ।୪୩।
କଳାକମଳ ମୁଖ କଳାକର ବଦନା ଦେଖି ।
ରସିଲା ମନେ ସେ ଭାସିଲା କାମ ଜଳେ ସୁମୁଖୀ ।୪୪।
ବାଳାର ମନ ଯେ ଦେବାର ବେଳେ ମାଳା ଆତୁର ।
ବରଣ କରି ମୁଁ ଶରଣ ହେବି କରେ ବିଚାର ।୪୫।
ମନେ ବାରଣ ଅବାରଣ କୋଳେ ଇଚ୍ଛେ ଲମ୍ପଟେ ।
ବିସ୍ତର ମାତ୍ତନ୍ତ ପ୍ରସ୍ତର ଲଜ୍ଜାଙ୍କୁଶେ ଆକଟେ ।୪୬।

ବାହୁଡ଼ି ଆସନ୍ତେ ସେ ହୁଡ଼ି ହୁଡ଼ି ପଡ଼ଇ ପଥ ।
ପଡ଼ିଲା ମୋହରେ ପିଡ଼ିଲା ମନକୁ ମନମଥ । ୪୭ ।
ଗୋବିନ୍ଦ କରି ଅରବିନ୍ଦ-ମୁଖୀ ମୁଖ ଦର୍ଶନ ।
ନିଶ୍ଚଳ ହୋଇଲା ଅଚଳ ପରି ସର୍ବାଙ୍ଗ ସ୍ଥାନ । ୪୮ ।
ଲିଖିତ ବାସବ ସବାତ ହେଲା ଲଜ୍ଜା ତହିଁକ ।
ତୀକ୍ଷଣ ଶରକୁ ସେକ୍ଷଣ ସ୍ମର ବିନ୍ଧିଲା ହାଙ୍କି । ୪୯ ।
ଉଭୟ ମନେ ସୁର ଭୟ କେତେବେଳୁ ପାଇଲେ ।
ବିକାର ହାସଇ ସ୍ୱୀକାର ମଣି ମନ ବୋଧିଲେ ।୫୦
ସେକ୍ଷଣେ ମୋହନ ତକ୍ଷଣେ ଗଲେ ମେଲାଣି ହୋଇ ।
ଭେଟିଲେ ସଖୀଙ୍କୁ ବଟିଲେ ବାହ୍ୟଲୋକେ ଭୁଲଇ । ୫୧ ।
ଭଗବତଙ୍କୁ କହି ଭଗବତୀ ଗଲେ ସ୍ୱପୁରେ ।
ଅପ୍ରାସରେ ଏ ଅନୁପ୍ରାସ ଛାନ୍ଦ ବିଚ୍ଛୁର ଧିରେ । ୫୨
ବିଧଗଧ ଏ ବିଧଗଧ ଚିନ୍ତାମଣି ପ୍ରବନ୍ଧ ।
ବୁଧଙ୍କ ମନକୁ ବୋଧନ ଅଙ୍କ ଏଥିକି ଅନ୍ଧ । ୫୩ ।
ଗୋବିନ୍ଦ ଗୁରୁ ଅରବିନ୍ଦ ପଦ ରସେ ମିଳିନ୍ଦ ।
ହେଲେ ତ ଜାଣିବ ହେଲେ ତ ଏଥି ସୁଗନ୍ଧ ସ୍ୱାଦ । ୫୪ ।
ଭାସଇ କେବଳ ଭାସଇ ଭବ ଜଳେ ମୁହିଁ ତ ।
ସାମନ୍ତସିଂହାର ସାମନ୍ତ ଶ୍ୟାମ ବିନୁ ନାହିଁ ତ । ୫୫ ।

ଊନଚତ୍ୱାରିଂଶ ଛାନ୍ଦ

ରାଧା ବିଶାଖା ଉକ୍ତି

ରାଗ—ଆଶାଡ଼ଶୁକ୍ଳ ବରାଡ଼ି

ଧୀର ଚନ୍ଦ୍ର ହୃଦ-ପଦ୍ମ ମିହିର । ରସିକ-ରସ-ରତ୍ନ-ଭଣ୍ଡାର
ଗ୍ରାହକ-ପ୍ରେମ-ବାଣିଜ୍ୟ-ପସରା । କାମି-କାମଦା ଚିନ୍ତାମଣି ପରା ।
ଏ ଛାନ୍ଦ ଗାରିମା । ପ୍ରୀତି-ଆନନ୍ଦ ସିନ୍ଧୁକୁ ଚନ୍ଦ୍ରମା । ୧ । ନ ଲଭ-

ବାରୁ ଗୋବିନ୍ଦ ପୀରତି । ଅଧିରେ ଧିରାତନ ଆରତି । କହନ୍ତି ଧରି ବିଶାଖାଙ୍କ ହାତ । କହ ପୀରତି କି ଜାତି ପଦାର୍ଥ । କାହୁଁ ଏ ଅଇଲା । କେଉଁ ଭଳିବ ଏହା ଭିଆଇଲା । ୨ । କହେ ସଖି ଶୁଣ କଳଶୋଗିମଣି । ବିଧି ରଚନ କି ପୀରତି ପୁଣି । ଅବ୍ୟୟ ଅକ୍ଷୟ ନିତ୍ୟ ପଦାର୍ଥ । କେ ଜାଣିବ ପ୍ରୀତି ଶବଦ ଅର୍ଥ । ଅଜିତ ଇନ୍ଦ୍ରିୟ । ବଳେ କରନ୍ତି ପୀରତି ଆଶ୍ରୟ । ସମାନ ବୁଦ୍ଧି ବୟ ଶୋଭା ଗୁଣ । ସ୍ୱଚ୍ଛ ଆରଦ୍ର ସ୍ୱଭାବ ଲକ୍ଷଣ । ରସରହ ଚହ୍ଲା ଗ୍ରାହିକା ଶକ୍ତି । ଏତେ ଲକ୍ଷଣେ ଯୁକ୍ତ ଯେଉଁ ବ୍ୟକ୍ତି । ସଂଯୋଗ ସମ୍ବନ୍ଧ ହୃଦେ ଜାତ ହୁଏ ପ୍ରଣୟ-ବିଧୂ । ୪ । ନିକୃଷ୍ଟଠାରେ ଗୁପ୍ତାବସ୍ଥିତ । ମଧ୍ୟଜନରେ ପ୍ରତିବିମ୍ବ ଖ୍ୟାତ । ଅକ୍ଷୟ ଅସ୍ପୃଶ୍ଯ ଅଙ୍କ ରହିତ । ଉତ୍ତମ ଜନ ଭାବରେ ଉଦ୍ଧତ । ଅମୃତୁ ଆହ୍ଲାଦ । ଲଭିବାରୁ ହୃଦେ ପୂର୍ଣ୍ଣ ଆନନ୍ଦ । ୫ । ଆହୁରି ଶୁଣିଛ ପ୍ରଣୟ ବୀଜ । ହୃଦାଲବାଳେ ପୋତେ କାମରାଜ । ନବଯୁବାକାଳେ ଅଙ୍କୁର ହୁଏ । ସରସ ଦୃଷ୍ଟି ସଂଯୋଗକୁ ପାଏ । ତିନି ବିଧି ଲେଖା । ହାବ ଭାବ ପରିହାସ ବିଶାଖା । ୬ । କାନା କ୍ରୀଡ଼ା କ୍ଷୁଦ୍ର ଡାଳ ପ୍ରସର । ଭଙ୍ଗି ଚାତୁର୍ଯ୍ୟ ପଲ୍ଲବ ବିସ୍ତାର । ସୁଖ ସୁମନ ରାଗାମୃତ ଫଳ । ଆନନ୍ଦ ଆସ୍ୱାଦନେ ମତ୍ତ ହେଲ । ଦୁର୍ଜୟ ମାଦକ । ଛାଡ଼ଇ ନାହିଁ ଜୀବ ଥିବାଯାକ । ସଂସାରେ ଏ ଦେହ ମନ ଆୟତ୍ତ । ସେ ମନ ପୁଣି ଗୋ ଇନ୍ଦ୍ରିୟ ରତ । ଇନ୍ଦ୍ରିୟ ପୁଣି ଗୋ ପ୍ରକୃତି ବଶ । ପ୍ରକୃତି ସ୍ୱଭାବ ବଳେ ପ୍ରକାଶ । ମଦନ ଅଧିନ । ଏମାନେ ସବୁ ହୁଅନ୍ତି ଯେଣ । ୮ । ସେ ମଦନ ପୁଣି ସୁରତି ବଶ । ସୁରତି ହୁଏ ପ୍ରୀତିରୁ ଉଦ୍ଦିତ । ଭାବ ସମ୍ବନ୍ଧ ପ୍ରୀତି ଆଲମ୍ବନ । ନାନା କ୍ରୀଡ଼ାରୁ ପ୍ରୀତି ଉଦ୍ଦୀପନ । ତହୁଁ ସୁଖ ଜାତ । ତହୁଁ ଆନନ୍ଦ ହୁଅଇ ସମ୍ଭୂତ । ୯ । ତହୁଁ ମୋହନ ସାଗର ସରିତ । ମାଦକ ଲହରୀ ତହିଁରୁ ଜାତ । ଆହ୍ଲାଦ ମୃତ ତହିଁରୁ ଜନମ । ତହୁଁ ମୋହନ ନିଧି ଉତପନ୍ନ । ତାହା ଯେ

ଲଭଇ । କିନ୍ତୁ ନ ଗଣେ ଗର୍ବେଶ୍ୱର ହୋଇ । ୧୦ । ଯେ ଯେତେ ପରତେ ହୋଏ ପ୍ରୀତିକ । ସଂଯୋଗ ସୁଖ ସେ ଲଭେ ତେତିକ । ବିଯୋଗ କୋଟିଗୁଣ ଦୁଃଖ ହିଏ । ଏ ଦୁଇ ସ୍ୱଭାବ ତାର ଉଦୟେ । ଅନୁଭବ ଜନେ । ଦୁଃଖ ସୁଖ କହି ନୋହେ ବଚନେ ।୧୧। କୋଟି ବ୍ରହ୍ମାଣ୍ଡ ସୁଧା ସିନ୍ଧୁ ସାର । ସମ୍ଭୋଗ କାଳେ ସେ ଗୁର ଶୃଙ୍ଗାର । କୋଟି ବ୍ରହ୍ମାଣ୍ଡ ଦୁଃଖସିନ୍ଧୁ ଲବ । ବିଚ୍ଛେଦକାଳକୁ ତୁଳ ନ ହେବ । କୋଟଗତ ସର୍ପ । ଅଗ୍ନି ଆଚ୍ଛାଦନ ତାପ ଅଳପ ।୧୨। ସେ ପୀରତି ଆପେ ହୁଅଇ ବଧି । ଅବଧି ବଧିମାନଙ୍କରେ ସିଦ୍ଧି । ପର ଆପଣା ଚିହ୍ନାଇ ନ ହିଏ । ମନକୁ ଜ୍ଞାନ ଅଗୋଚର ହୁଏ ଥାଉ ସୁଖିବାର । ଦେହ ପରାଣକୁ ମଣଇ ପର ।୧୩। ଜଗତେ ଅପକୀର୍ତ୍ତି ହାଟ ବସେ । କଳଙ୍କ ପସରା ତହିଁ ବିଶେଷେ । ଜାତି କୁଳ ଜ୍ଞାନମାନ ବିକଇ । ଚିନ୍ତା ଉଚ୍ଛନ୍ନ ରତନ କିଣଇ । ନିନ୍ଦା ଢୋଲ ବାଜେ । ନିରନ୍ତେ ନପାଫଳ ବସି ଭୁଞ୍ଜେ । ୧୪ । କ୍ଷଣ କ୍ଷଣକେ କେତେ ଘର ହୋଇ । ଭାବଜଳଧି କଲ୍ଲୋଳ ଉଠଇ । କ୍ଷଣେ ବୁଡ଼ାଇ କ୍ଷଣକେ ଉଠାଏ । ଏକ ଯାଉଁ ଯାଉଁ ଆରକେ ପାଏ । ଭାବ ସାବଲ୍ଲୀତା । କେତେ ମତେ ଚିତ୍ତେ ହିଅନ୍ତି ଚିନ୍ତା ।୧୫। ସଂଯୋଗ ଖଣ୍ଡମାନ ଆନ ଆନ । ଭିତରେ ଆନନ୍ଦ ବାହାରେ ମାନ । ନପା କ୍ଷୁଧା ବେନି ଅକ୍ଷପଲ୍ଲକେ । ହାସ ବେଷ ଓଷ୍ଠେ ଜାତ ଲବକେ ନୁହଇ ସେ କଳ । ରାଗ ପସରି ଲୀଳା ବଳାବଳ । ୧୬ । ଅପ୍ରାକୃତ ପ୍ରେମ ଯା ନାମ କାମ । ଆସ୍ୱାଦ ରହେ କି ସେ ହେଲେ ବାମ । ପରବଶ ହୋଏ ଯାହାର ଜୀବ । ତାର କି ରହେ କୁଳନିସ୍ଥା ଭାବ ମନେ ଦେନ ଧୀର । ପ୍ରୀତି ଯେ କଲ୍ଲ ସେ ଗଲଟି ମର । ୧୭ । ଅନଳ ନୁହଇ ଦେହ ଦହଇ । ଅସ୍ତ୍ର ନୁହଇ ମରମେ ଭେଦଇ । ନୁହଇ ତ ଜଳ ବୁଡ଼ାଏ କୁଳ । ନୁହଇ ମାଦକ କରେ ବିହ୍ୱଳ । ନୁହଇ ବଡ଼ଶୀ । ବଳେ ମନ ମୀନ ନିଏ ଆକର୍ଷି । ୧୮ । ପଦାର୍ଥ

ଜ୍ଞାନ କଲେ ନ ଘଟଇ । ସ୍ୱାଦୁ ଆସ୍ୱାଦନ କରି ନୁହଇ । ଦେଖି
ନ ଥାଇ ରୁଚି ନୟନେ ତ । ସତତ ମୋହିତ କରଇ ଚିତ୍ତ । ଦେହ
ଥିଲେ ତାର । ନଥାନ୍ତା ଆଉ ପ୍ରୀତିପ୍ରୀ ସଂସାର । ୧୯ । ନିଜ ନିଜ
ସୁଖ ମନେ ମନାସି । ସର୍ବେନ୍ଦ୍ରିୟ ରହେ ପ୍ରୀତିକି ରସି । ନ ପାଇ
ଧନ ବନ୍ଧି ହୁଏ ପ୍ରାଣ । ସଂସାରସୁଖଯାକ ଗଣା ତୃଣ । ପ୍ରୀତିପ୍ରୀ
ପୀରତି । ସର୍ବଭୂତମୟ ପ୍ରାୟ ଦିଶନ୍ତି । ୨୦ । ବଡ଼ କଠିନ ସେ
ପ୍ରୀତି ପାଳିବା । ତୀକ୍ଷ୍ଣଅସିଧାରେ ପଥ ଚାଲିବା । ଶୂନ୍ୟଆରୋହଣ
ଠାରୁ କଠିନ । ପବନଫାନ୍ଦ ଧରିବା ଲକ୍ଷଣ । ପ୍ରୀତିରକ୍ଷାଠାରେ; ଯଥା
ପାରଦ ରଖିବାମୁଠାରେ ॥ ଲିଖଘୋଡ଼ାନବ ମାତିସୁଆର ପ୍ରଚଣ୍ଡାନଳ
ପଥେ ଚାଲିବାର । ତହିଁକି କରି ରହିବ ଶରୀର । ତହୁଁ ଅଧିକ
ପ୍ରୀତି ପାଳିବାର । କହୁଛୁ ଏତିକ । ଦୁରୁ ଜହାରପୀରତି ଖ୍ୟାତିକ
। ୨୨ । ପ୍ରଥମେ ପ୍ରୀତି କରିବାର ମନ୍ଦ । ପରେ ପ୍ରୀତି କୋଟିଗୁଣେ
ପ୍ରମାଦ । ଶୋଭାବନ୍ତ ଗୁଣବନ୍ତ ପୀରତି । ସେ ପୁଣି ପ୍ରମାଦେ ପ୍ରମାଦ
ଅତି । ପଥିକ ପରତେ । ଜୀବନ ଯିବା ଅଉଷଧି ସଙ୍ଗେ । ବିଚ୍ଛେଦ
ଅନଳ ପ୍ରାୟ ପୀରତି । ସଂଯୋଗେ ବାରଣ କରି ନୁହନ୍ତି । ଦୁହେଁ
ନିର୍ବିଶେଷେ ହେଲେ ସରଇ । ଉଭୟ ପ୍ରୀତିପ୍ରୀ ତେମନ୍ତ ହୋଇ ।
ଜୀବଥିବା ଯାକେ । ବାରଣ ପ୍ରୀତି କରି ପାରିବ କେ ॥ ଯେଣେ
ଚାହିଁଲେ ତେଣେ ସେହି ଦିଶେ । ଚକ୍ଷୁ ବୁଜିଲେ ହୃଦରେ
ପ୍ରକାଶେ । ନିଦ୍ରା ଆଇଲେ ସ୍ୱପନେ ଦେଖଇ । ଜାଗ୍ରତ ଥିଲେ
ଜ୍ଞାନହିଁ ନ ଥାଇ । କାୟ ମନୋବାକ୍ୟେ । ତା ବିନେ ସାର ନଗଣେ
ତିଲୋକେ । ୨୫ । ଯାହା ବୋଇଲେ ତାହା ନାମ ସ୍ଫୁରେ । ନାନା
କର୍ମ କରେ ସେହି ହେତୁରେ । ପାଦ ପାଣି ମୁଖ ହାସ ନୟନ ॥
ଉଦର ଉରଜ ବାହୁ ପ୍ରସନ୍ନ । ପଦ୍ମ ବିଲୋକନେ । ତଦଭାଷଜ୍ଞାନ
ଜନିତ ମନେ । ୨୬ । ଗୁରୁଜନ ମେଳେ ଥିଲେ ଆକଟେ । ପ୍ରୀତିପ୍ରୀ
ପ୍ରତିଭା ଦ୍ରବ ଲମ୍ପଟେ । ଅଶ୍ରୁ ଭଙ୍ଗ ହାସ ପୁଲକ ସ୍ନେହ । ଏକୈକ

ପ୍ରଦେଶେ ଦହଇ ଦେହ । ଲଜ୍ଜା ସ୍ନେହ ଘେନ । ଉଦେ ହୋଏ କଳଙ୍କାରେ ସଜନୀ । ୨୭ । ଜନ୍ମାଇବ ଯେ ହାସରେ ସ୍ତୁତିକି । ମତି ବଳାଇବ ସେହି ପ୍ରୀତିକି । ଜୀବନ ଯାହା ସ୍ୱଆୟତ୍ତେ ଥିବ । ସେହି ତ ପ୍ରୀତିପଥେ ପାଦ ଦେବ । ପ୍ରୀତି ମହାପାପ । କୃତାର୍ଥ ହେତୁ ପ୍ରେମ ମନ୍ତ୍ର ଜପ । ୨୮ । ଶୁଣି ମିତଣୀ ବାଣୀ ଧୀରେ ଧୀରେ । ପଶୁରନ୍ତି ସ୍ନେହଭରେ ଅଧୀରେ । କେଉଁ ଗ୍ରାମରେ ଗୋ ପୀରତି ନାହିଁ । କହିଲେ ତହିଁକି ଯିବଇଁ ମୁହିଁ । ବେଗେ କହ ଜନା । ପ୍ରୀତିପାଶୋଗ୍ର ମନ୍ତ୍ରର ଅଛି ନା । ୨୯ । ଏମନ୍ତ ପାପୀକି ମହୀ ସହିଲା । କେଉଁ କୁବୁଦ୍ଧି ଏଥିକି ଆଣିଲା । ଅକାଳକାଣ୍ଡ ପ୍ରୀତି ମୁଣ୍ଡେ ପଡୁ । ପ୍ରପଞ୍ଚପ୍ରୀତି ହାତ ଗୋଡ଼ ଛିଡୁ । ପରମ ସାଦକ । ଧୀରେ ବୋଲନ୍ତି ପାଇ କେଉଁ ଅର୍ଥ । ୩୦ । ଏକେ ଅବଳା ହିଜେ ପରବଶ । ଜାତିକୁଳ ଲଜ ବୁଦ୍ଧି ବିଶେଷ । ଦାଣ୍ଡ ଦେହଳି ଦୃଷ୍ଟି ଅଗୋଚର । ପ୍ରୀତି ବେଦନା ତହିଁ ବଳଯ୍ୟାର । ରସରେ ରସଇ । ତୃଷା ତଷ୍ଣା ଅନାୟତ କରଇ । ୩୧ । ବିଶାଖା କହଇ କୃଷ୍ଣନାଗର । ପଦ୍ମୁମୂଳ ସଂଯୋଗ ହେବାର । ରସ ପରିପାକ ଘଟନା ଯୋଗେ । ଶୁଚିମନ୍ତ ହୋଇପିଅ ସରଗେ । ଦେହଦାହ ଜ୍ୱର । ଧୁଞ୍ଚିଯିବ ପାଞ୍ଚ ବହନ କର । ୩୨ । ହାହା ଏହା କେ କହିଦେବ ରାଧା । ବିମୋହ ହେଲେ ପାଇ ପ୍ରେମବାଧା । ସଖୀ ଜଳ ସିଞ୍ଚି ସାନ୍ତ୍ୱନା କଲେ । ଧଇର୍ଯ୍ୟଧର ମନାଇ କହିଲେ । ବୋଲନ୍ତି ବିଶୋଷୀ । ଯାଯା ଜୀବନ ବହନ କାହାରି । ୩୩ । ଏତେ କଦର୍ଥନା ପାଉ କାହିଁକି । ଦଶା ଦଶାପ୍ରାପ୍ତ ହେତୁ ନାହିଁକି । କୁମ୍ଭକାର କାଠ ଘାଷାକୁ ବହ । କୃଷ୍ଣଦେହ ପାଇ ନିଶ୍ଚିନ୍ତେ ରହ । ଶ୍ୟାମ ନାମ ଧରି । ଯାଯ ଅନୁକୂଳ କରି ବାହାରି ॥ ପୁଣି କହନ୍ତି ସଜନୀକି ଗୁହିଁ । ଜୀବନ ଯିବାର ସନ୍ଦେହ ନାହିଁ । ସଖିଗଣ ପୁଣି ଏତିକି କରି । ଶ୍ୟାମ ପାଦଧୂଳି ବୋଳ ମୋ ଶିର । ତାଙ୍କ ଚଷ ମୁଞ୍ଜି । ଦେଖାଇଥାଅ ପାଉ ନେହ ଗତି । ୩୪ ।

ଜୀବନ ଗଲେ ଏତିକି କରିବ । ଶ୍ୟାମନାମ ମୋ ହୃଦରେ ଲିଖିବ । ଶ୍ୟାମ ରୂପ ମୃତ୍ତିକାରେ ଲଦାଇ । ଶ୍ୟାମ ବସନ ଅଙ୍ଗରେ ଘୋଡ଼ାଇ । ଶ୍ୟାମ ଗଡପଥେ । ମୋ ଶବ ପୋଡିବ ଆପଣା ହସ୍ତେ । ୩୭ । ଯେବେ ଏମନ୍ତ କରି ନ ପାରିବ । ତମାଳ କୋଳ କରାଇ ଥୋଇବ । କୃଷ୍ଣବଂଶୀ ଶୁଭୁଥିବ ଯେଣିକି । କର୍ଣ୍ଣଡେରି ଦେଇଥିବ ତେଣିକି । ସବୁ ସଜନୀକି । ହାତ ଧରି ମୁଁ ମାଗୁଛି ଏତିକି । ୩୭ । ପ୍ରୀତିଯୁପୁରେ ନାଗରୀ ବଜାଇ । ପାପ ପ୍ରୀତିକି ଦେବ ନବଢ଼ାଇ । ମୋ ପରି ପ୍ରୀତିଦୁଃଖୀ କେହି ନୋହୁ । ପ୍ରୀତି ପରଲୋଭ ସଂସାରୁ ରହୁ । ଏତେ କହି ଧନୀ । ଚିନ୍ତା ବିଂମୋହେ ଭଜିଲେ ଅବନୀ । ତପ୍ତ ଲୌହପାତ୍ର ମଧ୍ୟେ ପରିପ୍ରାୟେ ତନୁ ବିଚେଷ୍ଟା ହୋଇଲା ଉଦୟେ । କ୍ଷୀରସିନ୍ଧୁକୁ ମନ୍ଥିଲା ମନ୍ଦର । ତେମନ୍ତ ହେଲା ହୃଦୟ ଭିତର । ପ୍ରାଣ ସନ୍ତାପିତ । ଯଥା ଗର୍ଭିଜୀବ ଧୂମଧୂପିତ । ୩୯ । ଦେଖି ସଖୀକୁଳ ହେଲେ ଆକୁଳ । ବଦନ ଧୂଳି ଝାଡ଼ି କଲେ କୋଳ । କଳ ସିଞ୍ଚା ବିଞ୍ଚା ବସ୍ତ୍ରର ତୁଣ୍ଡେ । ଗୋବିନ୍ଦ ନାମ ଶୁଣାଇଲେ କର୍ଣ୍ଣେ । ମୃତ୍ୟୁସଞ୍ଜୀବନୀ । ସେହିକାଳକୁ ତା କଲେ ସଜନୀ ॥ ଯୁବା ଯିବା-ଜୀବ ବାହୁଡ଼ା ବିଜେ । ଗଣ୍ଡ-ପାଳିରେ ପୁଲକ ବିରାଜେ । ଦେଖି ସଖୀଏ ଧଇର୍ଯ୍ୟ ଧଇଲେ । ନାନା ଉପଚାର ପ୍ରଚାର କଲେ । ଚେତ କହେ ଧନୀ । ମୋ ପ୍ରତି ଆଶା ଛାଡ଼ ଗୋ ସଜନୀ । ପ୍ରାଣ ସଜନୀର ଶୁଣି ଏ ବାଣୀ । ଧଇର୍ଯ୍ୟ ଧରିବ କେଉଁ ମିତଣୀ । ଦାନ ଅଭିମନ୍ୟୁ ଜୀବନ ଯାଉ । ପ୍ରୀତି ବେଦନା ଭଗାରି ନ ପାଉ । ଉମା ମହେଶ୍ୱର । ମୋ ବିନତି ଘେନି ଏତିକି କର । ୪୧ ।

ଚତୁଃସପ୍ତତିତମ ଛାନ୍ଦ

(ରାଗ—ଶାରଙ୍ଗ)

ଦୂତିକରୁ ଧରି ହରି ବୋଇଲେ କଣୋଗ୍ର । ମିଛ ପୂଜି ଆସିଥିଲି ଗଲି ତ ପାଶୋରି । ଦୂତି ଗୋ, କହିବୁ ବନ୍ଧୁକୁ । କି

ଦୋଷରେ ଫିଙ୍ଗି ଦେଲି ମଦନ ସିନ୍ଧୁକୁ । ୧ । କଣି ପୁଣି ପୁଣମଣି କଲିତ ନରାଶ । ଏ ଭାବନା ହୃଦେ ସିନା ଦେଉଛି ପରାସ । ଦୂତିଗୋ କହିବୁ ଧମାକ । ପରିଜନ ଧାନ ହେଲେ କାହାକୁ ହାନ କ । ୨ । ରସାଳସା ଆଶା ଧରି ରହିଛି ମୋ ଜୀବ । ରମ୍ଭାଗୋରୀ ଅନୁକମ୍ପା ନ ପାଇଲେ ଯିବ । ଦୂତି ଗୋ, କହିବୁ ଗୋସ୍ୱାଙ୍କ । ଦାସ ଦୋଷ ହେଲେ ଏତେ ସରିକ କରିକ । ୩ । ବାଳକ କାଳରୁ କାଳେ ହେଲି ଅନୁସରି । ଭଗାରି ହାତରେ ଆସି ଯାଉଅଛି ସରି । ଦୂତି ଗୋ, କହିବୁ ଯୋଷାକୁ । କାହିଁପାଇଁ କରାଇଲ ଭଗାରି ହସାକୁ । ୪ । ସାତଦିନେ ଦିନେ ବନେ ଧୂଳି ଖେଳିବାରେ । ଏ ମୋ ଭାଗ୍ୟ ବୋଲି ରାଗଲତା ଏ ବେଶରେ । ଦୂତି ଗୋ, କହିବୁ ଧୀରାକୁ । ମହିତ ଉତ୍ତର ବଳେ ପାଷାଣ ଗିରାକୁ । ୫ । କୁମାର କୁମାରୀମେଳେ ଖେଳିବା ବିଧିରେ । ବର ମୁହିଁ କନ୍ୟା ସେହି ହୋଇଛି ବିଧିରେ । ଦୂତି ଗୋ, କହିବୁ ସହୀକ ॥ ସେ ଦିନର ସନମାନ ମନରେ ନାହିଁ କି । ମଧୁଶଯ୍ୟା ହେବପରା ପଚାରିଲେ ମୁହିଁ । ଆନନ କମ୍ପାଇ ନାହିଁ କଲି ଚନ୍ଦ୍ରମୁହିଁ । ଦୂତି ଗୋ, କହିବୁ ସଙ୍ଗୀକ । ପାଶୋରି ପାରିଲି ନାହିଁ ସେଦିନ ଭଙ୍ଗୀକ । ବଧୂଲି ସୁମନ ବୋଲେ ଲେଖାଇ ଯାବକ । ସେହି ଦିନୁ କରିଅଛି ଶ୍ରୀପଦ ସେବକ । ଦୂତି ଗୋ, କହିବୁ ବାଳୀକ ଛଡ଼ାଇଲେ ଗୁଣ୍ଡିବ କ ମୋହର ଅଳକ । ଆଜ୍ଞାକୁ ଅବଜ୍ଞା ଦିନେ କରିନାହିଁ ମୁହିଁ । ଆଣି ଦେଉଥାଏ ଯାହା ମାଗେ ଚନ୍ଦ୍ରମୁହିଁ । ଦୂତି ଗୋ, କହିବୁ ସଖୀକ । ଏଥର ଥରେ ମନରେ ନା କଲି ଦୁଃଖୀକ । ପଡ଼ି ଜଡ଼ି ଯାଇଥିଲି ଧୂଳି ଲପନରେ । ଲୁଚିଯାଇ ବୋଲି ପୋଛି ଦେଲି ବସନରେ । ଦୂତି ଗୋ, କହିବୁ ରାଧାକୁ । କପରି ପାଶୋରି ଦେଲି ତେତେ ଶରଧାକୁ ॥ ଏହି କୃପା ରହିଥିବଟିକ ବଡ଼ଦିନେ । ପଚାରନ୍ତେ ଆଖି ଥନ ଥନ କଲି ଦିନେ । ଦୂତି ଗୋ, କହିବୁଟି ତାକୁ । ଏବେ ତ ଉଥାଡୁଅଛି ପୀରତି ଲତାକୁ । ଶ୍ରୀପଦେ ନୂପୁର

ଦିନେ ଖଞ୍ଜି ବାରେ ମୁହିଁ । ନାହିଁ ନାହିଁ କଲ୍ ଆନ ପଳାଇ ସୁମୁହିଁ ।
ଦୂତି ଗୋ, କହିବୁ ପ୍ରିୟୁଙ୍କୁ । ବାଳକାଙ୍କୁ ଉପାଡ଼ି କ ଫୀରତି ପୁଅଙ୍କୁ ।
ମାଳାମ୍ବୁଜ ଘେନ ଗୃହୁଁ ଥାଇ ମୋ ଆନନ । ପୁଲକ ପୁଞ୍ଜକ ଶୋଭ-
ମାନେ ସିଂହାସନ । ଦୂତି ଗୋ, କହିବୁ ଏତିକ । ଏବେ ନାହିଁ
ଶିକ୍ଷା କଲ ନିଷ୍ଠୁର ଗତିକ । କୁଚାଙ୍କୁ ହୃଦରୁ ଜାତ ହେଲ ପରବତ ।
କାହିଁକ ନୋହିବ ନିଷ୍ଠୁରତା ପରବତ । ଦୂତି ଗୋ. କହିବୁଟି
ଥରେ, ପ୍ରାଣବନ୍ଧୁ ପ୍ରାଣ ବସି ଅଛଇ ପଥରେ । କନ୍ୟା ସନ୍ଧ୍ୟାକାଳେ
ଦିନେ କୁଞ୍ଜ ଅୟନରେ । ଗଣାବଣା ଏଣୀ ଆଣି ରଖି ନୟନରେ ।
ଦୂତି ଗୋ, କହିବୁ ପ୍ରୀତିକ । ଏକାନ୍ତେ ସେ କାନ୍ତେ ବକ ଦେଇଛୁ
ମତିକ ॥ ମନ ଜାଣିବାକୁ କଟାଇଲ ମଧୁବନ । ଭାଷାରେ ରସାଇ
କଣି ନେଇଛୁ ଜୀବନ । ଦୂତି ଗୋ, ଚେତା ଛଇଳକ । ବୋଇଲ୍
ଆଳିକ ଚୁମ୍ବେ କମଳ କଳୀକ । ଆଶା ରଖି ମାଳ ତୋଳ ନ ଦିଏ
କଳୀକ । ବିକାଶିଲେ ତୋଳବାକୁ ଆନ କେ ଭଳକ । ଦୂତି ଗୋ,
କହ ଅଳ୍ପଳୀକ, ବୋଇଲ୍ ଗ୍ରେପିଲ୍ ପ୍ରୀତିକନ୍ଦଳୀ ଦଳ କ । ସେ
ଭାଷାକୁ ଆଶାକରି ରଖିଛୁ ଜୀବନ । ସୁର ପୁର ପରାଭବେ ହୋଇ
ଭବେ ଦିନ । ଦୂତି ଗୋ, କହ ସୁବେଣୀକ । କୃପାକୁ ତ ପାତ୍ରନାହିଁ
କହିଲ୍ ବାଣୀକ ॥ ନ ଥିଲ ପଥିକ ହୋଇ ବଦେହ ପଥରେ । ଏବେ
ଚନ୍ଦ୍ରବାରେ ତନୁପାକ ମୋର ଥରେ । ଦୂତି ଗୋ. କହ ସୁଗତିକ ।
ଶ୍ରୀମୁଖରେ ଆଜ୍ଞା ହେଉ ଏବେ ମୋ ଗତିକ ॥ ଜନ୍ମାନ୍ତର କଥା ପସି
ନ ଥିଲ୍ ମନରେ । ଯେଉଁଦିନୁ ନାମ ପୁଣି ପଡ଼ିଲ୍ କର୍ଣ୍ଣରେ । ଦୂତି
ଗୋ, କହିବୁଟି ବାରେ । ଜାତିସ୍ମର ସ୍ଫୁର୍ତ୍ତି ଏବେ ହେଲ୍
ଚେତିବାରେ ॥ ଗୋରଚନା ଚିତା କାନ୍ତ ସ୍ନେହରେ ଆଦରେ ।
ପାଦ ପଦ୍ମ ବୋଲ୍ ସଦା ଭୂଷଣ ହୃଦରେ । ଦୂତି ଗୋ, କହ
ସୁହାସୀ କ । ତା ନାମ ଗାୟନ ସ୍ନେହେ ରମିଛୁ ବଂଶୀକ । ସ୍ୱପ୍ନେ
ବଭଟାଇଲ୍ ଦିନୁ ସେ ଦମ୍ପତିଙ୍କୁ । ମୁରୁଛି ନୋହୁଛି ଦିନସବୁ ପସରିଙ୍କୁ

ଦୂତି ଗୋ, କହିବୁ ରାମାକୁ । ଏମାନେ କି ସଜନମାନେ ଗଣିବେ ରମାକୁ ॥ କାହିଁକି ତପସ୍ୟା ଥିଲି କେଉଁ କଲ୍ପାନ୍ତରେ । ନାଗରେନ୍ଦ୍ର କଲି ମାଳା ଦେଇଛି ହୃଦରେ । ଦୂତି ଗୋ, କହିବୁ ରାଧାରେ । ସେ କାଳରେ ପ୍ରେମାମୃତ ବୁହାଇଲି ଧାରେ । ଆଶା ପୋତ ମେଳିଥିଲି ପ୍ରଣୟ ସାଗରେ । ଦୁର୍ଯ୍ୟୋଗ ବାତ ଯୋଗରେ ଭଙ୍ଗିଲା ବେଗରେ । ଦୂତି ଗୋ, କହିବୁ ବାଳାକୁ । କୃପା ଥିଲେ ତାରୁ ଦେଇ ରମ୍ଭୋରୁ ଖେଳାକୁ ॥ ବର୍ଯ୍ୟା ମର୍ଯ୍ୟାଦା କି ବାଳା ଦେଇ ନାଶିବାର । ହେଳା କଲେ ବାଳା ହେବ କାଶୀ ଝାସିବାର । ଦୂତି ଗୋ, କହ ପ୍ରବୀଣାକୁ । ପୀରତି କରତ ଯାଉଅଛୁଟି ଊଣାକୁ ॥ ଯୋଗଭଙ୍ଗୀ ଭଙ୍ଗୀକି ମୁଁ କରିଛି ଜୀବକା । କୃପା ବଟଲୋକନ ଧନେ ହୋଇଅଛି ବକା । ଦୂତି ଗୋ, କହ ସୁମଧ୍ୟକା । ସେ କି ନ ଜାଣଇଁ କହ୍ନଦେବ କି ମସ୍ତକା । ଏବେ ଅନାଦର କରି ଦେଉଛି ଭସାଇ । ସୁନ୍ଦର ହରିଣୀକଟିକି ମଦନେ ଭୂଷାଇ । ଦୂତି ଗୋ, କହ ପରାଣକୁ । କାହା ଦାସ କୁହାଇବ କାମ ତରାଣକୁ । ପ୍ରୟୋଜନ ହୀନ ଲୋକ ଏ ଲୋକ ଭିତରେ । କେଉଁ ଲୋକ ନ ପାଳନ୍ତି ଅଧରାମୃତରେ । ଦୂତି ଗୋ, କହିବୁ ରସାଇ । ପରୁରୁ ଆତୁର ରସିକମାନଙ୍କି ବସାଇ । ଏକାଳ କାଳ ତ ପୁଣି ମଦନ ଜଞ୍ଜାଳ । କେହି କହୁ ନାହିଁ ତାକୁ ଏଥି କମ୍ପା ଜାଲ । ଦୂତି ଗୋ, କହ ସୁହାସୀକି । ଫଳବେଳେ ଦହିବ କି ପ୍ରଣୟ କୃଷିକି । ରହୁ ନାହିଁ କହୁଅଛି ବୁଝାଇ ପ୍ରାଣକୁ । ଦେଖାଇ ପାରିଲି ନାହିଁ ସେବକ ପଣକୁ । ଦୂତି ଗୋ, କହିବୁ ବାଳିକି । ଏତେବେଳେ ଦେଉ ମୋତେ ଶ୍ରୀପାଦ ଧୂଳିକି । ତୋ ଆସିବା ଯାଏ ଆଉ ଥିବକି ପରାଣ । ମିଛ କରି ନଦେବ ପକାଉଛି ରାଣ । ଦୂତି ଗୋ, କହ ସୁମନାରେ । ମୋ ବାଧା ବାଧକ ବୋଲି ଅଛି ଭାବନାରେ । ଦୂତି ବୋଲି ଏ କି ଶାନ୍ତି ଧୀର ମନ୍ମଥର । ଆଜ ଭେଟାଇବ ରାଧା ଧଇର୍ଯ୍ୟକୁ ଧର । ଦୂତି ଗୋ, ସୁଯଶ ବନ୍ଧୁର ॥

ହରି ଉଚ୍ଚାରିଲେ ହରି ଭେଟାଇ ନିସ୍ତାର ॥ ଧୀରେ ଧୀରେନ୍ଦ୍ରଙ୍କୁ ଗଲ ବୋଧିଣ ସମ୍ବରି । ରାଧାକୁ କହିଲ ହରି ପ୍ରସଙ୍ଗ ବିସ୍ତରି । ଦୂତି ଗୋ, କି କହ କହନ । କହୁ କହୁଁ ଧମା ହୃଦେ ଜଳାଲକ ବହ୍ନି । ବିସ୍ମରଣ ପାଠ ସ୍ତୁତି ବଧିରେ ରାଧିକା । ମନ ହେଲାଷଣି ହେଲେ ପ୍ରୀତି ଆରାଧିକା । ଦୂତି ଗୋ, ହୋଇଲେ ସୁରତି । ମୋହ ଚୁର ପାଇଁ ବନ୍ଧୁ ପାଇଲେ ଦୁର୍ଗତି ॥ କହୁଁ କହୁଁ ଗୃହୁଁ ଗୃହୁଁ ମୁହୁ ମୁହୁ ଦଶା । ଦେଖିକର ବଢ଼ାଇଲେ କଣେ.ଶ ଦୁର୍ଦ୍ଦଶା । ଦୂତି ଗୋ, ମାଗୁଛି ଏତିକ । ଅଭିମନ୍ୟୁ ବୋଲେ କର ମିଳନ ରାତିକ । ୧୫ ।

—*—

ପଞ୍ଚସପ୍ତତିତମ ଛାନ୍ଦ

(ରାଗ—ଲଳିତ କାମୋଦୀ)

ଧୀରେ ରାଧା କର ଧରି କହୁଛନ୍ତି ଦୂତିକି । ଜୀବନ ନେବାକୁ ଲଗାଇଛୁ ପାପ ପ୍ରୀତିକି । ଦୂତି ଗୋ, ପ୍ରାଣବନ୍ଧୁଙ୍କୁ କହ ଯାଇ ଏତିକି । ଯାଷା କରିଛନ୍ତି ପରା ନାରୀ ମରା ରାତିକି । ୧ । ସେ ଯାଇ କହିଲେ ତାହା ସତ ବୋଲି ହେବକି । ଜାଣିଥିଲେ ପୁଣି ବିନାଶନ୍ତେ କେହ୍ନି ସେବକୀ । ଦୂତୀଗୋ, ଦୟାନିଧିଙ୍କ ପରା ଏ ଅବଧିକ । ଅବଧିକ କଲେ ଅରଜିବେ କେଉଁ ସିଦ୍ଧିକି । ଶ୍ରୀଚରଣେ ସେବି ପ୍ରାଣ ବିକଅଛି ମୁହିଁତ । ତାଙ୍କ ଅନୁଗ୍ରହ ସିନା ମୋ କରମ ଲହିତ । ଦୂତି ଗୋ, ବନ୍ଧୁଙ୍କୁ କହ ଆନ ଗତି ନାହିଁତ । ଢବ୍ୟତରେ ବିସ୍ମରନ୍ତୁ ସେ ଯାହାକୁ ବିହିତ ॥ ଚନ୍ଦ୍ର ବିନୁ ଚକୋରକୁ ଆନଗତି ନାହିଁକି । ଜଳବିନୁ ମୀନ ପ୍ରାଣ ନେବ ପୁଣି କାହିଁକି । ଦୂତି ଗୋ, କହିବୁ ଯାଇଁ ସେ ନାଗର ମଣିକି । ବାସୀକି ପକାଇ ଦେଇ କାମସିନ୍ଧୁ ପାଣିକି ॥ ନରବଧ ହୃଦସ୍ଥକୁ କାମଦେବ ହସିବ । ଅବଳାମାନଙ୍କେ ଏତେ ଦାଉ କେହ୍ନି ସହିବ । ଦୂତି ଗୋ, ପ୍ରାଣନାଥରେ ଏତେ ମାନ କହିବ । ରାଧାକୃଷ୍ଣ ଆଦ୍ୟ ବେଦକର୍ଣ୍ଣି

ଲୋପ ହୋଇବ ॥ ବିଦେହ ପଥ ଶଙ୍ଖାଳ ପ୍ରାଣଧନ ହୋଇବ । କାହାକୁ କି ହେବ କଷ୍ଟ ସବୁ କଲା ଦଇବ । ଦୂତି ଗୋ, କହିବୁ ଦାସୀଗୁଣ କୁଳ ଗାଇବ । ନିଲକ୍ଷଣୀ ପାଇଁ କିମ୍ପା ଏତେ ଦୁଃଖ ସହିବ ॥ ସ୍ନେହ ପରାଧୀନ ଗୁଣଗ୍ରାହୀ ତାପ ବଢ଼ିବ । ତା ଛାବ ଜୀବନ ଗଲେ ପାପପଙ୍କେ ସଡ଼ିବ । ଦୂତି ଗୋ, କୃଷ୍ଣର ପ୍ରେମ ଲୋଭ ଶାନ୍ତି ଭାଙ୍ଗିବ । ନୋହିଲେ ମୋହର ପରି ପ୍ରେମଭୂତ ଲାଗିବ ॥ ତାଙ୍କ ଶ୍ରୀମୁଖରୁ ମୋହପାଇଁ ବିଦା ମାଗିବ । ପଦଧୂଳି ଦତ୍ତକଲେ ସବୁପୁଣ୍ୟ ଜାଣିବ । ଦୂତି ଗୋ, ପ୍ରାଣନାଥରେ ଥରେ ଏହା ଭାଷିବ । ଅଭାଗିନୀକି ଚାରିଲି ଯଶ ସିନା ଦଶିବ ॥ କହୁଥିଲି କହୁଥିଲେ ପରା ଏହା ନାଗର । ବିରହ ଅନଳ ଯାତେ କୋଟିଗୁଣେ ନାଗର । ଦୂତି ଗୋ, ବନ୍ଧୁଙ୍କୁ କହ ଏ ଶଠ ଉତ୍ତର । ସତ ହୋଇଥିଲେ ମୋତେ କରନ୍ତେ କି ଅନ୍ତର ॥ କୁମୁଦିନୀ ବିନା ବାଧା ହୁଅଇ କି ବିଧୁର । ସେ ପୁଣି ନୁହଇ ନିଜ ତାଙ୍କ ବିନା ବିଧୁର । ଦୂତି ଗୋ, ବନ୍ଧୁଙ୍କୁ କହ ଦେଖି ପ୍ରୀତି ଶରୀର । କଳା ହେଲେହେଁ ଆଦର ନ ତେଜନ୍ତି ନିଶିର ॥ ଦେଖୁଛନ୍ତି ଭୃଙ୍ଗ ସଙ୍ଗ ରଙ୍ଗ ତାମରସର । ଅନୁଗତ ଯେନ ମିଳି ମୁଦେ ପ୍ରଭାତବାସର । ଦୂତି ଗୋ, ବନ୍ଧୁଙ୍କୁ କହ ଶାନ୍ତି ଦିଗବାସର ଭଜିଲୁକୁ ଅଙ୍ଗୀକାର ହେବେ ଆଶୀବିଷର ॥ କମଳିନୀରେ ବିଳାସ ସଦା ସହ ପଦର । ବାସଙ୍ଗ ସଙ୍ଗ ରଙ୍ଗ କି ନ କରଇ ଆଦର । ଦୂତି ଗୋ, କହ ବନ୍ଧୁଙ୍କୁ ଏକ ଖାତି ବିସ୍ତର । ରସିକ ସଂସାରେ ସିନା ହାସ ହେବ ସ୍ତବର । ଦାସୀ ଦୋଷୀ ହେଲେ .ତେଜି ବାର ନୋହେ ସୁନ୍ଦର । ଅହଲ୍ୟା ସାଙ୍ଗ ଲଭିଲେ ପରା କାନ୍ତ ସାଦର । ଦୂତି ଗୋ, ବନ୍ଧୁଙ୍କୁ କହ ଦୋଷଥିଲେ ନଧର । ଶ୍ରୀଚରଣେ ଭେଳାଦେଇ ଭାସୁଅଛି ଉଦ୍ଧର ॥ ସେ ଛାଡ଼ିଲେ ମୁଁ ଛାଡ଼ି ତ ନ ପାରିବି ଧନକୁ । ସ୍ତନତଳୁ ଡ଼ରି ହେତୁକ ଛାଡ଼ିଇ କି ଧନକୁ । ଦୂତି ଗୋ, କହ ବନ୍ଧୁଙ୍କୁ ରଖି ସୁଧାରସକୁ । ଶିରଚ୍ଛେଦ ହେଲି ରାହୁ ନ ଛାଡ଼ିଲା

ଆଶାକୁ ॥ ଶତେ ଜନ୍ମ ପର୍ଯ୍ୟନ୍ତେ ଦୃଢ଼ବ୍ରତ ହୋଇଲି । ଆଶାକର ନାଶ ହେବ ବୋଲି ସାଧା ହୋଇଲି । ଦୂତି ଗୋ, କହ ବନ୍ଧୁଙ୍କୁ ଭ୍ରମେ ମୃଗ ଧାଇଁଲି । ଆଶାକର ନାଶହେଲି ଚନ୍ଦ୍ର କି ନ ପାଇଲି । ପତଙ୍ଗ ଦୀକ୍ଷାକୁ ଶିକ୍ଷା ମନ ଏବେ କଲାଣି । ଦଗ୍ଧ ହେବ ପ୍ରୀତି ତହିଁ ଦେହ ଦେବା ହେଲାଣି । ଦୂତି ଗୋ, କହ ବନ୍ଧୁଙ୍କୁ ଆଶା ଲଭ ମଲାଣି । ଲୋଭମନ ଶ୍ରୀପଦକୁ ଦେହ ଛୁଡ଼ିଗଲାଣି ॥ ପ୍ରାଣହିଁ ସେହି ଦୀକ୍ଷାକୁ ଶିକ୍ଷା ଏବେ କରିଛି । ଆନ ଅଭିଳାଷମାନ ଛୁଡ଼ି ଦୃଢେ ଧରିଛି । ଦୂତି ଗୋ, କହ ବନ୍ଧୁଙ୍କୁ ସବୁ ପାଞ୍ଚ ସରିଛି । ଯାହା ଇଚ୍ଛା ତାହା କର ମାଳା ଦେଇ ବରିଛି । କାନ୍ତ ସ୍ନେହେ ମୃଗମଦ କଜ୍ଜଳକୁ ରସିଛି । କଳଙ୍କିନୀ ଅପବାଦ ବଣିଜରେ ପଶିଛି । ଦୂତି ଗୋ, କହ ବନ୍ଧୁଙ୍କୁ କୁଳମୂଳ ନାଶିଛି । ପ୍ରାଣ ପ୍ରାୟଶ୍ଚିତ୍ତ ଏବେ କରିବାକୁ ବସିଛି । ଦୁର୍ଜନ କୁବଚନ ଶରକୁ ଶିର ଆଡ଼ିଛି । କାନ୍ତ ଅନ୍ତ ଉଭୟଙ୍କ ଭୟକୁହିଁ ଏଡ଼ିଛି । ଦୂତି ଗୋ, କହ ବନ୍ଧୁଙ୍କ ଲୋକପେକ୍ଷା ଛୁଡ଼ିଛି । ନିଦାନ ମୁଁ ଅଭିମାନପକ୍ଷୀ ବେକ ମୋଡ଼ିଛି । ଜୀବ ଥିଲେ ଭାବ ହେବ ବୋଲି ଦୁଃଖ ସହିଛି । ପ୍ରତି ଫିଟିଯିବ ବୋଲି ଆକଣ୍ଠରେ କହିଛି । ଦୂତି ଗୋ, କହ ମନ୍ଦାକ୍ଷ ମୁଁ ଦହିଛି । କୃପାନିଧି ତେଜିବେ କି ଏହି ଦମ୍ଭ ବହିଛି । ୨୦ । ଶ୍ରୀଚରଣେ ଭଜିବାକୁ ଆଶାମନେ ଧେନିଛି । କେତେ ଦେବ ଦେବୀଙ୍କୁ ମୁଁ କେତେ ବଳି ମାନିଛି । ଦୂତି ଗୋ, କହ ବନ୍ଧୁଙ୍କୁ ପରାଣକୁ ଦହୁଛି । ଲୁଭ ରହି ରହିଯାଏ ମଦନକୁ କହୁଛି । ଗତି ଆଉ ନାହିଁ ନାହିଁ ସୃଷ୍ଟି ଯାକ ଖୋଜିଛି । ଯାହା ଇଚ୍ଛା ତାହା ହେଉ ଚିନ୍ତାମଣି ଭଜିଛି । ଦୂତି ଗୋ, କହ ବନ୍ଧୁଙ୍କୁ ସବୁ ଦଶା ଘୋଟିଛି । କାମ ଯମ ଜୀବନ ନେବାକୁ ଆସି ବସିଛି । ହେଳା କଲେ ପ୍ରୀତି ଭେଳା ମୋର ବୁଡ଼ି ଯାଉଛି । ଝର୍ଝର କରନ୍ତୁ କେତେ ଅସୁନ୍ଦର ହେଉଛି । ଦୂତି ଗୋ, କହ ବନ୍ଧୁଙ୍କୁ ଏବର୍ଝର ହେଉଛି । ନାଥ ଥାଉଁ ଅନାଥିନୀ

ଦଶା ପରି ବହୁଛି । ବୁଣିଥିଲେ ପ୍ରେମ ବୀଜ ଅଙ୍କୁର ସେ ହୋଇଛି ।
ଘନ ରସ ଆଶା କରି ଏତେକାଳ ଚାହିଁଛି । ଦୂତି ଗୋ, କହ ବନ୍ଧୁଙ୍କୁ
କାମ ଜାଳ ଦେଉଛି । ତହୁଁ ଯେ ବଳୁଛି ପ୍ରୀତିମୂଳ ଖୋଳି
ନେଉଛି । ପ୍ରୀତିପୁରନ୍ଦରଙ୍କୁ ଏ ନିନ୍ଦା ନିକି ନୋହୁଛି । ପଛେ ଦୋଷ
ନ ବାରିବେ ବାରବାର କହୁଛି । ଦୂତି ଗୋ, କହ ବନ୍ଧୁଙ୍କୁ କେହି
ଦେହ ସହୁଛି । ବିସ୍ତରନ୍ତୁ ସବୁ ଆଶା ଏଣିଠାରୁ ରହୁଛି । ୨୫ ।
ଉଦେ ହେଲା ଶ୍ୟାମଘନ ରସ ବୃଷ୍ଟି ନୋହିଲା । ଦୁର୍ଯୋଗ ବତାସ
ପୁଣି କାହୁଁ ଆସି ବହିଲା । ଦୂତି ଗୋ, କହ ବନ୍ଧୁଙ୍କୁ, ସବୁ ଆଶା
ରହିଲା । ପିପାସା ଚାତକୀ ଚିତ୍ତ ଚିନ୍ତା ଚିତା ଦହିଲା । ଶରତ ଗତି
ନୋହିଲେ ଘନରସ ନୋହିବ । ଜ୍ୟେଷ୍ଠ ତାପରେ କି ଆଉ
ପ୍ରେମକୃଷି ରହିବ । ଦୂତି ଗୋ, ପ୍ରାଣବନ୍ଧୁଙ୍କୁ ଏହା ଯାଇ ଭାଷିବ ।
ଏଥି ତାଙ୍କ ଦିବ୍ୟ ଅବଧାନକୁ ଯେ ଆସିବ । ୨୭ । ଆତୁର କହିବୁ
ଥରେ ମୋ ଦପ୍ରିମା ଏତିକି । ଆଉମାନଙ୍କୁ କରିବେ ନାହିଁ ମୋତା
ସ୍ଥିତିକି । ଦୂତି ଗୋ, କହ ବନ୍ଧୁଙ୍କୁ ଉଣା ହେବ ପ୍ରୀତିକି । ଗୁଣ
ବିଚକ୍ଷଣ ନ ଜାଣନ୍ତି କେଉଁ ମତିକି । କହିବୁ ଆତୁର ଥରେ
ଶ୍ରୀମୁଖରେ ନାଥର । କି ଉପାୟରେ ଏଥର ହୃଦ କଲେ ପଥର ।
ଦୂତି ଗୋ, କହ ବନ୍ଧୁଙ୍କୁ ଯାଇ ମୋର ଉତ୍ତର । ସୁଧା ମାଗିଛନ୍ତି
ଦେବ ପ୍ରେମଛଡ଼ା ମନ୍ତ୍ର । ୨୯ । କହୁଁ କହୁଁ ମୁହୁର୍ମୁହୁ ଧନ୍ୟା
ହେଲେ କାତର । ହା ମୋହନ କହି ମୋହଗତି ହେଲା ଶରୀର ।
ଦୂତି ଗୋ, ଏ ଜାତି ଶୀତ ପୋଡ଼ୁ ପୋଡ଼ୁ ପ୍ରୀତିର । ଧୀନ ଅଭିମନ୍ୟୁ
ଭାବେ ପଦ ରସବନ୍ଧର । ୩୦ ।

ଦ୍ୱିପଞ୍ଚାଶତ ଛାନ୍ଦ

ଦୂତି ଯୁଗଳ ଅନୁରାଗ କଥନ
(ରାଗ—ଶୋକ କାମୋଦୀ)

ଶ୍ରୀରାଧା ବାତୁଳ, ପ୍ରେମରସାକୁଳୀ ଘେନଚନ୍ଦ୍ରାଗ୍ରାହକ-ମାନେ । କୃଷ୍ଣ ଅତି ହତେ ଦୂତିକାକୁ ହତେ ପଣ୍ଟରନ୍ତ କର ଧରି ଛନ୍ତେ । ପ୍ରାଣବନ୍ଧୁ, ଶ୍ରୀତି । କହ୍ନ ମୋ ଶ୍ରୁତିକ କର ଗତି । ହସି ଦୂତି ଭାଷେ ପ୍ରେମଜଳେ ଭାସେ ବହ୍ନାଳିତ ମତି ହିନରାତି । ୧ । କାଳିଆ କମଳ ଦେଖିଲେ କମଳ ନୟନରେ ହୁଏ ଜରଜର । ଦେଖି ନବଘନ ତାର ଅପଘନ ପୁଲକ ହୁଅଇ ଥରଥର । ଘନ ସୁନ୍ଦର ହେ । ଯମୁନା ଯିବାକୁ ତରତର । ଏ ଅତି ବଚନ କଜ୍ଜଳରେ ଚନ ଲେଖି ଚୁମ୍ବ ହିଏ ବାରବାର । ୨ । ଦେଖି ତମାଳକୁ ବଲ୍ଲରି କୋଳକୁ ସଜ ହେଉଥାଇ ବାହୁଯୁଗ । ଶ୍ୟାମ ସୁବାସରେ ଆଶ ମାନସରେ କଳାବନ୍ତ ସଙ୍ଗେ ଅନୁରାଗ । ରସଶେଖର ହେ । ଭୂଷଣ ନୀଳେନ୍ଦ୍ର ମଣିହାର । ବସି ରାମାବର ପିନ୍ଧାଇ କବରୀ ଦେଖୁଥାଇ ଥୋଇ ହୃଦେ ତାର । ହେମ ମରକତ ଯୋଖି ଅଶକତ ପର ନେହ ମୁଦ ରହେ କ୍ଷଣେ । ଦଇବ ଘଟନ ମୟୂର ନଟନ ଦେଖି ସୁଖୀ ହୋଏ କେଉଁଗୁଣେ । ଭାବବିନୋଦ ହେ । କୃଷ୍ଣବର୍ତ୍ମ ଶେଯେ ମାତେ ନଦ । ଶ୍ରୀଅଙ୍ଗ ତଳକୁ ଗୁହିଁବା ବେଳକୁ ଚିତ୍ତରେ ଜାତ ହୁଅଇ ମୁଦ । ୪ । କେ ଜାଣେ ଭାବନା ବୃକ୍ଷେ ସମ୍ଭାବନା କେତେ କରେ ବୃନ୍ଦାବନ ଗଲେ । ବୋଲଇ ଆଳୀକି ଏ ବନ ଧୂଳିକି ବୋଳହିଅ ମୋର ହୃଦସ୍ଥଳେ । ନବନାଗର ହେ । ରଙ୍ଗକମଳରେ ସ୍ନେହ ତାର । ଲଗାଇ ହୃଦରେ ଅତି ଆନନ୍ଦରେ ଲଦୁଥାଇ ଶିରେ ବାରବାର । ବସି ମଦାଳସୀ ସୁମନା ତୁଳସୀ ଗଭା କରି ଘେନୁଥାଇ ନିତି । କସ୍ତୁରୀପଙ୍କକୁ କରିବା ଚନ୍ଦକ ବୋଲୁ ସଖି ରହେ ମୁଖ ପୋତି । କାମ ମୋହନ ହେ । କରୁଛ୍ଛି ମାନ୍ତ ସାଙ୍ଗ ପଠନ ।

ଦେଖିଲେ କେତକୀ ବୋଲେ ଏ ପାତକୀ ହେଲା କର୍ମ ଭଙ୍ଗ ବିନୋଦନ । ସୁବଳ ପାଣିକି ଧରି ସେ ପୁଣିକି ମମଭାରେ ପୁଚ୍ଛେ ଥିଲି କାହିଁ । ଗୋବିନ୍ଦ ପାଶରେ ଥିଲି ଏ ଭାଷାରେ ଉଲ୍ଲସି ଉଠଇ ବୃନ୍ଦମୁହିଁ । ଆହେ ଗିରିଧାରୀ । ନନ୍ଦଗ୍ରାମ ଯାଏ ଯେଉଁ ନାରୀ । ତାଙ୍କ ପଦ ଧରି ବୋଲେ ବିମ୍ବାଧରୀ ତୁମେ ମୋର ଗୁରୁଜନ ପରି । ୭ । ଦେଖି ଗୁଞ୍ଜଫଳ ବୋଲଇ ସୁଫଳ ତୋହ୍ନ ଅନୁରାଗ ଏକା ହେଲା । ଗୁଞ୍ଜାରାପାଠିକି ତାହାର ପାଠିକି ଆସଇ ସେ ଯେତେ ବର୍ଣ୍ଣି ଦେଲା । ଆହେ ଗୋପୀନାଥ । ବିଧିର ଏ କେଉଁ ମନୋରଥ । ହସଇଭାଷଇ ସ୍ୱଗୁଣ ନିନ୍ଦଇ ହା ଚୂମ୍ବସ୍ୱରେ ପୋତଇ ମଥା । ୮ । ଶୁଣି ସେ ଚରିତ ବୋଇଲେ ହରିତ ହା ହା ଲୁଚି ମରିଯାଏ ବନ୍ଧୁ । ତୋ ପ୍ରୀତିପଣକୁ ମୁଁ ନିଜ ପଣକୁ ବିକା ହେବି ସତେ କୃପାସିନ୍ଧୁ । ଆରେ ଗୁଣଗ୍ରାହି । କି କି କରି ନ ପାରଇ କହି । ମୁଁ ଅତି ଦାରୁଣ ତବ ପ୍ରେମ ଋଣ କୋଟି ଜନ୍ମେ ସୁଝାଯିବ ନାହିଁ । ୯ । ତୋ ଗୁଣ ସୁମରି ଯେବେ ଯିବି ମରି ସଂସାରେ ପ୍ରଶଂସା ସାରି ହେବ । ଦାସ ବଲ୍ଲୀକି ପ୍ରଣପୁଷ୍ପଳକ ବାନ୍ଧିବା ଭରେ ରହିଛି ଜୀବ । ଆରେ ଗୁଣ କଣ୍ଠୀ । ଏ ଚୁରିକୁ ବଳାଇଲୁ ମତି । ତୋତେ ବୃନ୍ଦମୁହିଁ କେଉଁ ଗୁଣେ ମୁହିଁ ଯୋଗାଇବି ଏହା ଭାବିଲେ ନିତି । ୧୦ । କଲେ ତୁ ସେବକ ଲେଖିବି ପାବକ ତେଣିକି ଆହା ବି ପାରୁ ନାହିଁ । ମୋ ହୃଦ ପୀଠକୁ ଦେବି ତୋ କୋଠକୁ ଯାହା ଇଚ୍ଛା ତାହା କରି ତୁହି । ଆରେ ପ୍ରେମଦାମୀ । ସେ ଯାଇଥିଲେ ଏ ଜୀବ ଯେନ । ଜାଣଇ କୃପଣ ନୋହି ପ୍ରଭୁପଣ ମୋ ଠାରେ କେତେ କରିବ ଧର୍ମ । ୧୧ । ଗୋବିନ୍ଦ ଅଧୀର ଦେଖି ଦୂତୀ ଧୀର କରି ବେଗେ ଚଳିଗଲା । ଶ୍ରୀରାଧା ପାଖରେ ସୁ ଅବକାଶରେ ଗୋବିନ୍ଦ ବପଦ ଶୁଣାଇଲା । ଆରେ ରସନିଧି । ଭାଗ୍ୟକୁ ମିଳଇ ସବୁ ସିଦ୍ଧି । ତୋ ପ୍ରେମ ପସରା କୃଷ୍ଣ ଢଳସାରା କେବଳ ତୋ ଗୁଣେ ବାଇ ବୁଦ୍ଧି । ତୋ ପଦ ପଙ୍କଜ

ଧୂଳିକି ଯତନ ତିଳକ ଯେନଇ କପାଳରେ । ଉରୁ ମନ୍ମଥରେ ତୋ ଗଣ୍ଡପଥରେ ଲେଖିଛୁ କଙ୍କର କର ବାରେ । ଆରେ ଭାବ ଭୋଳ ତବ ଝଡ଼ା ପଡ଼ା ଫୁଲ ତୋଳି । ଚୂଡ଼ାରେ ଗୁଡ଼ାଇ କରଇ ବଢ଼ାଇ ଏବେ ରସିକେନ୍ଦ୍ର ହେଲି ବୋଲି । ତୋ କେଳି ବନରେ କି ଆଚ୍ଛାଦନରେ ଲେଖିବୁ କି କାନ୍ତି ବର୍ଣ୍ଣାବଳୀ । ହେଉଛୁ ନିଧନ ଦସ୍ୟୁ ଧର୍ମ ଧନ ଦେଇ କିଣ ମୋତେ ବନମାଳୀ । ଆରେ ପ୍ରେମଶୀଳା । ଗଣ ତୋ ଗଣଙ୍କ ସଙ୍ଗେ ବାଳା । ସରୁଛି ମୁଁ ଭୂରେ ତୋ ପଦ ପ୍ରଭୂରେ ଥାଉଁ ଥାଉଁ ବୁଡ଼ୁଛି ତ ଭେଳା । ତବ ଚିହ୍ନ କରେ ଲେଖି ବାହ୍ଲି କରେ ପଦ ଧରି କହେ ସାନ୍ତ୍ୱ କରୁ । କ୍ଷଣକାନ୍ତି ଗତି ଦେଖି ବୋଲେ ଗତି, ବେଳେ କର ମୋତେ ରମାବର । ଆରେ ପ୍ରେମୋନ୍ମାଦ । ପିନ୍ଧା ପୀତବାସ ହୃଦେ ଲଦ । ନୟନରୁ ବାରି ବହେ ବାରବାର ଯେମନ୍ତ ଝରଇ ଗିରି ନଦୀ । କି ଯେନ ମନରେ ଶୁଣ ସୁମନରେ ନୟନ ପଡ଼ିଲେ ନ ଚଳଇ । ସ୍ନେହ ଅତି ଆଦରେ କୁଙ୍କୁମ ହୃଦରେ ନିରବଧି ବୋଳି ହେଉଥାଇ । ଆରେ ପ୍ରୀତିବନ୍ତି । ରଜନୀରେ କେତେ କରି ସ୍ତୁତି । ବଳାଇ ଆଣିଲୁ ତୋ ପିନ୍ଧା ବାସକୁ ଶ୍ରୀଅଙ୍ଗେ ଲଗାଏ ଏ କି ରୀତି । ଯେନରେ ସୁମନା ବଳାଇ ସୁମନାମାଳା ଲାଗି ହେଉଅଛୁ ସ୍ନେହେ । ଏ କି ରେ ସୁନାରି ଦେଖିଲେ ସୁନାସି କୋଳ କରିଥାଇ ହା ହା କହେ । ଆରେ ରାଗଲତା । ପିକ ବଚନେ କି ଆଦରତା । ସାରସଗତିକ ଚିହ୍ନୁଁ ମୁକତିକ ପାଇଲୁ ପରାପ୍ତ ପ୍ରମୋଦତା । କମଳ ସଙ୍ଗରେ ମିଳାଇ ଭୃଙ୍ଗରେ ବୋଲେ ଏପରି କି ସତେ ହେବ । ଚଡ଼ାରେ ପ୍ରବାଳ ଅଧରୁ ପ୍ରବାଳ ଖୋଷିବାର ମହା ମହୋତ୍ସବ । ଆରେ ପ୍ରେମମୂର୍ତ୍ତି । ରାଗ ପୁଞ୍ଜେ ଅମିରାଗ ଗତି ସ୍ନେହ ଲମ୍ପଟରେ ତୋ ସ୍ନାନ ଘାଟରେ ଅବଗାହନ ଆଚରେ ନିତି । ଚମ୍ପକ ମାଳୀକି ଲମ୍ବାଇ ଗଳାକ ନିକଟରେ ପରୂରେ କି ମାନିଲୁ । ଫୁଲଗୁନ୍ଥା ମାଳୀ

ସଙ୍ଗେ ବନମାଳୀ ମିଶ ପୁଣି କାହ୍ନୁ ପାଇଁ ହେଲ । ଆରେ ପ୍ରେମକଳା, ନାପିଙ୍ଗଠାରୁ କ ଶିକ୍ଷା କଲ । ବେଶକାରୀମାନେ ଏବେ ସନମାନ ଧନ ନେଲେ ବୋଲି ଶୁଣାଗଲ । ହୃଦୟ ପଦକେ ତୋ ରୂପ ପଦକେ ଆପଣା କାମକୁ ଲେଖିଅଛୁ । ସିଆଇଁ ଝୁଲିକ ତା ବକ୍ଷ ସ୍ଥଳୀକ କେଉଁ ମମତାରେ ସମ୍ଭାଳିଛୁ । ଆରେ ପ୍ରେମଙ୍କାମୀ । ବନାଇଛୁ ତାମ୍ର ଦରଶମା । ବସନ ଲେହିତ ଡମ୍ବରୁ ସହିତ ଗୁପତେ କାହ୍ନିଙ୍କ ସଞ୍ଚିଲଣି । ପୁଣି ଏ ବଚନ କଶୋରୀ ଲୋଚନ କମଳ ଜଳରେ ବୁଡ଼ିଗଲ । ଭଳଇ ରମଣୀ ପ୍ରୀତିଗୁଣମଣୀ ଦୁଃଖ ଏତେ ସହିଯାଏ ଗଲ । ଧିକ ଧିକ ବିହି । ଏଥିକ ସତ ବଳଲ କେହି । ଏତେ ସହିଯାଏ କଥା ପୁଣି ଯାଏ ଏହା ଶୁଣି ପ୍ରାଣ ଅଛି ରହି ॥ ମୋହପର ପଣେ ହେଲେ ଦାସୀ ପଣେ, ପାଦ ସେବା ଯୋଗ୍ୟ ହେବ ନାହିଁ । ଏତେ ଅଭାଗିନୀ ହେବାକୁ ଭୋଗିନୀ, ଏତେ ଆଶା ବଳାଇବି କେହି । ଆହେ ପ୍ରାଣପ୍ରଭୁ । ପ୍ରଣୟ ଆନନ୍ଦ ସୁଖବିଭୁ । ଏ ଗୁରୁକୁ ମତିଠାରେ ଦେଲ ମତ ନ ଜାଣି କରି କ ଲଭ ଲୋଭୁଁ । ହେବେ ଯେବେ ଚିତ୍ତ ନନ୍ଦାସ୍ପ କାଞ୍ଚିତ ରମା ଉମା, ରତି ଦାସୀ ହେବେ । ଚାହିଁଲେ ମୂରତି ବଲ୍ଲଭବରଣି, ରତି ଆଶେ ଧୃତି ନ ରଖିବେ । ଆହେ ପ୍ରାଣେଶ୍ୱର । ଅମୃତସାଗର ନାମ ଯାର । ଶୁଣିଲେ ଗୁଣକୁ ବିବେକ ପଣକୁ, ଦେବମାତା କରିଦେବେ ଦୂର ॥ ଏମନ୍ତ ଦୁର୍ଲ୍ଲଭ କ କରି ସୁଲଭ, ହେବ ବୋଲି କଲ ଆଶା ଦୂର । ଏ ଭାଗ୍ୟ ବିରଞ୍ଚି ଭାଲେ ଥିଲ ରଚ, କ କରି ଜାଣନ୍ତି ନାରୀ ଗୁର ॥ ଆହେ ପ୍ରାଣବନ୍ଧୁ । ସ୍ୱତଃସିଦ୍ଧ ତୁମେ କୃପାସିନ୍ଧୁ । ଦାନରେ ସଦୟ ହୋଇଛ ଉଦୟ ଯେମନ୍ତ ନଶିକ ରସେ ବିଧୁ ॥ ପାଇ ଚିନ୍ତାମଣି ଶିଳକଣା ମଣି ମୁଁ ପାପିଷ୍ଠୀ କଲି କ ହେରାଶ । ଯେମନ୍ତ ଦ୍ୱିଜପ୍ରିୟା ଚାନ୍ଦ ମା ପ୍ରୀତିଆ ପଣ କଲ ତୁମ୍ଭେ ପରକାଶ । ଆହେ ପ୍ରାଣଈଶ ବୁଦ୍ଧି କଲ ଦ୍ୱନ୍ଦ୍ୱନ ଯଶ । ମୋ ହୃଦ କୁମୁଦ, କଳାକର ମୁଦକଲ

ନ ବିଚାରି ଗୁଣ ଦୋଷ ॥ ଏମନ୍ତ ବିଚାରୁ, ରାଧା ମୁଖ ଚାହୁଁ ଅରୁଣ ପରାୟେ ହସିଗଲା । ପୁଲକ ଗଣ୍ଡରୁ ହା ବନ୍ଧ ଭୁଣ୍ଡରୁ ବାରମ୍ବାର ବଳେ ବାହାରିଲା । ବୋଲେ ଧିକ ଧିକ ଛି ଛି ରେ ଜୀବନ ଅବିବେକ । ନ କଲୁ ସଞ୍ଚାର, ଏ କେଉଁ ବିଚାର ବୁଡ଼ାଇଲୁ ଡ଼ାଳେ ପ୍ରୀତିଟେକ ॥ ଅମୃତ ବାରିଧି ତେଜିଲୁ ଆରାଧି ଅଛୁଁ ଭୁଞ୍ଜି କୁଳ ଲାଜ ଧର୍ମ । ପ୍ରଣୟ କନ୍ଦଳୀ ବନ୍ଦ ଦେଲୁ ଜଳ ପୋଡ଼ି ପୋଡ଼ି ଅଭାଗିନୀ କର୍ମ । ଆରେ ପାପୀ ମନ ଯେସ ସଙ୍ଗେ ଥିଲୁ ଦେଖାଦେନ । ବନ୍ଧୁ ରଖ କରି ଶ୍ରୀପଦେ କଙ୍କଣ କୁହାଇଲୁ ନାହିଁ ଏ ବଚନ । ଏପରି ଭାବନା କରୁଁ କରୁଁ ବନ୍ୟାନଳ ପରି ହୃଦ ଦହେ ପ୍ରୀତି । ସ୍ୱେଦଜାତ ତନୁ କମ୍ପିଲା ସୁତନୁ ଆଚରିଲା ଭୂତାବେଶ ରୀତି ॥ ଏ ଦଶାକୁ ଦେଖି ଦୁଃଖରେ ମଜ୍ଜିଲେ ପ୍ରିୟ ସଖୀ । ବୋଇଲେ ଦୂତିକି ତୋ ଯୋଗୁ ଏତିକ ଲଭ ପାଇଲା ଆଜନ୍ମ ସୁଖୀ ॥ ସେ ବୋଲେ ରାଧିକା ପ୍ରେମ ଆରାଧିକା ମୋ ବଚନ ମନେ ଥିଲ ଯେବେ । କେଡ଼େ ବଇଭବ ହୁଅନ୍ତାନ ଭବ ପର ଛାର କି କରନ୍ତା ମାନ । ଆଗୋ ସଖୀବ୍ରଜ । ଅଙ୍ଗୀକାର ଲେଖି ଲେଖ ଆଜ । ମଦନ କଦନ କରି ବିଚ୍ଛେଦନ ଭେଟାଇ ଦେବ ରସିକ ରାଜ । ମନ୍ତ୍ର ଉପଦେଶ ପରାୟେ ସନ୍ଦେଶ ମଣି ଗୁଣମଣି ଗୁଣ ଗୁଣି । ପ୍ରଣୟ ସିନ୍ଧିକି ଲଜ୍ଜାଜଳଧିକି ବଳେ ବଳେ ବସାଇଲା ପୁଣି । ମର୍ଯ୍ୟାଦାକୁ ରଖି । ସ୍ଥିତେ ରହ ମନ ଜାଣି ସଖୀ । ବୋଇଲେ ଦୂତିକି ତେଣୁ ଏ ରାତିକି କରାଅ ବୋଧିବା ଚନ୍ଦ୍ର ମୁଖୀ ॥ ଚାଲି ଏ ବଧିକ କୃଷ୍ଣ ସନ୍ନିଧିକି ଅତି ବେଗଭରେ ଚଳିଗଲା । ବୋଲଇ ସାମନ୍ତ ସିଂହାର ସାମନ୍ତ ପୁଣ୍ୟ ଆଜ ମୋର ଧନ୍ୟ ହେଲା । ଆହେ ଧୀର ଜନେ । ଯେଉଁବାର ହେଉ ଅବଧାନେ । ପ୍ରସଙ୍ଗ ଶୃଙ୍ଖଳି ଦେବ ମୁକତିକି ଆଉ ଛନ୍ଦକୁ ରୂପିଲେ ମନେ । ୩୦ ।

ଏକସପ୍ତତିତମ ଛାନ୍ଦ

ରାଗ—ଭୂପାଳ

ଦିନେ ଦିନେ ଚତୁରୀ, ପ୍ରେମେ ହୋଇ ଆତୁରୀ, ମିଳେ ଏକାନ୍ତେ କହନ୍ତି ବଂଶୀ ଗୁଡ଼ୁରୀ । ଶବ୍ଦ ସ୍ୱରସେ ଜାତ, ସରଳତା ସଂଜାତ, ପତିବ୍ରତାଙ୍କ କରିଉଅଛୁ ଲଜ୍ଜିତ ॥ ମନ୍ଦତରେ କମ୍ପିତ, ବାଜୁଅଛୁ ଲଳିତ, କି କେ କୁଳବତୀ ମନ ଦିଏ ଦଳିତ । ମନ ନିଏ ରସାଇ, ଧୈର୍ଯ୍ୟ ଦିଏ ଭସାଇ, ତା ଜାତିରେ ନେବ ପରା ଏବେ ମିଶାଇ ॥ ତନୁ ପୋଡ଼ାଇଲୁ ତ, ମନ ବୁଡ଼ାଇଲୁ ତ, ଶ୍ରବଣ ତା ମଧୁରତ ନେଉଡ଼ାଇଲୁ ତ ॥ ବାସ ପଡ଼ାଇଲା ତ, ମତି ଟଳାଇଲା ତ ବିବେକ ଚେତନା ବେଙ୍କ ମୋଡ଼ାଇଲା ତ ॥ ଲୁହ ଗଡ଼ାଇଲା ତ, ଇଚ୍ଛା କଢ଼ାଇଲା ତ, ଦମ୍ଭତରୁ ସମୂଳରେ ଉଡ଼ାଇଲା ତ ॥ ଲୋଭ ଚଳାଇଲୁ ତ, ବଳେ ବଢ଼ାଇଲା ତ, କଳଙ୍କ ପଙ୍କେ ଗଡ଼ାଇ ସଢ଼ାଇଲା ତ ॥ କାମେ ଚଢ଼ାଇଲା ତ ଆଣି ଛେଦାଇଲୁ ତ; ପ୍ରଳୟ ଅଚଳ ହୃଦେ ଲଦାଇଲୁ ତ ॥ ବାଦ ବସାଇଲୁ ତ; ମାଦ ଖସାଇଲୁ ତ; କରଜ ଲଙ୍ଗଳେ ମନ୍ଥ ଚଷାଇଲୁ ତ । ତାପେ ତପାଇଲୁ ତ, ନାମ ଜପାଇଲୁ ତ; ନିରବଧି ହୃଦୟକୁ କମ୍ପାଇଲୁ ତ ॥ ଜ୍ଞାନ ହରାଇଲା ତ, ନିଷ୍ଠ ଡରାଇଲା ତ; ଅପଖ୍ୟାତି ଲୋକେ ଆଣି ଭରାଇଲା ତ ॥ ମଧୁ ପିଆଇଲା ତ, ଭ୍ରମ ଦିଆଇଲା ତ; ନୂଆ ହଟହଟା ହାଟ ଭିଆଇଲା ତ ॥ ଆଶା ଜଗାଇଲା ତ, କଣ୍ଠ ଭଙ୍ଗାଇଲୁ ତ, କେ ଜାଣେ କି ଭୂତ କାଇ ଲଗାଇଲା ତ । ଧୀରେ ଶିଖାଇଲୁ ତ, ସୁଧା ଚଖାଇଲା ତ, ନାମ ମୋହନ ମୁରତି ଦେଖାଇଲା ତ ॥ କଣ୍ଠୁ ସୁଖାଇଲା ତ, ସୁଖ ରଖାଇଲା ତ, ଦ୍ୱନ୍ଦ୍ୱ ହେବା ପଣ ବଳେ ଲେଖାଇଲା ତ ॥ ନିତି ବଞ୍ଚାଇଲା ତ, ପାଞ୍ଚ ପଞ୍ଚାଇଲା ତ; କେତେ ଜାତି ହାଟ ନାଟ ନଚାଇଲା ତ ॥ ଧୈର୍ଯ୍ୟ ଲୁଟାଇଲା ତ; କୁଳ ଛୁଟାଇଲୁ ତ; ଗଞ୍ଜିତ ରଞ୍ଜିତ ଏବେ ଘଟାଇଲା ତ ॥ ପଟହୁଡ଼ାଇଲୁ

ତ, ଚେତା ବୁଡ଼ାଇଲା ତ, ଆନ ଅଭିଳାଷ ରଜୁ ଛୁଣ୍ଡାଇଲା ତ ॥
ସେ ଗୋ ଏଡ଼େ ମହତ, କାହିଁ ଥିଲା କହତ, ମୋ ଜୀବନ ନିଶ୍ଚେ
ମୁନି କହୁଥିଲେ ଧନେ କେତେ ପରି ତ । କରିବାହିଁ ବିହିତ,
ଏବେ କରିବ ହିତ ॥ ମିତ କହେ ହିତ, ଶୁଣ ବଂଶୀ ଚରିତ,
ଅଲୌକିକ ସେହି ତ, ନାରଦପୁଣ ରହିଛନ୍ତି ସ୍ୱୟଂ ବିଦିତ । ଧ୍ୱନି
ଯାହାର ବଳ, ଭେଦେ ବ୍ରହ୍ମାଣ୍ଡ ବଳ, ଅବଳା ମାହଜେ ତହୁଁ
ପାରିବ କଳ ॥ ଯାହା ଶ୍ରବଣେ ବଧି, ସରଜିଲା ଅବଧି, ଆଉ କେ
ରଖି ପାରିବ ଅବା ସ୍ୱବଧି । ଶୁଣି ବ୍ରହ୍ମା ମୁଖରେ, ବେଦ ନ ସ୍ଫୁରେ
ଖରେ, ସୋମସୂର୍ଯ୍ୟାଦି ଗମନ ସ୍ତମ୍ଭନ ଖରେ ॥ ଯାହା ଯଶ ସ୍ମରସେ
ଶୀତ ଗଙ୍ଗା ସୁରସେ ତେଣୁ ଶିରେ ବହିଛନ୍ତି ହର ହରଷେ ।
ଜଗଜ୍ଜୟକାରିଣୀ, ପାପ ତାପ ହାରିଣୀ, ବ୍ରତଦ୍ରବ୍ୟ ଯେନି ବିଷ୍ଣୁ
ପଦ ଧାରିଣୀ ॥ ଏଡ଼େ ଗୁଣ ଯାହାର, କଥନ ସେ କାହାର, ବିଶ୍ୱ
ଦେବ ହେବ ଏକ ସ୍ୱରେ ତାହାର ॥ ଗୁଣ ଅତି ଗହନ, ନାଦ
ବିଶ୍ୱ ମୋହନ, ଅସାଧ ସାଧନ୍ତି ଯାହା ଯେନ ମୋହନ । ଜୀବ
ତେଜେ ସଜୀବ, ଜୀବ ପାଏ ଅଜୀବ, କୁଳଶୀଳ ବିପରୀତ ଧର୍ମ
ଅର୍ଜିବ ॥ ଅଚେତନକୁ ହିତ, ଚେତା ହୋଇ ମୋହିତ, ଚରାଚର
ରହି ବଳେ ସ୍ତମ୍ଭ ନୋହିବ ॥ ଆଦିକରି ଗୋଲକ ଯେତେ ଅମର
ଲୋକ, ଯା ଧ୍ୱନି ଶ୍ରବଣେ ଆସି ହୁଅନ୍ତି ଲୋକ ॥ ପାଇ ଭୂମି
ତହିଁକି, ଆନ ଲକ୍ଷ୍ୟ କେହି କି, ପରମ ଧର୍ମ ଲଭ ନାହିଁ କି ॥
ଏହା ଶୁଣି ରାଧିକା ହେଲା ପ୍ରେମ ଅଧିକା, ବୋଇଲେ ବୁଝାଅ
ନ ବହୁ ସେ ଅଧିକା ॥ ବାଦ ଲଗିଛୁ ତାର, ମୋତେ ତହିଁରୁ
ତାର, ମୋ ନାମ କେ ବାହା ଆଗେ କଲା ବିସ୍ତାର ॥ ଗୋପ
କେବେ ନାହିଁ ତ, ମୋତେ ହେଲା ଅହିତ, ନିରବଧି ରାଧା ରାଧା
ଡାକେ ସେହି ତ ॥ କହ ଯାଇଁ ତହିଁକି, ଘରହାସୀ ମୁହିଁକି
କୁଞ୍ଜବନକୁ ଡକାଇ ମୋତେ କାହିଁକି ॥ ବନମୃଦ୍ରେ କହିବ,

ମୋତେ ଦୟା ବହିବ, ଗୁରୁଜନ ଥିଲେ ଡାକିବାର ନୋହିବ ॥ କାହିଁ ପାଇଁ ବଧିବ, ଏତେମାନ ବଧିବ, ରନ୍ଧନକାଳେ ଡାକିଲେ ବଡ଼ ବାଧିବ ॥ ନ ଦେଖିଲେ ଆରତି, ନ ରହିବ କୀରତି, କରଗତି ହେଲେ ସାରିଦେବ ସୁରତି ॥ ହସି ସଖୀରତନ, କଲା ଭଙ୍ଗି ବଚନ ତାହା ଯୋଗୁଁ ହେବ କେତେ ସୁଖରତନ ॥ ସୁଧାନାମ ତାହାର ନିରବଧି ଆହାର, ଆଉ ସେ ଭଜିବ ପୁଣି ନାମ କାହାର ॥ କି କରିବ ଦଣ୍ଡନ, ସେ ତ ଦୁଃଖ ଖଣ୍ଡନ, ପାରିବ କେତେ ଜାତିରେ ସେ ତ ମଣ୍ଡନ ॥ ଶୁଣି ମୁଦ ବିଧିରେ, ଦେଖ ଏ ରସ ଧୀରେ; ଅଭିମନ୍ୟୁ ବଂଶୀ ଭାବ କହେ ବିଧିରେ ॥

ସପ୍ତ ସପ୍ତତିତମ ଛାନ୍ଦ

ରାଗ-ପୂରବୀ (ହରି ଚଉତିଶା ବାଣୀରେ)

କଣୋଖି ବଧୂରେ ଦୂତିକା ବଧୂରେ ଜଣାଏ ବଧୂରେ ଯାଇଁ । ଆନୁଜେମାକୁ ଯେ କ୍ଷମା ଆଉ ରମା ଉପଗତ ନ କରଇ ହେ । ହରି । ହରି ବୋଇଲେ ଯାଉଛି ସରି ହେ ॥ ହରି ହେଲେ ନ ରଖିବେ ହରି ହେ ।୧। ଉପଗତ ରସ ଘାତରେ ବିରସ କରୁଅଛି ମନସୁତ । ମୋ ପରି ପାତକୀ ସାଗର ସୁତ କି ଦେଇଛି ବଶିଷ୍ଠସୁତ ହେ । ଦେବ । କୁଞ୍ଜିସୁତକୃତ କେ ଭାଙ୍ଗିବ ହେ । ରାମ ପୁନ ମାସ ଅଛି ଜୀବ ହେ ।୨। ଜଗତ ପରାଣ ଯେ କରେ ଭକ୍ଷଣ ତାକୁ ଯେ କରେ ଭକ୍ଷଣ । ତାହା ଧ୍ୱଜ-ମାତ ତାତଗର୍ଭ ଗତ ବାସବ ସତ ସ୍ମରଣ ହେ ଧୀର । ଏତେବେଳେ ପ୍ରତିକାର କର ହେ । କେହି ବୋଲିଅ ରସଶେଖର ହେ ॥ ଜଳସୁତ ସୁତ ତା ସୁତ ତା ସୁତ ତା ସୁତ ସୁତ ତା ସୁତ । ତା ସୁତା ସୁତ ସୁତ ହେଲା ଜୀବତ-ନାଶ ପ୍ରେମେ ଉପଗତ ହେ । ବୀର । ତୁମ୍ଭେ ବୋଲିଅ ରସଶେଖର ହେ ପ୍ରିୟା । ପ୍ରୀତି କରୁଅଛ ଦୂର ହେ ।୪। ବୀର ହେ ବୀର ହେ

ସ୍ଥବିତ ବିରହେ ଜୀବନ ତ ଜୀବସତେ । ନବୀନା ସତେ ନ ବିନା-
ଶିତ ପୁଣି ଧର୍ମରାଜ ବୋଇଲୁ ତ ହେ । ଛନ । ରାକା ଲେଉଟହେଲୁ
ସବନ ହେ । ବସିକରି ସେ କରୁଛି ଧାନ ହେ । ୫ ଆଦ୍ୟ ଯୋଗ
ଜ୍ଞାନେ ବେନଯୋଗ ବିନେ ତିନଯୋଗ ନ ରଖିବ । ଚତୁର୍ଯୋଗ
ଦତ୍ତ ନ କଲେ କି ପାଞ୍ଚଯୋଗ ତୁମ୍ଭଙ୍କୁ ମାନିବ ହେ । ଈଶ ।
ଷଷ୍ଠଯୋଗେ ବାଳୀ ଦେବ ଝାସ ହେ । ସପ୍ତଯୋଗ ନାମେ ଏ
ବିନାଶ ହେ । ୬ । ଅଷ୍ଟଯୋଗେ ବିନାଶର ନବଯୋଗ ହରପରଶର
ମାରି । ଦଶଯୋଗ ଧୀରେ ଏକାଦଶଯୋଗ ବାହୁଲତା ଦେଲୁ
କରି ହେ । କାନ୍ତ । ବାରଯୋଗ ପ୍ରଣୟୁ ଅନ୍ୱିତ ହେ । ତେରଯୋଗ
ପୂର୍ବ ହତ ସତ ହେ । ୭ । ଚତୁର୍ଦ୍ଦଶଯୋଗ ଉଚ୍ଚିତ ଅଛଇ ପଞ୍ଚଦଶ
ଯୋଗ ରତି । ଷୋଡ଼ଶଯୋଗରେ ପଡ଼ି ନାହିଁ ନାମ ସପ୍ତଦଶ
ଯୋଗ ଶାନ୍ତି ହେ । ହରି । ଅଷ୍ଟାଦଶ ଯୋଗେ ଅଛି ନାଶି ହେ ।
କାମ ଊନବିଂଶ ଯୋଗ ଧରି ହେ । ୮ । ବିଂଶତି ଯୋଗକୁ ଇଚ୍ଛା
କରିଅଛି ଏକବିଂଶ ଯୋଗ କରି । ଦ୍ୱାବିଂଶତି ଯୋଗ କାମକୁ ତ
କଲେ ତ୍ରିବିଂଶତି ଯୋଗବାର ହେ । ଗୌର । ଚତୁର୍ବିଂଶ ଯୋଗ
କୀର୍ତ୍ତି ସାର ହେ । ପଞ୍ଚବିଂଶଯୋଗ ମୂର୍ତ୍ତି ଧରି ହେ । ଷଣ କାନ୍ତ
ପାଇଁ ଷଇକେ କେ ହେବ ଷଡ଼ବିଂଶଯୋଗ ସିଦ୍ଧି । ସପ୍ତବିଂଶ
ଯୋଗ ଶ୍ଳେଷାର୍ଥରେ ସାର୍ଥ ହେବ ସିନା ପରସିଦ୍ଧି ହେ । ନାଥ ।
ପ୍ରେମ କୃଷି ଜ୍ୟେଷ୍ଠ ଛାପେ ବ୍ୟର୍ଥ ହେ । ମିଥୁନରେ ତା ବୃଦ୍ଧି
ଯଥାର୍ଥ ହେ ॥ କର୍କଟୀ ରସବନ୍ତ ହେଲେ ହୃଦୟୁ ସେ ବଧି ହେବ
ଅବଧି । ସିଂହପରି ପରାକ୍ରମ କରି ମାରି ମାରୁଅଛି ରସନିଧି ହେ
ଶ୍ୟାମ । କନ୍ୟକାର ବଢ଼ାଇଲେ ପ୍ରେମ ହେ । ଭୁଲ ନାହିଁ ଏବେ
ଯାହା କାମ ହେ ॥ ବୃଶ୍ଚିକ ଘାତକୁ କଳାଧନୁ ଧରି ମକରକେତନ
ଏବେ । ଦମ୍ଭ କୁମ୍ଭ ଭେଦ ହେଲେ ରସ ଉଚ୍ଛିବାର ହେବ କେଉଁ
ଭାବ ହେ । କାନ୍ତ । ମଧୁ ମାଧବ ଭାବ କେମନ୍ତ ହେ । ମୀନ ବି-

ବିହାନ ଯେମନ୍ତ ହେ । ମେଷ ବୃଷ ପରିତାପକୁ ଅବଳା ସହି ରହିବ କି କରି । ମିଥୁନ ଘନରସ ବିନା କଞ୍ଚିତ କକଡ଼ା ପାରିବ ତରି ହେ । ଶୁରି । ସିଂହ ଘାତ ତୁମ୍ଭେ ସହିପାରି ହେ । ଆନେ ନୁହଇ ସେ ସହିବାର ହେ ॥ କନ୍ୟା ତୁଳା ବୃଶି ପରସ୍ପେ .ଉଡ଼ିଲ ଲୋକେ ତୁମ୍ଭ ଅପବାଦେ । ଅଳି ଭାବ ନାନା ସୁମନାରେ ସିନା ତୁମ୍ଭେ କରି ଅନୁମୋଦେ ହେ । ସତ । ଶୁଣେ ବଳ ଭଳ ବାମନତ ହେ । ମକରିର ଘାତ ଅପ୍ରମିତ ହେ । ଘଟ ବିଘଟନ ହେଲେ ଯୋଷା ମାନ ସୁଶୋଭନ ହେବ କେହ୍ନ । ହରି ଗ୍ରହ ଅଛୁ ପଦ୍ମୀକ ପ୍ରେମ ଚନ୍ଦ୍ର ଦେଉଛନ୍ତ ଦହି ହେ । ଖରେ । ଗୁରୁ ଶୁଭଦାମ୍ନୀ ହୁଅ ଥରେ ହେ । କବି ବାକ୍ୟେ ତା ଦଶା ନ ସରେ ହେ । ବୁଦ୍ଧ କେଶରୀଙ୍କ ବୋଧ କେ କରିବ ମଙ୍ଗଳ ଖ୍ୟାତ ପାଇଁକି । ସଉରି ବିପକ୍ଷ ହେଲେ କାମ ତମ ଛେଦନ ହେବ ନାହିଁକି ହେ । ଭାବ । କେତୁ ବୋଇଲେ ସବୁ ସରିବ ହେ । ଗଣ୍ଡି ଆନ କେବା ଦେବ ଦେବ ହେ । ନକ୍ଷତ୍ରମାଳରେ ବରଣ କରିଣ ନକ୍ଷତ୍ର ନାମ ସରୁଛି । ଦିନମାନ ବାର ଭୋଗ ହୋଇବାର ଭଣା କାହାକୁ ହେଉଛି ହେ । ଘେନ । ବିଧିଠାରେ ଲଗ୍ନମାନ ଜାଣ ହେ । ଗୁଣଗଣେ ଗଣିକ ସମାନ ହେ । ଜନ୍ମ ତୁମ୍ଭର ମୃତ୍ୟୁ ନଷ୍ଟେ କରିବ ଦେହତ ରହିବ ନାହିଁ । ଉନ୍ମାଦ ବଢ଼ିବ.କାମିନୀ ରତିରେ ହେବ ଜମ୍ବୁବାଳ ଏହି । ତା ଶୁଣି । ଘନେ ଅପୂର୍ବ ସେ ହରି ଭଣି । ଦୂତ ମୁଦ ହେଲା ତାହା ଶୁଣି ॥ ସେ ସୁରସଦାନୀ ନ ତାରିଲେ ଦାନ ଅଦେହ ରଖିବ ନାହିଁ ॥ ସ୍ନେହାମୃତ ନିଧି ସୁର ପରସିଦ୍ଧି ଅବିଗୁଣ ନାହିଁ ତହିଁ । ଏ ଭାବେ । ଦୂତି କୃଷ୍ଣଙ୍କୁ କହେ ହରଷେ । ନିଶି ଅହରେ ରସେ ସୁରସେ ସେ । ଧାଇବାର ଗମା ହରିଣୀ ଫେରାଇ ହିରିବାଣୀ ଆଣି ଦେବ । ବିଦା ହୋଇ ଦୂତି କହେ ଶ୍ରୀମତିଙ୍କ ଗୋବିନ୍ଦ ବିନୟ ଭାବ । ଗୋ ଧନି । ମାରି କରିଅଛି ଅତି ଗ୍ଲାନି ଗୋ । ଅଭିମନ୍ୟୁ ଭାବ ମନେ ଘେନ ଗୋ ॥

ପଞ୍ଚଦଶଛାନ୍ଦ

— ରସକଲ୍ଲୋଳ—

(ରାଗ—ଆହାରୀ)

କ୍ରମେ ମଧୁ ଶେଷ ହୁଅନ୍ତେ ପ୍ରବେଶ ହୋଇଲା ଗ୍ରୀଷମ ସମୟ । କରମାଳକର ମହା ଖରତର କମଳ କୁମାର ପରାୟ । ସୁଜନେ । କି କହିବା ମହି ତପତ । କଇବାଲ ନୃତ୍ୟ ପଥିକ ପାଦକୁ ସଂଗ୍ରାମ ଭୂମି ଅଶ୍ୱବତ । କୁଶଳ ନର୍ତ୍ତକୀ ଭ୍ରମରୀ ପରାୟେ ଭ୍ରମିଲେ ବାତ ଚକ୍ରମାନେ । କୁଟ୍ଟମ୍ଭୀ ଧନଜନ ମନ ପରାୟେ ସନ୍ତାପି ହେଲେ ଏକ ଦିନେ । ସୁଜନେ । କୃଶ ହୋଇଲେ ନଦୀ ଜଳ । କାନ୍ତ ଘନରସ ବହିନେ ଯେମନ୍ତ ଦଶନ୍ତ ବିରହିଣୀକୁଳ । କୁରଙ୍ଗନୟନା ନୟନତରଙ୍ଗ ବଳ ମୃଗତୃଷ୍ଣା ଦିଶିଲେ । କଳା ମେଘ କ୍ରୋଳେ ବିଜୁଳି ପରାୟେ ବନେ ବନଅଗ୍ନି ହସିଲେ । ସୁଜନେ । କାହିଁ ତୃଣରାଜେ ଫୁଟନ୍ତି । କାମିନୀ ସୁରତ କାଳେ ମନମଥ ଶରବ ପରାୟ ଘଟନ୍ତି ॥ କୃପଣ ସାମନ୍ତ ସେବକ ପରାୟେ ତାପେ ଜର୍ଜ୍ଜର ସୂର୍ଯ୍ୟ କାନ୍ତ । କାନ୍ତରହିତ କାନ୍ତାପ୍ରାୟେ ହୋଇଲେ ସରସୀମାନେ ବେଶଅନ୍ତ । ସୁଜନେ । କେବଳ ଭକ୍ତିରଙ୍କ ପ୍ରାୟେ । କଚ୍ଛପମତ୍ସ୍ୟ ମଣ୍ଡୂକମାନଙ୍କର ଦୁର୍ବଳ ହୋଇଗଲା କାୟେ । କମଳ ବିରହେ କବବର ରହେ ମହାଗହନ ଆଶ୍ରେ କରି । କର୍ଦ୍ଦମରେ ପଡ଼ି ଫେନ ମୁଖେ ରଡ଼ି ଗୁଡ଼ନ୍ତି ଗନ୍ଧର୍ବ ବଇରୀ । ସୁଜନେ । କୁଞ୍ଜ ଭିତରେ ପକ୍ଷୀମାନେ । କେବଳ ଯୋଗୀ ଧ୍ୟାନ କଲା ପରାଣେ ନିଶ୍ଚଳେ ରହିଲେ ମଉନେ ॥ କରିବାକୁ ପ୍ରାଣରକ୍ଷା ନିଜ ପ୍ରାଣ ପରକୁ ଦେଲା ପ୍ରାୟ ହୋଇ । କୋକମୃଗ ଯାଇ ଭୟକୁ ପଳାଇ ସିଂହଗୁମ୍ଫାରେ ହେଲେ ଶାୟୀ । କୋବିଦେ । କୁଣ୍ଡଳୀକୁଳ ଏହିରୂପେ । କଳାପୀ କଳାପ ତଳରେ ରହିଲେ ପାଇ ବିପତ୍ତିକି ଆତପେ ॥ କାହିଁ ଗଲା କି ବନଲତା ଶୋଭାକନ କାନ୍ତହତ କାନ୍ତା ପରାୟେ । କରିଥିଲା ସିନା

ବସନ୍ତ ତାହାକୁ ନବପଲ୍ଲବେ ତୋରଣମଣ୍ଡେ । କୋଷବଦେ । କାଳେ ସେ ଅନ୍ତର ହୋଇଲା । କନ୍ଦର୍ପ ଦର୍ପ ରହିତ ହୋଇ ଶାଖା ଅଗ୍ରବେ ହୃଦରେ ଶୋଇଲା । କୁଞ୍ଜେ କୁଞ୍ଜେ ବସି ଝିଙ୍କାରି ଡାକଲେ କାମ କେଳିବାଟ ପଡ଼ିଲା । କୁସୁମ କାଣ୍ଡି ମଣ୍ଡି ହୋଇ ଅର୍ଜ୍ଜୁନ ବିଯୋଗୀ ହୃଦୟ ଛାଡ଼ିଲା । କୋଷବଦେ । କେଉଁ ପଥିକ ତାପବଳେ । କରନ୍ତେ ଗମନ ଶ୍ରମଘାତ ଯାଇଁ ବସନ୍ତ ବନ୍ଧୁ ପାଦ ତଳେ । କୃପଣ ଧନ ସଞ୍ଚିଲା ପ୍ରାୟେ ମଧୁ ସଞ୍ଚିଲେ ମଧୁକରମାନେ । କେ ଜଳଛତ୍ର ପବନ ମାନ ଦେଲେ ବ୍ରାହ୍ମଣ କରେ ସ୍ଥାନେ ସ୍ଥାନେ । କୋଷବଦେ । କେଉଁ ଈଶ୍ୱର ଅନୁଗ୍ରହୀ । କର୍ପୂର ଚନ୍ଦନ ଅଙ୍ଗେ ବୋଳି ହୋଇ ସୁଧା ମଣ୍ଡିତ ଗୃହେ ରହି । କେ ଗୀତ କବିତ୍ୱ ବେଣୁ ବୀଣା ନୃତ୍ୟରଙ୍ଗେ ଦିନମାନ ହରନ୍ତି । କେ ବସି ଏକାନ୍ତେ କାମିନୀ ସଙ୍ଗତେ ଚନ୍ଦନ ପିଚକା ମାରନ୍ତି । କୋଷବଦେ । କେ କରେ ନଳିକା ବିହାର । କେ ସ୍ୱେଦ ଉପରେ କରନ୍ତି ତାଳବୃନ୍ତ ନ କରଇ ବାହାର । ୧୦ । କେ ଦିନଶେଷରେ ଦିନକର କରେ ତାପ ପାଇ ଜଳେ ବୁଡ଼ନ୍ତି । କେ ମହା ବକଳେ ବସି ଶୀତସ୍ଥଳେ ଶୀତଳ ପବନ ଲୋଡ଼ନ୍ତି । କୋଷବଦେ । କେତେ କହିବି ଏ ପ୍ରସଙ୍ଗ । କେବଳ ଶୀତକାରକ ଦ୍ରବ୍ୟ ବିନୁ ଆନ ଲୋଡ଼ିଲା ନାହିଁ ଅଙ୍ଗ । ୧୧ । କାନ୍ତ ପ୍ରବଳ ଗ୍ରୀଷ୍ମରେ ବିକଳ ହୋଇ ସକଳ ଗୋପାଙ୍ଗନା । କରିବେ ବୋଲି ଜଳକ୍ରୀଡ଼ା ଚଞ୍ଚଳ ହୋଇଲେ ଚପଳଲୋଚନା । କୋଷବଦେ । କମଳ କୁଟିଳ କୁନ୍ତଳା । କାମ-କେଳିକଳାକୁଶଳା ସୁଶୀଳା କେତକୀ ଗୋପୀ ପ୍ରେମଶୀଳା । ୧୨ । କରି କୁମ୍ଭସ୍ତନା କୋକିଳବଦନା କୁନ୍ଦକଳି ରୁଚି ଦଶନା । କୁଟିଳ ଦଶନା ପ୍ରସନ୍ନବଦନା ଶ୍ରୀକୃଷ୍ଣଚନ୍ଦ୍ର ସ୍ନେହଘନା । କୋଷବଦେ । କୁପକ ନିତମ୍ବ ଶୋଭନା । କେଶରୀ ମଧ୍ୟମା କଞ୍ଜଭୃଙ୍ଗୀ ସୀମା କୁଞ୍ଜବନ କେଳି ଶୋଭନା । କଳାକର ହାସୀ କମଳ ସୁହାସୀ

କ୍ରୀଡ଼ାମାନସ କଳହଂସୀ । କୃଷ୍ଣମନମୀନ ଆକର୍ଷ ବଡ଼ଶୀ କନ୍ଦର୍ପ ଦର୍ପଦମଣଶୀ । କୋଉବେ । କାମତରଙ୍ଗିଣୀ ତରଣୀ । କରନ୍ତେ ଗମନ ଅନ୍ତ ଶୋଭାବନ ହସାଇ ଧରଣୀ ସରଣୀ । ୧୪ । କଳରବ କରେ କନକ କଙ୍କିଣୀ ବାଜଇ ବାଜେଣି ନୂପୁର । କାମ ପହଣ୍ଡ ମଣାଇ ନେଲ ସ୍ଥାପୂ ଶୁଭଇ ଅତ୍ୟନ୍ତ ସୁସ୍ୱର । କୋଉବେ । କମଳ ବିହ୍ୱଳ ପରାୟେ । କଣଳପୂପନ୍ତ ପାଦ ବିକାଶନ୍ତ ପଦପଦକେ ସୁଖମୟେ । କାଳନ୍ଦୀ କୂଳରେ ପ୍ରବେଶ ହୋଇଲେ ସକଳ ବରଜ ବାଳକା । କଲେ ଅବଲୋକ କଳାରେ ନନ୍ଦନ୍ତି ଦହିଲ କଜଳ କାଳକା ॥ କାମିନୀ । କଟାକ୍ଷ ପରାଗେ ତରଙ୍ଗ ॥ କଦମ୍ବ ପରାୟେ ମହାମନୋହର କୁସୁମମାନଙ୍କର ସଙ୍ଗ । ୧୬ । କଳହଂସକୁଳ ସ୍ୱନ କରୁଛନ୍ତି ହଂସକ ନିସ୍ୱନ ପରାୟେ । କାକ ଉଚ୍ଚକୁଚ ପ୍ରାୟେ ବସିଛନ୍ତି କୋକ ମିଥୁନ ଏକଠାଏ । କେବଳ । ବ୍ରହ୍ମଧ୍ୟାନ ଯୋଗୀ ପରାୟେ । କଳେବର ସ୍ଥିରକରି ବକମାନେ ମୀନକୁ କରିଛନ୍ତି ଲକ୍ଷ୍ୟେ । ୧୭ । କମଳେ କମଳ ବଦନୀ ପଶନ୍ତେ କମଳେ ହୋଇଲେ ଚଞ୍ଚଳ । କୁବଳୟ ଆଦି କହ୍ଲାର ସହିତେ କେ ତହିଁ ନୋହିଲେ ନିଶ୍ଚଳ । କେବଳ । ଯେ ଯାହାକୁ ଗୁଣେ ବଳଇ । କ କ କର ପାଶେ ଦେଖିଲେ ତାକୁ ସେ ଅଧୈର୍ଯ୍ୟ ହୋଇ ତରଳଇ । ୧୮ । କମଳାପୂ ମୁଖ ସୁନେତ୍ର ସୁନଖ ଶୋଭାକୁ ସମ ନୋହିବାରୁ । କର୍ଣ୍ଣିଲ ସବୁରି ଶରୀର ସୁନ୍ଦର ମରିବା ଭଲ ଲାଜ-ଠାରୁ । କଦମ୍ବ । କୂଳ ପାଖରେ ନ ରହିଲେ । କରିବାକୁ ତ୍ୱେର ଗମନ ଭୃକୁଟି ମନରେ ଭୟକୁ ବହିଲେ । ୧୯ । କନକଲତା ନୀଳମଣି ସ୍ଥଳରେ ପବନ ଡାଳିଲା ପରାୟେ । କେ କାହାକୁ ପାଣି ପାଣିରେ ପୁରାଇ ଆନନକୁ ମାରି ପଳାଏ । କେ ଜଳ । କରଟ ପରାଏ ବୁଡ଼ାଇ । କାହିଁ ଯିବୁ ବୋଲି କରି କେ ପାଣିରେ ପାଣି ଧୋନ କରି ଲୋଡ଼ଇ । ୧୦ । କରେ କର ଦେଇ

ଚଢ଼ିବାଲ ହୋଇ କମନ୍ତୁ କମଳ ତୋଳନ୍ତି । କେ କର କମଳେ କମଳ କୁସୁମ ତୋଳି କାହା କୁଚେ ଢ଼ାଳନ୍ତି । କେ ବୋଲେ । କୁଚପନ୍ତି ସଖି ଶଙ୍କର । କରି ଏହାଙ୍କୁ ଜଳସାୟୀ ସମସ୍ତେ ହେଲଇଁ ଏହାଙ୍କ କିଙ୍କର ॥ କ ବର ମାଗିବୁ ମାଗିଥାଅ ଏବେ ଯେ ଯାହାର ଦୁଃଖ ଜଣାଇ । କେ ବୋଲେ କୃଷ୍ଣଙ୍କୁ ଏ କାଳରେ ଯେବେ ଦେବ ଆମ୍ଭ ପାଶେ ଅଣାଇ । କଶବା । ତାଙ୍କୁ ଯେଣ ଜଳବନ୍ଧାର । କହୁଁ କହୁଁ ଏହା କମଳନୟନ ବୃନ୍ଦାବନୁ ହେଲେ ବାହାର ॥ କଲେ ବର୍ଣ୍ଣର ଗୋପିକା ଯମୁନାରେ କରୁଅଛନ୍ତି ଜଳକ୍ରୀଡ଼ା । କରି ଅନ୍ତର ଅଙ୍ଗବାସ ସମସ୍ତେ ଛାଡ଼ିଅଛନ୍ତି ମନୁବ୍ରୀଡ଼ା । କଶବା । ସବୁରି ବସନ ହରଣ । କଦମ୍ବ ବୃକ୍ଷରେ ଦୋଳି କରି ବସି କରିବା କଉତୁକ ପୁଣ ॥ କେଶବ ମନରେ ଏମନ୍ତ ବର୍ଣ୍ଣର ସ୍ମରି ଜଗତପ୍ରାଣଙ୍କୁ । କଲେ ଆଦେଶ ଅମ୍ବର ଘେନ ଆସ କେଳ କଦମ୍ବର ପାଶକୁ । କେଶବ । ଆଜ୍ଞାରେ ପବନ ବହିଲା ॥ କୁରଙ୍ଗୀନେତ୍ରୀଙ୍କ ଅମ୍ବର ଅମ୍ବରେ ଉଡ଼ାଇ ବୃକ୍ଷରେ ଥୋଇଲା ॥ କୁଞ୍ଜ ବନୋଦ୍ଧଆ ବଂଶୀବଦନିଆ ବସିଲେ କଦମ୍ବ ଉପରେ । କେବଳ ନୟନ ସଖା ସଙ୍ଗେ ଘେନି ରହିଲ ଗୋପୀଙ୍କ ଉପରେ । କାମିମା । ଗଣ ଜଳକ୍ରୀଡ଼ା ବଢ଼ାଇ । କୂଳକୁ ଯାଇ ସମସ୍ତେ ଅନାଇଲେ କାହାର ପିନ୍ଧାବାସ ନାହିଁ । କେ ଚକିତ ହୋଇ ରହିଲ ଚଞ୍ଚଳ କୁରଙ୍ଗୀ ପ୍ରାୟକ ରହିଁଲ । କେ ବୋଲେ ଆସ୍ଥର ଜଳକ୍ରୀଡ଼ା ସୁଖ ଅମ୍ବର କମ୍ପା ନ ସହିଲା । କେ ବୋଲେ କେ କଲା ଏଡ଼େ ଅବର୍ଣ୍ଣର । କେ ଅଛି କାହାକୁ ପଚ୍ଛରିବା ଏହା କାହାର ତ ନାହିଁ ସଞ୍ଚାର । କେ ବୋଲେ ପବନ ଘେନିଗଲା ଅବା କେ ବୋଲେ ହେବ ନନ୍ଦସୁତ । କେ ବୋଲଇ ମୋର ମନକୁ ଆଇଲା ଆନର ନୋହେ ଏ ଚରିତ । କହନ୍ତେ । କେଉଁ ଗୋପୀ ଦେଖିଲା ଅନାଇ । କଦମ୍ବ ବୃକ୍ଷରେ ଡୋଳି କରି ବସିଅଛନ୍ତି ନାଗର

କହ୍ନାଇ ॥ ଗୋଟିଏ ଶରଦଚନ୍ଦ୍ର ଜିଣି ମୁଖ ଶ୍ରୀଅଙ୍ଗ ଅଭିନବଘନ । କଟିତଟେ ପିତବସନ ବିରାଜେ ବଳାହକବଣ୍ଠି ସମାନ । କଣ୍ଠରେ । ମୁକ୍ତାମାଳ ବକପନ୍ତି । କଳାପି କଳାପ ବଳପ ମୁକୁଟେ ଇନ୍ଦ୍ରଧନୁ ସମ ଦିଶନ୍ତି ॥ କୃଷ୍ଣଙ୍କୁ ଅନାଇ ମନ୍ଦାକ୍ଷକୁ ପାଇ ଯେ ଯାହା ମତେ ଭିଗ ହୋଇ । କଳହଂସୀପ୍ରାୟ ସକଳ ଗୋପୀଏ ବେଗେ ପଶିଲେ ଜଳେ ଯାଇ । କେ ବୋଲେ । କ କରିବା କହ ସଙ୍ଗାତ । କୁଟୁଣି ପ୍ରତିମା ପରାଏ ଆଜ ତ ଆମ୍ଭଙ୍କୁ କଲେ ନନ୍ଦ ସୁତ । କରଉର୍ଦ୍ଧ କର ବରଜ ସୁନ୍ଦରୀ ଡାକିଲେ ହେ ନଟନାଗର । କମ୍ପା ଆମ୍ଭ ନାଟ ନେବ ଏଡ଼େ ହଠ କରିଛ ରସିକସାଗର । କୃଷ୍ଣ ହେ । କରୁଣାହୃଦ ଏବେ ହୁଅ । କରୁଛୁ ବିନତି ଗୋକୁଳଯୁବତୀ ଅମ୍ଭ ଅମ୍ବରମାନ ଦିଅ ॥ କେଶବ ବୋଲନ୍ତି ଆଗୋ ଗୋପୀମାନେ ଏ ତୁମ୍ଭର କେଉଁ ବଡ଼ାଇ । କନ୍ଦର୍ପଘର ବୁଡ଼ାଇ ବସିଅଛ ମୋତେ ଦେବ ବୋଲି ଉଡ଼ାଇ । କରିବା ତୁମ୍ଭ ଆମ୍ଭର ଆଜ ନ୍ୟାୟେ । କେଉଁ ବଡପଣେ ଚୋର ଦୋଷ ଦେଲ ଯାଉ ଏ କଥା କଂସ ଯାଏ । କରିଅଛ ଯଉବନ ଏ ଗରବ ଜଳରେ ଉଲଗ୍ନ ହୋଇଲ । କଂସ ପରା ମାମୁଁ ଥାଉଁ ଥାଉଁ ଏବେ ମୋତେ ଚୋର ବୋଲି ବୋଇଲ । କେ ବୋଲେ । ସବୁ ଅଛୁଟି ଆମ୍ଭେ ଜାଣି । କଞ୍ଚା ଦୁଗ୍ଧ ଦହିରୁ ଆମ୍ଭ ଘରେ ନ ରହଇ ସର ଲବଣୀ ॥ କେଉଁ ଅରଣ୍ୟରେ କେଉଁ ଗୋପୀଠାରେ ନୋଇଛୁ ତକାଇତପଣ । କେବଳ ଆଜପରିଯନ୍ତେ ନ ଥିଲା ପିନ୍ଧିଲା ବସନ ହରଣ । କୃଷ୍ଣ ହେ । ଭଲ କଲ ଏବେ ଉପାୟ । କେମନ୍ତ ହୋଇ ଗୋପେ ଆଉ ରହିବା ସ୍ନାନଠାବରେ ଚୋରଭୟ ॥ କଦମ୍ବ ବୃକ୍ଷେ ବସନ ପକାଇଲ ଆମ୍ଭଙ୍କୁ କମ୍ପା ଦୋଷ ଦିଅ । କଉତୁକେ ଆମ୍ଭେ ସୁଖେ ବସିଅଛୁ ଯେ ଯାହା ବାସ ଚିହ୍ନି ନିଅ । କରଇ । ଅଣଆୟତ ସବୁ ନଷ୍ଟ । କଷ୍ଟେ ଜଳେ ଜନ୍ତୁ ବାହାର ହୋଇଲେ ଅକାଣ୍ଡମାନ କରି ବାନ୍ଧେ । କତରେକ ଜଳେ କାମଦେବ ମନ୍ଦିରେ ଆଉ

କର କୁଚ ଉପରେ କରନ୍ତ ଗମନ ଲମ୍ବାଇ ବଦନ ଲଜକୁ ପକାଇ ପଛରେ । କଦମ୍ବ । ତଳରେ ଯାଇ ହେଲେ ଉଭା । କନ୍ୟା ସ୍ତମ୍ଭ ପ୍ରାୟେ ସମସ୍ତେ ଦିଶନ୍ତ ଜଳେ କନକକାନ୍ତ ଆଭା ॥ ଶ୍ରୀକୃଷ୍ଣ ବୋଲନ୍ତ ଆଗୋ ଗୋପୀମାନେ ଏବେ ଆମ୍ଭର ବୋଲ କର । କହ ଅପରାଧ ଜଳଦେବତାଙ୍କୁ ଶିରରେ ଦିଅ ବେନି କର ॥ କେ ବୋଲେ । ଆମ୍ଭେ କି ଜାଣୁ ଦେବତାଙ୍କୁ । କେବଳ ମନ ବଚନ କର୍ତ୍ତବ୍ୟରେ ଏକା ଜାଣୁ ଜଗତ୍ପିତାଙ୍କୁ । କରୁଛୁ ତାହାଙ୍କୁ ନମସ୍କାର ବୋଲି ଶିରରେ ଦେଲେ ବେନି କର । କାଇଁଚମାଳିଆ ଘନଶ୍ୟାମଳିଆ ହରଷେ ହୋଇଣ ଅସ୍ଥିର । କହିଲେ । କୁଚଶମ୍ଭୁଙ୍କୁ ଜଳଶାୟୀ । କରିବାରୁ ଏହି ବରକୁ ପାଇଲ ରହିଲ ଦିଗମ୍ବରୀ ହୋଇ । କରୁଣା କରି ନାଗର ଗିରିଧାରୀ ଦେଲେ ଯେ ଯାହା ଅମ୍ବରକୁ । କନକଦର୍ପଣ ବଦନମଣ୍ଡଳ ଗଲା ପ୍ରସାଦ ଡମ୍ବରକୁ । କୁରଙ୍ଗ । ତରଙ୍ଗନୟନ ନ ଚାହିଁ । କଲେ ହରଷେ ଗୋକୁଳକୁ ଗମନ ଉଚ୍ଚକୁଚ ବାସେ ଲୁଚାଇ ॥ କାଳିନ୍ଦୀ କୂଳିଆ କଦମ୍ବମୂଳିଆ କେକୀପୁଚ୍ଛ ଚାରୁଚୂଳିଆ । କଜ୍ଜ୍ୱଳ କାଳିଆ କାଇଁଚ ମାଳିଆ ମଣି ମକର କୁଣ୍ଡଳିଆ । କଟିତ । ଲଳିତ ପୀତଦୁକୂଳିଆ । କଳଙ୍କ ରହିତ କଳାକରଜିତ ସୁନ୍ଦର ମୁଖ ମଣ୍ଡଳିଆ । କୁଟିଳ ନୀଳ ଅଳକା ଆବଳୀଆ । ନବଲବଣୀ କବଳୀଆ । କେତେ କେତେ କଉତୁକ କରୁଆନ୍ତି ବ୍ରଜସୁତ ସଙ୍ଗ ମେଳିଆ । କଦମ୍ବ । ବୃକ୍ଷରୁ ଓହ୍ଲାଇ ବଜାୟୁ । କୃଷ୍ଣ ଦାସ ମନ ପଛେ ଗୋଡ଼ାଇଛି ସେହି ରୂପକୁ କରି ଲୟୁ । ୪୦ ।

— ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର —

ତୃତୀୟ ଛାନ୍ଦ

ରାଗ—ବସନ୍ତ ଆହାରୀ

କ୍ଷୀରସାଗର ଉଦରସ୍ଥ ଆଦରଚ୍ଛି ନବମୁଦ୍ଦର ଜ୍ୟୋତ୍ସ୍ନସଙ୍ଗ । ଚନ୍ଦ୍ରୀ ଫଣିଧର ଧବଳେ ମିଶିଛି ଅଧବଳ ଭଷ କୁରଙ୍ଗ । ହାସେ ରାମାର ମାଳମାର ନାହିଁ ସଞ୍ଚାର । ସେପରି ଦ୍ଦଦଗ୍ଧ କୀର୍ତ୍ତି ଯାର ଶୁଦ୍ଧ ସେହି କଲ୍ପ ଏହି ବର୍ତ୍ତର । ଷଷ୍ଠକ ଆନନ୍ଦ ଜନ୍ମାଇଲ ବନ୍ଦୀ ବନ୍ଧବା ପଦକ ଭାଷା ଯେ । ରୁକ୍ମିଣୀକୁନ୍ଦନେ ମାଳମଣି ତୋଳା ବହନ୍ତେ ଷଦ୍ଧକ ଭାଷା ଯେ । ଧସ ଦେବୀଙ୍କ । ମଣ୍ଡିବା ଦାସୀଏ ଇଚ୍ଛିରେ । ଡାକଲଣି ପିକ ହପିନେ ଠ ଠିକ ସ୍ୱରୂପା ଯିବା କ ଭାସିଲେ । ୨ । ମଧୁ ସଙ୍ଗୀ ରତି ବନ୍ଧୁ ଥିବ ଜୀବ ନେବ ମୁଁ ଏକାକୀ ଲଳନା । ନୁହଇ ଜଟିତ କଣ୍ଟିତ କୁଞ୍ଚିତ କୁନ୍ତଳା କରନା କଳନା । ମନ୍ଦ ଅହରେ । ବହଇ ନାହିଁ ସେ ସୋଶ୍ଚଷେ । ଯେବେ ବା ବହିବ ତେବେ ପଳାଇବ ତବ ନ୍ଲେକନେ କଶୋସ୍ଥ ସେ ॥ ଅମ୍ବୁଜ କଳି ଉରଜ ଶମ୍ବୁକଳ ଭସ୍ମ ଭଜିବା ତା ମନକୁ । କୁସୁମ କଲ୍ପେ ଆକଳ୍ପେ ଛିଣିଯିବା ଛଡ଼ାଇଲ ପର ଧନକୁ । ବଦେ ବୈଦ୍ୟଜା । ପଥ୍ୟ ପଥିକତା ବସନ୍ତେ । ଶ୍ରୁତିଥାଏ ଉକ୍ତି କେଉଁ ସଦମୀତ ଜାଗ୍ରତେ ରସିଲ ସମ୍ପତେ । ୪ । ପରିଷ୍କୃସ ବର୍ଗ ଆବଶଲେ ମାର୍ଗ ମାର୍ଜନା କାର୍ଯ୍ୟ ବ୍ୟଗ୍ର କରି । ଶିଳ୍ପ କଳ୍ପନାରେ କୋମଳ କମଳ ଦଳ ବହଳ କରି ପାରି । ତାହା ଉପରେ । କେତକୀ ଗର୍ଭସ୍ଥ ରଜକୁ । ସୁଷମେ ସିଞ୍ଚି ଯେ କସ୍ଇଲେ ବଜେ ଅବଳାସମାଜ ରାଜକୁ । ୫ । ସନକ ଅଙ୍ଗୀରସ ବଶ କନକଅଙ୍ଗୀ ନୃପଜା କରସଙ୍ଗୀ । ଇଙ୍ଗୀତ ବିଦ୍ୟା-ବିନୋଦ ଜଣେ ଜାଣ ସଙ୍ଗୀତ ରାଗରଙ୍ଗ ଭଙ୍ଗୀ । ମୃଗ ମୟୂର । ଗୁଚ୍ଛ ପୁଚ୍ଛଲୀଳା ପ୍ରକଟୁ । ଊର୍ଦ୍ଧ୍ୱ ତେଜ ରୁଦ୍ଧ କଲେ ଯାଉଥିଲେ କ୍ଷୁଦ୍ଧ ହାସ୍ ତୋର ଆଲଟୁଁ । ବଧିକ ମାଝ ରତନ ଦଣ୍ଡଛଣ କେଉଁ

ଶତପତ୍ର ଲୋଚନା । ଟେକିଲା ଝାଙ୍କିଲା ସାବଧାନେ ଜଣେ ଛଣା-
ମୃତକଣା ବଚନା । ଗିମ୍ପ ମର୍ଦ୍ଦଳ । ବେଣୁବୀଣା ରବା ଅମୃଷ୍ଟ ।
ବଦନ ଗାୟନୁ ବରଷିଲେ ବନ ବସୁଧାରେ ସୁଧା ବୃଷନ୍ତ । ୭ ।
ଘନ ଶବ୍ଦ ଶୁଣି ଗର୍ବ ବିମର୍ଦ୍ଦନ ହାସ ବିରାଜିତ ଆନନେ । ଆଚରି
ତର୍ଚ୍ଚିସ୍ରି କେଳିକି ମିଳିଲେ ଯାଇ ପାରିଜାତ କାନନେ ।
ରତିବ୍ରତରେ । ବିରାଜନ୍ତି ଅବିରତରେ । କବିକଞ୍ଜାଟସାମୋଦ
ନାନାପରି ବିରଚିଲା ଅବିରତରେ । ଦଣ୍ଡୀ ମୋତି ଜ୍ୟୋତି ଖଣ୍ଡି
ମଣ୍ଡି ଦେଲା ଚଣ୍ଡୀଶ ଅଗସ୍ତି ତୁଣୀର । ସଂଗ୍ରହ ବିଗ୍ରହ ଅନ୍ତରାୟୁ
ଜ୍ୱାତ ମୁଗୁସି ଆକାରେ ରୁଚିର । କରୁ ବିବର୍ଣ୍ଣ । ଲୟନ
ଚୂର୍ଣ୍ଣକୁନ୍ତଳକୁ । ଉଦିତ ଚନ୍ଦ୍ରମା କିରଣ ସୁଷମା ଶ୍ରୀମାମୁଖ କଲା
ତଳକୁ । ଅଞ୍ଜନ ଲିଞ୍ଜିରେ ରଞ୍ଜନ ହୁଅନ୍ତେ ବାହିଲା ଏପରିପାଟିକି ।
ଯାବ ଦେଇଥାନ୍ତି ପାବକରେ ଯଥା ଚକୋର ଶାବକ ହୋଟିକି । ହେମ
ରେଖାର । ରେଖାରେ ହୋଇଲା କୃପଣ । ଉଙ୍ଗବନାତ କୋଷଅନ୍ତେ
ଯେମନ୍ତ ଛପି ରହିଥାଏ କୃପାଣ । ହଂସକର ଯଥା ସୁରଙ୍ଗ ପଣ୍ଡିତା
କଣ୍ଠୀ ଘଣ୍ଟି ରଙ୍ଗେ ବଇର । ହଂସକର ସ୍ୱନେ ତଥା ହେଲା ବନେ
ପତନ ହେବାର ଅଧୀର । ରହି ସ୍ତବକତ । ସର୍ବେ ଗୁଡିଲେ ପିଛଡ଼ାକୁ ।
ସ୍ୱୟମ୍ଭୁ ଦେବୀଚୟଙ୍କୁ ଶୋଭା ଯଶ ଦ୍ରୁଷ୍ଟି ଲଗାଇଲେ ତଡ଼ାକୁ ।
ଧରାଧର ପୟୋଧରା ଧୀରବୃନ୍ଦ ଧରଧରି ହୋଇ ବାହାରୁ । ହିପୁର
ରମଣୀ ଶ୍ରେଣୀ ଶିରୋମଣି ଉଦବାସ ହାସ ଆବରୁ । ଭଙ୍ଗୀରଚନେ ।
ରଙ୍ଗି ଯେ ଉଚାରିଲା ଯେଣୁ । ବିପତ୍ତି ପତନ କମଳ ବିମଳେ କୁମୁଦ
ବିକାଶିଲା ତେଣୁ । ବୁଧଜା କଥିତ ତା କଥନ ପ୍ରାନ୍ତ ପୃଷ୍ଠାନ୍ତେ ନ
କରି ମେଳନ । ଆଦ୍ୟକୁ ମିଶାଇ ଯେନଲେ ଯେ ହେଲା ତାହାବର୍ଣ୍ଣି
କଲା ମଳନ । ତିନ ବର୍ଣ୍ଣକୁ । ବ୍ୟସ୍ତ କଲେ ଯାହା ବାହାରେ ।
ତାଙ୍କ ଶୟନାବଧି ଉବଙ୍ଗେ ବିରୋଧୀ ହୋଇଲା ଏହି ସମୟରେ ।
ପାନ ପାନ କରୁ ସୁମୁଖୀ ସଖୀଏ ଆଖି ନକ୍ଷେପି ସେ ଅଧରେ ।

କହିଲ ଏହି ବାଣୀକେ ଶମ୍ଭା ଦେହା କମ୍ପା ରଙ୍ଗ ହେଲା କ୍ରୋଧରେ ଓଷ୍ଠ ରଙ୍ଗିମା । ଛପାଇଛନ୍ତି ବିମ୍ବଫଳେ । ପଲ୍ଲବ ମନ୍ଦାର ଶରଣ ତୋହର ଚରଣ ଶତପତ୍ର ତଳେ ॥ ପୀନ କଠିନ ସ୍ତନେ ରଖି ବଦନ ବର୍ଜିଲେ ପିକ ପିକସ୍ୱର । କବଜା ପଣ୍ଡିତ ସୁତକୁ ମଣ୍ଡିଲ ଏ ଗୀତେରେ ଖଞ୍ଜାହାସ ହାର । ଜଳଜନ୍ମାନ୍ତ । କୋମଳତନୁ ବହ୍ନିଛନ୍ତି ପଦ୍ମସିତ ଭାନୁପଦ୍ମତ ପତନ୍ତୁ ରୁଧିର ବମନ କରନ୍ତୁ । ୫ । ସନ୍ତତରେ ଚଉ ରତ୍ନକର ଭୁ ତ ବିତରଣ କରୁ ମନ୍ଦାକ୍ଷ । ଯେ ଦଉ ସେ ପ୍ରାପ୍ତି ପୁରାଣେ ବଦନ୍ତି ତୋତେ ପ୍ରାପ୍ତ ହେବ ମନ୍ଦାକ୍ଷ । ଏହି ଉତ୍ତର । କହି ମହୀପତି କୁମାରୀ । କବପୁଣି ନେଇ ଛବି ଭଙ୍ଗି ଦେଲେ ଅବାର ରଜ ମାରି ମାରି ॥ ଲତାନ୍ତେ ଲୁଚି ଡାକଲ ଡାକମଧ୍ୟ ବାକ୍ୟ ଧିବ-ଭୁ ବୋଲଉ । ନାସା ନେଇ ମୀନ ପଦଦା ଅଚ୍ଛି ତ ଉଚିତ ତୋର କର ଦାଉ । ରାଣୀ ଶଶୀର । ପ୍ରଣୟ ଦୃଢ଼ିମା କେମନ୍ତ । ଅବରାଙ୍କିତ ଅଶ୍ରୁ ନେଇ ଛଳଟି ସେହି ବାନ୍ତକଲ ଶୋଣିତ । ଅମରପତି ଅମରମାର୍ଗେ ଗତି ରଚୁଥିଲେ ଦ୍ୱାରବନ୍ଧକ । ସଙ୍ଗୀମା ସଙ୍ଗ ସଙ୍ଗିତ ଗୀତ ରଙ୍ଗରାଜ ବାଜଗଲା ଶ୍ରୁତିକ । ବାଳା ବିଳାସ । ବନେ ପ୍ରବେଶ ହେଲେ ଯାଇ । ଅଧକର୍ତ୍ତନ କର୍ତ୍ତି କୀର୍ତ୍ତି କୀର୍ତ୍ତନ ନର୍ତ୍ତନେ ରସନା ରସାଇ । ରହିଛନ୍ତି ମୁନି ମୁକୁଟ ପିଙ୍ଗଳ ଜ୍ୟୋତି ଜଟା ଭସ୍ମ ଭୂଷିତେ । ଗଇରିକ ଶୃଙ୍ଗେ ନନ୍ଦନ କୌଶିକ ଧନ ହୋଇଥାଇ ଯେମନ୍ତେ । ଚନ୍ଦ୍ରେ ଚନ୍ଦ୍ରିକା । ଚମ୍ପୂର ଗୁଞ୍ଜୁସା ଯେସନ । କଳତ କଳିତ୍ତି ବଦନ ଶୋଭାକୁ ପଳିତ ଶମଶ୍ରୁ ତେସନ । କର କଦଳୀ କରକଞ୍ଜ ଝଟନ୍ତି କୋରକତ ଦେଖିକରି ଯେ । ରହି ଅକ୍ଷମାଳକୁ କଣ୍ଠକଣ୍ଠେ ଅତି ଭୂର୍ଣ୍ଣେ ଦେଲେ ଭରି ଯେ । ରହି ଅଳମ୍ବେ । ଅଞ୍ଜଳିକାଶ କର ଦ୍ୱୟ । ବହିଯ ବହି ଯତନେ ଏକଲ୍ୟାଣ ମୋହି ଦେନଗଲେ ହୃଦୟ । ଯାହାଙ୍କ ଲୋକନ ତ୍ୟକ୍ତକଲେ ମନ ମୁକ୍ତ ହୋଇଯିବା କର୍ମକୁ । ନିର୍ବିକାଶ ତପସ୍ୱୀଙ୍କ ଆଚରଲେ

ଘରି କ୍ଲେଶ ନାଶିଜନ୍ତୁକୁ । ସେହି ମୋହନ । ଅପଘନେ ହୁଏ ନଘନ । ବଜ୍ର ନୀଳ ଝଳି ବକ୍ଷସ୍ଥଳ କଳିନ୍ଦଜା ଭଳି ଦିଶୁ ବଳମର୍ଦ୍ଦନ ଧରଣୀଶିଖ ଦକ୍ଷିଣ କର ଧରିଥିବା ଜବାଧଖ ଉତ୍ତର । ଗୃହକ ଝୋଟିକଳ୍ପରେ ଅଳ୍ପବୃଷ୍ଟି କେଉଁ ପୁଷ୍ଟି ଘନା ଘନର । ଋଷି ଭାଷିଲେ । ହ୍ଲାସେ ମଣ୍ଡି ଦେଇ ଅଧର । ଶ୍ରୀପନ୍ତ କାନ୍ତି ନର୍ତ୍ତକୀ ନୃତ୍ୟସ୍ଥଳେ ପାଶଦେଲୁ ପର କର୍ପୂର ॥ ମହେନ୍ଦ୍ର ମଣି ସୁନ୍ଦର ଯଦୁବୃନ୍ଦ ପୁରନ୍ଦର ରୌପ୍ୟକନ୍ଦର । ନାଥ ଯା ପାଥୋଜ ପଦାଙ୍କେ ପକାନ୍ତ ମଥା ମୁଦ୍ରି ନେନ୍ତ ଗନ୍ଧର । ଅଷ୍ଟ ନେସ୍ତର । କଷ୍ଟ ହରଣେ ସେ କୁଶଳ । ଯାହା ରୋମ-ମାଳ ଲତା-ଆଲବାଳ ସଦୃଶ ବ୍ରହ୍ମାଣ୍ଡମଣ୍ଡଳ । ଦ୍ୱାରକାପୁର ତାରକା ବରକର ବର ଚରଣେ ନାହିଁ ରସି । ନଟ ଖଞ୍ଜରୀଟ ନେତ୍ରୀ ଧୃଟପୁଣୀ ଏ ଦେବତା ପଞ୍ଚମନ୍ତ୍ରଷୀ । ଶୁଣି ସନ୍ୟାସୀ । ଜ୍ଞାନ ହନାଣି ବାମକର । ସନ୍ୟାସି ହେବା ଦାସୀ ରାଗ ମିଶା ମିଶି କରଣ କଲ ଏ ଉତ୍ତର । ଶଙ୍କର ପରକରେ ପଡ଼ି ରହିଲେ ଯୋଗ ଆଶାବରୀ ଗଉଡ଼ୀ । ଲଳିତ ବସନ୍ତ ଭୈରବ ଦେବାରୁ ବହିବ କୋଳାହଳ ପୁଣି । ମାଳବରେ ଯେ । ହୋଇବ ଶଙ୍କରାଭରଣ । ବଷ ଆହାରି ହୋଇବୁଁ ନ ଭେଟିଲେ ମୋହନ ମଙ୍ଗଳ କଲ୍ୟାଣ । ଋଷି ଭାଷି ମେଘମହ୍ଲାରୁ କେଦାର ପାଳ ତୁ କାମୋଦିତ ହୁଏ । ସେହି ତୁ ହସ୍ତସ ଜଳ ହଂସଗତି ବୁଆ କ୍ଲେଶଘଣ୍ଟ ରବଏ । ପୁର ବଦ୍ଧିତ । ପରେ କାଳୀନାଟ ହେବାର । ଲୁଣ୍ଠଇ ମନରେ ଗୁପ୍ତ କରି ଯଥା ତଥା ଏ କଥାକୁ ହସୁର । ସୁରଠ ହେଲେ କାଫିକୁ ଲେଉଟାଇ ମୁଖରେ ପ୍ରକାଶ କରିବେ । ସାରଙ୍ଗ ସଙ୍ଗବର୍ଜିତ ସୋମଳତ ମୁଖୀକ ପୁନ୍ନାଗ ହରିବେ । ଏହି ଆନନ୍ଦ । ଭୈରବୀ ଦର୍ଶନ ହେବ ଯେ । ବଙ୍ଗଳା ଶ୍ରୀ ଜଳ ଜନକ ଜଳଜ ପଦମୂଳ କରି ଭାଷ ଯେ । ରୁଣ୍ଡୀଭୂତ ନାଶ ମୂର୍ତ୍ତି ଆକୁ ମାଉ ଲୁଣ୍ଠୀଶ କୁମାଶ ସଙ୍ଗତେ । କଲ୍ୟାଣେ ପ୍ରବାଣ

ହୋଇ ସୁପବାଣ ଯନ୍ତଜନ୍ତ କରେ ଭୁରଚେ । ସବେ ମଜ୍ଜିଲେ ଏପଙ୍ଗ ପ୍ରମୋଦ ନଦରେ । ଅଣିମାଦି ଅଷ୍ଟନିଧିଙ୍କ ଅଦୃଷ୍ଟ ଅଣି ନ ଆଣିଲେ ନଜରେ ॥ ମନେମୋହନା ଅଗ୍ରସର ଗହନେ ବହନ ହୋଇଲେ ପ୍ରବେଶ । ସ୍ୱାର୍ଦ୍ଧ ସୁଧାସୀତା ସ୍ୱାଦୁ ଗନ୍ଧହନ୍ତା ଉକ୍ତି ଦାନେ ହେଲେ ଉଲ୍ଲାସ । ଜଣେ ଭଣିଲା । କାମପୂର୍ଣ୍ଣବନ ପରି ଏ । କେମନ୍ତ ସୀମାନ୍ତ ଶୋଭିଏ ପର୍ବତୁଁ ଉଚାରିଲା ଗୁରୁଶୀଳାଏ । ବଜ୍ରକଣ୍ଠାରେ ବିଜୟ କରିଛନ୍ତି ବଜ୍ରକାଠ କଠା ଉପଳ । କପଠ ଭଗଠ ସୌରଭକଗଠ ଧନେ କଣା ହେବ ଭ୍ରସଳ । ଦେହେ ପରାଗ । ଲଗୁଛନ୍ତି କରଯା ଶବେଳ । କରିନାଶ ବନ୍ଧ ବଧୂଯାଗ ଭୂତ ଲଗାଇଛନ୍ତି ମଧୁ ପୂଜକ । ୩୦ । ଜଣେ କମାଣ ଭ୍ରୁରୁଭଣେ ପ୍ରମାଣ ଅର୍ଚ୍ଚନା ଅଛନ୍ତି କି ସରିଛନ୍ତି । ହେଠେ ଦାଡ଼ିମ୍ବ ରମ୍ଭା ଫୁଲ ପାଖୁଡ଼ା ତାଳପର୍ଣ୍ଣୀ ରଖା-ହୋଇଛନ୍ତି । ଶୁଣି ସେ କହେ । ସ୍ୱାନ୍ତରେ ପ୍ରାନ୍ତ କରି ଘେନ । କଂକେଳି ଗୁଚ୍ଛରୁ ଅଳି ଚଳିବାର ଗନ୍ଧେ ଝିରାଜନ ମାଳନ୍ୟ । ଅକାପୂକୁ ଆପୂ ଗ୍ଳକାଣ୍ଡଚୟ ବରଦ ହେଲେ ଏ ସ୍ୱଚ୍ଛରେ । ଯେଷି ଏକାକା ପିଶିତ ଆଣୁଅଛନ୍ତି ଭୃଙ୍ଗ କରିବାର ମିଛରେ । ଶୁଣି ନୃପଜା କମ୍ପ ବହିଲେ ଅପଘନେ । ଗ୍ରୈଳ ମେଳ ବକ୍ଷସ୍ଥଳେ ନେଷାଞ୍ଚଳ ରଖି କେ ଭାଷିଲା ବଚନେ । ୩୨ । ପୃଷ୍ଠାପୁଷ୍ପ ବ୍ୟାଧଜାଲ ବନ୍ଧା ଚକୋକ ଯୁଗଳ ହେବଲ ଆଳସାଇ । ଏ ଦର ବରଜ ନକର ଉରଜ ହରିଙ୍କୁ ଅଶ୍ରୁଜଳ ଶାପୁଁ । କାମ୍ୟ କର୍ମରେ । ଲେଖିଛନ୍ତି ବୃଲ ଗୋ ଚଖୋଜବା । ଈଶ୍ୱର ଦାନରେ ମାଧବୀ ମିଳଲେ ବାନ୍ଧବୀ ଏ ଚନ୍ଦ୍ରା ହରିବା । ୩୩ । ଶୀର୍ଷ ମଧୂକୁଳ ସ୍ୱସ୍ତି କର୍ଣ୍ଣୋତ୍ପଳ ପ୍ରତିମା ଦ୍ୟୋତିଲେ ଶ୍ରୀମୁଖ । କହିଲା ପଦକ ଠାରି ଏ ପଦକ ହେଲା ନୋହିଲା କି ପରଖ । ଅଳ ବଧିଲା । କେଳକ କେ କଲା ବଶ୍ଚର । ବଳବନ୍-ତାର ଅଞ୍ଜନ ବନ୍ଦୁଏ ସିନ୍ଦୂର ଶତାନ୍ତେ ସୁନ୍ଦର । କେ କହିଲା ନାଗେଶ୍ୱର ପଦ୍ମତୋଳା ବିଦ୍ୟାରେ ନରେନ୍ଦ୍ର ମୁଁ ଅଟେ । ଶୁଣି

ବେନ ଅର୍ଥ ମଣି ରମଣୀଏ ବେନ ଅର୍ଥକୁ ରକ୍ଷି ରଚନ୍ତେ । ତେବେ ଭୋଗୀର । ବିହାର ବିଧାନ କରିବୁଁ । ରଜନୀକର ଗଲିଲେ ସେ ନାଗର ଜନ୍ତ୍ର ପଇତାପ ହରିବୁଁ । ବନଭ୍ରମଣ ଶ୍ରମଘର୍ମ ହରଣେ ଅଶୀର କାସାର କୂଳରେ । ହର କୋପନା ସ୍ଥାପନା କଟଦ୍ରୁମ ବିଦ୍ରୁମ ଚଉରା ପୀଠରେ । ସର୍ବେ ବସିଲେ । ମୋଦ ପ୍ରଗୁଣ ପରିପୂର୍ଣ । କରଣେ ରସି ଭାବିବା ରସିକାଏ ଏ ଭାଷାରେ ହେଲ ପ୍ରବୀଣ । କ୍ଷତ୍ରିୟ କୂଳସମ୍ଭବା ଯେ ତାହାକୁ ଅବଳା ପଦ ଅସୁନ୍ଦର । ବନୁଁ ପୁଣ୍ଡରୀକ ଆଣ ତ ଓଁଠାରି କଟାକ୍ଷ କଟାକ୍ଷ ଚୋହର । ମହା ବଳିଷ୍ଠ । ପଦବି ବାହାର କହରୁ । ଦୁର୍ମତି ଜାତ ଜରଙ୍ଗ କନତାଗ୍ରୁତରେ ଏ ଜକ୍ତି ବଦରୁ । ବିଷକର ଗତ କରିବାରେ ରତ ନଷ୍ଟସ୍ଥ ସେହୁ ସେ ଜାଣିଲ । ସେତ ମାନ୍ତି ଶାସ୍ତ୍ର ଚନ୍ଦ୍ରର ଚକୋର ନେହ ରଙ୍ଗ ହେଲ ଭଣିଲ । ଦେଲ ଗୁଣୀଙ୍କ । ଗୁଣ ଲଙ୍ଘିଲେ ହେବ ଦ୍ୱନ୍ଦ । ଅରବିନ୍ଦ କନ୍ଦ ଉତ୍ପାଟନେ ପଦ ଦ୍ୱନ୍ଦ ଚଳନେ କରି ବନ୍ଦ । ମାରି ମଦ ରାଗୀ ମଧୁପ ସଂସର୍ଗୀ ଏ ସଳଳେ ବୁଡ଼ି ରହିଛୁ । ଭୁମ୍ଭ ଚହଟ ଆରମ୍ଭରୁ ରମ୍ଭୋରୁ ଦାଢ଼ି ଶୋଭା ମୁଖ କାଢ଼ିଛୁ । ଦେଖି ଦେଖିବା । ଦେଖାଅ ବୋଲନ୍ତେ ସଖୀଏ । ମାଣ ବକ ଅଳ କେଳ କୁତୁହଳ କୁଞ୍ଜେ ନିବେଶିଲ ଆଖୀଏ । କହେ ଚତୁରୀ ଏକଥା ବିଭୁରୀ ଏରୁଦ୍ର ନେହାନଳ ଭ୍ରୁକ୍ତିକ । ଭଜିବାର ମାହ ଶମଗ୍ରୀବ ଜଣେ ଘଟରେ ଘଟାଉ ଭକ୍ତିକ । ବୁଦ୍ଧି ଗଣ୍ଡାର । ନ ଥିଲେ କରିବନ୍ଧ ନଦୀ । ଏ କାଳେ ଅସ୍ତ ଅବସ୍ଥାରେ ପ୍ରଶସ୍ତ ହେଲେ ବନ୍ଧେମ ବନ୍ଧ ନଦୀ । ଢଶିଲେ ରଙ୍ଗାଳ ବଳ କବଳତ ହସନ୍ତ ଅନଳ ଆକୃତି । ଚରମା ଚନ୍ଦ୍ର ଚକୋର ଚଂବଣରେ ଚତୁର ହୋଇଲ ଝଟତି । ଜ୍ୟୋସ୍ନା ଧନିଷ୍ଠା । କାନ୍ତ କାନ୍ତ କରି ମର୍ଜିଷ୍ଠା । ପ୍ରକାଶୁ ପ୍ରକାଶେ ଏ ଘଷେ । ବନାଶେ କ୍ଷୀର ଶାର ମିଠା ପ୍ରତିଷ୍ଠା ॥ କୁଣ୍ଡଳ ଆକୃତି କୁଣ୍ଡ

ମଧ୍ୟବର୍ତ୍ତୀ ଚନ୍ଦ୍ରକୀର୍ତ୍ତ୍ତା ହେମ ଦହନ । ବିସର୍ଜ୍ଜନ ପ୍ରଧାନଙ୍କର ଘଟନ ସ୍ଥଳଭିନ୍ନ ମିଛ ଲାଞ୍ଛନ । ଅଙ୍ଗ ସୁରଙ୍ଗ । ଭଙ୍ଗ ପ୍ରସଙ୍ଗକୁ ଟଳେଉଛନ୍ତି । ଧରନ୍ତି ଧବଳ ବିଭୂତିକି ଯାହା ବିଭୂତି ବଢ଼ମା ବଢ଼ୁଛି ॥ ଜାଗ୍ରତ ଉଗ୍ର ହେବ ଭବ ବ୍ୟଗ୍ରକୁ ଗମନ ସର୍ଜିଲେ ସକଳେ । ମହାମଲ ଚକା ସାଧନ ଆଶଙ୍କା ଅଙ୍କୁରଇ କୁଚଯୁଗଳେ । ପୁରେ ପ୍ରବେଶ । ନିପୁର ପବନ ହୋଇଲେ । ବୃତ୍ତି କରିଥାନ୍ତି ନତ ଯେ ମାନଙ୍କ ସେ ସେବା ଆଦର ରହିଲେ ॥ ମୃଚ୍ଛଲୋଳା ମାଳାଚଳନ୍ଦୋଳା ଇଚ୍ଛି କୁତ୍ସିତ ପାମର ସଂସର୍ଗ । ଖଗ୍ର ବରଷାରେ ଧଗ୍ର ରହିବାରେ ଦାଣ୍ଡେ ଭରାଭର ସରାଗ । ଗ୍ରନ୍ଥକର୍ତ୍ତାର । ଉଦ୍ଧରେ ସେ ଧ୍ୟାୟୀ ଶଙ୍କଠା । କକାଚକ୍ଷୁ ଚକ ବାହୁଦଣ୍ଡାଲୋକ ଧରି ପ୍ରକଟନ୍ତି ଧପଠା । ୪୪ ।

—ବଳାକଉତ୍ତୁକ—

ଦ୍ୱାଦଶ ଛାନ୍ଦ

ରାଗ—ଶ୍ରୀ ଗୈ

କହିବା ବ୍ରଜବିଳାସ, ଶୁଣି ଜନେ ହୁଅ ତୋଷ, ଗୋପରେ ଜନମ ନତ୍ୟ ନାୟକଯାକ । କଲ୍ପାନ୍ତର ଦେବଋଷି, ହେବା ସ୍ତ୍ରୀଭାବ ମନାଷି, ଥିଲେ ସେ ତାଙ୍କୁ ହେଲେ କାମନା ଦାୟକ । କଉସ୍ତୁଭମଣି ଧାରକ । କରି ଛନ୍ତ ପରକୀୟା ରସ ଅଧିକ । ୧ । କହନ୍ତି ଆସ୍ତ ବଲ୍ଲଭୀ, ଗୋପାଳେ ହୋଇଣ ଲୋଭୀ, ଇନ୍ଦୁ କୁମୁଦିନୀ ମତ ଭାବ ସ୍ନେହକ । କହୁଣ ମଧୁସୂଦନ, ଭୋଗରେ ତାହା ବିଧାନ, ନୋହିଲେ କାହିଁକି ବନ୍ଧି ଲୋକପାଳକ । କମନୀୟ ସେ ଏକୁ ଏକ । କଲ୍ଲ କେଉଁ କୁନ୍ଦେ କୁନ୍ଦ କେଉଁ କରକ । ୨ । କଦଳୀ କି ସେ ଉପନ୍ତ, ସୁନ୍ଦର ପଣେ ଜଙ୍ଘନ୍ତ, ସେହିମତି ସ୍ୱରାଜନ୍ତ ଚକ୍ରନ୍ତ ଅମ୍ବକ । କଳକଣ୍ଠ ପରା ଗତ, କଣ୍ଠ ମଧୁର ସ୍ୱରଣ୍ଡ, ବନ୍ଧନ

କ୍ଷଣ ଆବୃତ୍ତ, ବଧିରଙ୍ଗକ । କୁଚ କୁଚ ତାଳିବା ଦକ । କରମେ
କରମେ କାଜକଣ୍ଠ ବନ୍ଧକ । ୩ । କଳେ ଲେଖ ଚଉଷଠି, ସହସ୍ର
ସେ କଳ କଣ୍ଠି, ବାଲ୍ମୀକାନ୍ତ ତାଙ୍କ ରସେ ଯେ ମମତକ । କଇଟଭ
ସୁହେର କଇତବ ରୂପଧର ପ୍ରଥମ ରସରେ ମହାଜନମଣ୍ଡକ ।
କରିବା ପ୍ରକଟିତା ଶ୍ଳୋକ । କଟାକ୍ଷେ ଦୋଳ ଶସ୍ତ୍ରକୁ କ
ଉଚାଟକ ॥ କଷକଶି ନେଲା ନାଶା ଉରକ କୁମ୍ଭକୁ ଧରି,
ପୁରନ୍ଦରେ ଯାଉଁ ଯୁବା ତଳକାଳକ । କଳାକେଳିରେ ପ୍ରବୀଣ,
ହୋଇ ରତି ଆରମ୍ଭିଣ, ପ୍ରେମଧନେ କିଣି କଲେ ଆନ ସେବକ
କଳାବୃଦ୍ଧି ଚନ୍ଦ୍ର ପ୍ରାପ୍ତକ । କଳୁଭ ସରଣୀ ସେତୁ ପ୍ରଭବନ୍ତକ ॥
କଉତୁକ ପ୍ରକାଶିବ ରସ ବଚନ ଭାଷିଣ ବଚନେ ଲୁଚାଇ ନଖ
ଖେଳାକନ୍ଦୁକ । କହୁ ନାହିଁ ସତ କହି, କାହିଁ ଭାଷ ସ୍ଥାନ ଛଇ,
ବୋଲନ୍ତ ଯେ ଏହି ଏହି ଏତେ ହଟକ । କଳାବଣ୍ଟ ହାସ
ସର୍ଜକ । କରୁ ଦେବା ହୁଅନ୍ତ ଅର୍ଜନ ଚେତକ ॥ କରନ୍ତ ସାରଣୀ
ଘାଟେ, ଘାଟକାର ହୋଇ ଦୃଷ୍ଟେ, ଚଉଗଠୀ-ପଣକର ଦାନ
ମାଗକ । କର ଇଙ୍ଗିତ କାହିଁକ, ଯିବାପାଇଁ ଦଧି ବିକ, ଛଳ
ହୋଇଲେ କାଳକ କଣ୍ଟକାରକ । କହି ନୁହେଁଏ କଥା ଠିକ ।
କହ ଯାଇ ଆନ ନୋହି କାଳ କାଳକ ॥ କମଳଧରଜା କୂଳେ
ମାର ଆଣି ଛିବାବେଳେ, ବଳେ ଧରି କୁଞ୍ଜୋଦରେ ସେ
ପ୍ରବେଶକ । କହୁ କାହିଁକ କାତରେ, କମଳ ଦେଇ କରେ,
ନଅ ରାଜ୍ୟର ଆକଟ ବୋଲି କଞ୍ଚକ । କହି ଏହି ନୀଳାଚରକ ।
କହ ଯା ରତନ ବରେ ଦାନ ବେଳକ ॥ କରି ଏକାନ୍ତେ ଲୋକନ,
କେଉଁ ବନ ଯାରେ ମନ, ଭାଷନ୍ତ ରେ ଧନ ହୁକ ଋଣଦାୟକ ।
କଳନ୍ତର ବୃଦ୍ଧି ହେବ, ଏ ଜନ୍ମେ ସୁଝା ନ ଯିବ, ହୋଇଛୁ
ମୁହିଁ ନିର୍ଦ୍ଧନ କୃପଣଲୋକ । କଳି ହାସ ଭାବ ପଦକ । କହ୍ଲାର
କରି ଯା ହେଉ ସେ ଉଲ୍ଲାସକ ॥ କନ୍ଦର୍ପ ଭୂତ ଲଗାଇ ତହାତ

ରଚିଲେ କାହ୍ନୁଁ ବ୍ୟାଧି ଚିହ୍ନି ଯାଇ ପୁଣି ସେ ଚିକିତ୍ସକ ।
କର୍ଣ୍ଣଧାର ହୋଇ ଚଳନ୍ତି, ଗୋପୀ ଶୋଭିଲେ ସରିଚେ, ପୁଷ୍ପ
ଦେଉ କେତେ ମୋହି ହୋଇ ମଳକ । କନ୍ୟାଭଗ୍ନୀ ରୂପଧାୟକ ।
କଞ୍ଚଣ ରସ ରଚିଣ ସେ ବଧାୟକ । କଉଣସି ପୁରେ ନଶୀ, ତା
କଧୂରସରେ ମିଷି, ସୁଜାଣ ଆଖି ସମ୍ମୁଖେ ହେଉ ବନ୍ଧକ ।
କଜ୍ଜ୍ୱଳ ଧ୍ୱଜଧାରିତେ ; ରୁଣ୍ଡ ହେଲେ ଗୋପୀ ଯେତେ, ନିଜ ସୁତ
କନ୍ଧା ଦେଖି ହେଲ ନନ୍ଦକ । କରେବାଳେ ଶିତେ ବିବେକ ।
କରଥିଲେ କୃଷ୍ଣ ବିଜେ ଏ କି ଶବକ ॥ କଲ୍ପନ୍ତେ ଯାହା ମନ୍ଦରେ
ଉଦର କ୍ଷୀଣ ଉରରେ, ଆଉଜୁ କହନ୍ତେ ଅପସର ଏ ବାକ । କଲ୍
ଗଳତ ବଲ୍ଲବ, ସେହୁ କରଣୀ ଦୁର୍ଲ୍ଲଭ ଖେଳିଲେ ଅନ୍ତରେ ହୋଇ
ଗନ୍ଧ କନ୍ଦକ । କରେ ପୃଚ୍ଛା ସେହୁ ନାୟକ । କାହ୍ନୁ ଗୋ କାହ୍ନୁଁ
ଅଇଲ ଏହା ନିପ୍ତେକ । କପିସାଞ୍ଜନ ଯାହାର ମାୟାରେ ମୋହି
ତପୂର, ସେ ହେଲ ଉଗ୍ରରୁ ଗୋପୀ ପୁଣ ବଶକ । କରନ୍ତି ବିଗ୍ରହ
ମନେ, ଅନୁରାଗ ଦିନେ ଦିନେ; ଅଧିକା ହୋଇ ବାରନ୍ତି ହେଲ
ଅଧିକା । କଳାବର୍ଣ୍ଣ କଳାବୃଦ୍ଧିକ । କସ୍ତୁରୀ ଲେପନ କାହିଁ ଅଙ୍ଗ
ପ୍ରଶଂକ ॥ କଳାମେଘୀ ଶାଢ଼ୀ କଳା ; ନୀଳକାଚ କାହିଁମେଳା ; ନୀଳ
କାଚବୋହି ହସ୍ତେ ସେହୁ ଭୂଷଣକ । କଳାପୀ ସୁମଣି ମାଳା ମଣ୍ଡନ
କରନ୍ତି ଗଳା; ମର୍କତରେ ସଜଡ଼ାଇ ଶୃଙ୍ଗୁଚାଟଙ୍କ । କର୍ଣ୍ଣପୂର
ନୀଳାନାଳକ । କଲ ନୀଳସୀଉକକୁ ଉତ୍ପଳକ ॥ କଳାପୀ
ବରହିଚୂଳ ଭମି କରାଇ କୁନ୍ତଳ ଚନ୍ଦ୍ରେ, ରଖିଅଛନ୍ତି କି ସେ
ସୁତକୋରକ । କମଳାକ୍ଷ ଅପଘନ ନରସେ ପୁନଃ ପୁନଃ
ନିବେଶିତ ଅବିରତ ଚିତଗ୍ରନ୍ଥକ । କର୍ଣ୍ଣବେଣୁ ଦାନେ ଦତ୍ତକ ।
କନ୍ଦଳୀଘଣ୍ଟି ନାଦରେ ଛଣାଭୁଲ୍ଲକ । କରି ନିସ୍ତାରକ ହରି ;
କରି ମୋହ ବସ୍ତ୍ର ହରି, ଜ୍ଞାନେ ହୋଇ ମୁକ୍ତପ୍ରାପ୍ତେ ଏକ ଲୟକ
କଲ୍ପକାଳେ ଭକ୍ତ ପରି କ୍ଷତିଥିବା ଏହି ଭବ ; କୁସୁମେ ଭ୍ରମର ଗୁହି

ସେ ସଂଶ୍ରଦ୍ଧକ । କଲ୍ପି ହେଜ ଦଧିମନ୍ଥକ କଥାମାନ ଯୋଡ଼ି ଗୀତ ଗାନତାନକ ॥ କମଳଜ ଚତୁ ଧାଇ, ମଦନକୁ ମୋରେ ଯେଣ୍ଟ, ସକଳକାଳରେ ବଶକରେ ନିଲୋକ । କରନ୍ତି ସାନୁଜାତଟେ, ସ୍ନୀଡ଼ାଗାନୁଜାଲମ୍ପଟେ, ସଂଯୋଗ ହୋଇଲେ ଆଉ ସାନୁଜା ଏକା କଲ୍ପଣା ମୋ ହେବା ଠାଠିକ । କରିବ ସେ କୃଶମଧା ମୃଶ ଯୁକ୍ତକ ॥ କମ୍ବୁ ପାଣି ସୁଶ୍ରଦ୍ଧାରେ ନିପୁଂସଲକ୍ଷଣ ଧରେ ସ୍ପୃଷ୍ଟା ଦକ୍ଷିଣେ ଦେବେ ଏହୁ ଦେହକ । କରି ଦ୍ୱନସ୍ତ୍ୟ ଦ୍ୱିଗୁଣ, ଗୋପୀଗଣରେ ଦକ୍ଷିଣ, ସାବେ ଥୋଇ ଏ ବାଳାରେ ହେବେ ମୋଦକ । କମମୀସ୍ତୁ କାହିଁ ତୁଳକ । କହିବାକୁ ନାମେ ନାହିଁ ବ୍ରହ୍ମାଣ୍ଡେ ଏକ । କରୁଣାରୁ ଜନମାଇ, ରସରୂପା ହେବାପାଇଁ ଚନ୍ଦ ସାନ୍ ଯୋଗୁଁ ହେବ ପ୍ରଭା ପାତ୍ରକ । କଳାପମାନଙ୍କ ମିଳି ମୁକୁନ୍ଦ ପ୍ରକାଶ ଭଲି, ଚନ୍ଦ୍ରବଳି ନାମ ହେଲା ଲେଖୁଁ ଜାତକ । କଲେ ଯେଉଁମାନେ ବିଲୋକ । କଦା ନ ରହିଲା ତାଙ୍କ ନେଶଂ ପଲକ । କଳକହ୍ଲାର କୃତିମ, ପୁତ୍ରିକା ସାର ପ୍ରଭିମ, ବାଲ୍ୟଲୀଳାରେ ହୋଇଲା ପ୍ରତିପାଦକ । କନ୍ୟାକଥାବତ ସତ, ପୌଗଣ୍ଡ ଛୁଇଁ ପ୍ରଶତ, ପାବଂଶ ଶୋଭାକୁ ଏ କରିବ ଲକ୍ଷକ । କନ୍ଦର୍ପବିଶିଖେ କାର୍ମୁକ । କଲାରୁ ଦୃଷ୍ଟି ହେବ ପାବଂଶ ମାତୃକ । କୁଣ୍ଡାଇ ଖେଳରୁ ମିଳି, ପଦ ଶୈବ୍ୟପ୍ରିୟଆଳି ଗୋବର୍ଦ୍ଧନ ମଲ୍ଲୋଦ୍ୟାନକୃତ ଜନକ । କଣ୍ଠୁପାର ଦଶ ତାଭ ପୁରରେ ଥିଲା ପ୍ରକାଭ; ଯା ନାମ ଆନ କ ସମ ଗୌଣ ମାଣିକ । କର୍ଦ୍ଦମେ ପତନ ସାମ୍ୟକ । କହେ ଉପଇନ୍ଦ୍ର ଶିବେ ସେ ଉପାସକ । ୨୧ ।

—ବସନ୍ତରାସ—

ଅଷ୍ଟମ ଛାନ୍ଦ

ଶ୍ଳୋକଃ

ସୈବେୟଂ ପରଭାତ କାଞ୍ଚନ ରୁଚସ୍ତେ ଲୋକ୍ୟସମ୍ମୋହିନୀ ।
କୃତ୍ୟଂ ଗୃଭ୍ରତସୁନ୍ଦରୀ ଜିତସୁଧାବାକ୍ୟାମୃତ ରାଧିକା ।

ଈଷଦ୍ଧାସ୍ୟମୁଖୀ କୁରଙ୍ଗନୟନା ଗୌରୀ ସୁଧାସାରିଣୀ ।
ପ୍ରେମାନନ୍ଦ ବିଳାସିନୀ ବିଜୟତେ ପ୍ରେମପ୍ରଗଳ୍ଭିତା ମୁହୁଃ ।

—ଘାର୍ଦ୍ଦ ଛନ୍ଦ—

ଯେଉଁ କାଞ୍ଚନବରଣୀ, ତ୍ରିଭୁବନସାନନ୍ଦକାରୀ, ଅଦ୍ଭୁତ ସୌନ୍ଦର୍ଯ୍ୟ ଶ୍ରୀ ସୁନ୍ଦରୀ । ବାକ୍ୟାମୃତ ଜିତେ ଯନ୍ତ, ସୁଧାରସ ପ୍ରେମାକୃତ ତରଙ୍ଗୀ ନୟନା କୃଶୋଦରୀ ସେ । ଶ୍ରୀରାଧେ, ପ୍ରେମ ପୀୟୂଷ ସାରେଣ; ପ୍ରେମାନନ୍ଦ ରଙ୍ଗ ବିଳାସିନୀ ଗୋ ।୧। ଦୂରୁ ରସରାଜ ହେରି କନ୍ଦର୍ପ ରଥ ବିସ୍ମରି, ଉରଜ କଳସେ ଶୋଭିବନ । ବିପୁଳ ନିତମ୍ବ ତଟ, ଚଳନେ ଗତି ଅବଟ, ପତାକା ଅଞ୍ଚଳ କମ୍ପମାନ ସେ । ମଞ୍ଜୁଳ ନୂପୁର ନିନାଦ ଘୋଷଶ୍ରୁତି । ବିଜେ ମହାଲାବଣ୍ୟ ଶ୍ରୀମତୀ ସେ ।୨। ପୁନଃପୁନଃ ଅପଘନ, କୈଲ ଏଇ ଅନୁମାନ, ଲାବଣ୍ୟ ସମୁଦ୍ରେ ଘୋଟି ଆସେ । ହାସ ତରଙ୍ଗ ଚଞ୍ଚଳ, ବାସ କାଳିମା କୁଟିର, ଆଛେ ସ୍ତନ ଚକ୍ରବାକୀ ପାଶେ ବସେ । ସେ କାଳେ । ଗର୍ଜ୍ଜନ ନୂପୁର ନାଦ ଭେଲ, ଶ୍ୟାମ ଧୈର୍ଯ୍ୟ କନ୍ଦ ଡୁବାଓଲ ସେ । ହେରିୟାଁ ବିହ୍ୱଳ କାର୍ଯ୍ୟେ ଶ୍ରୀରାମଈଶ୍ୱରୀ ବିଜେ ବିଜେ ଶ୍ରୀଚନ୍ଦନ ନିବେଦନ କୈଲ ସେ ।

ଉହ୍ନା

ଲାବଣ୍ୟବାରିଧି ଧନୀ ବିଜେ ହେରିୟାଁ ଅଥୟ ରସରାଜେ । ନେତ୍ରେ ଆନନ୍ଦାଶ୍ରୁ ଧରାଓଲ, ସକଳ ବିବେକ ହରାଓଲ ।୨। ମର୍କିତେ ଚଞ୍ଚଳ ନେତ୍ରମୀନ, ମୃଦୁଲ ଅପଘନ ।୩।

ବସନ୍ତ ରାସ

(ଯଥା ରାଗ)

ଶୁନୟାଁ ନାଗରି ଗେଲ ଶୀଘ୍ରତର ସୁଦେବୀ ସଖୀର ପାଶ ହେ ସଖୀ ସାଥେ ଲୟାଁ ବିନୟ ଭରିୟାଁ ଚଞ୍ଚଳ ମଞ୍ଜୁଳ ଭାଷ ଗୋ । ଶୁନ ଶୁନ ପ୍ରାନସଖୀ, ଆମି କେବଳ ପରମଦୁଃଖୀ ଗୋ ॥ ରାଈ ରସବତୀ, ମୋରେ କୋପମତି, ହଇଛେ ନିର୍ଦ୍ଦୟା ଗୋ ।

ତୁମ୍ଭର କୃପାତେ, ଆମାକେ ମିଳିବେ, ପ୍ରାଣଧନ ପଦଯୁଗ୍ମ ଗୋ । ତୁମ୍ଭେ ତାର ଅନ୍ତରଙ୍ଗ, କର ମାନିନି ମାନଙ୍କେ ଭଙ୍ଗ ଗୋ ଧନ ସ୍ନେହଧନେ, ନାନାଦ୍ରବ୍ୟ ଲଭି, ହୃଦନାବ ମାଝେ ଭରି ଗୋ । ଲାଭ ଲୋଭ ଆବେଶ ଆଶା ନଦୀ ମାଝେ ଆନନ୍ଦ ବ୍ୟାପାର କରି ଗୋ । ଲାଗି ଦୁର୍ଦ୍ଦୈବ ବାତାସ, ଆଶାନଉକା କୈଲ ବିନାଶ ଗୋ ॥ ସ୍ନେହଧନ ଗେଲ ଦରିଦ୍ର ହଇଲ ନିଲ ଉପବାସେ ଦିନ ଗୋ । ଧନ୍ୟ, ଓଷ୍ଠ ସୁଧା, ଗ୍ରାସେ ଯାବେ କ୍ଷୁଧା, ତୁମ୍ଭେ କର ସନମାନ ଗୋ । ଶ୍ରୀରୂପେରେ କହ ବାରେ, ହାଜର ହୈବ ସେବାରେ ଗୋ ॥ ଶୁନ ଶ୍ୟାମକାମ ସୁବେଣୀ କହଇ, ତୁମ୍ଭେ ତ ଚତୁର ବର ହେ । କଥାର ଆଲାପେ, ଭଙ୍ଗୀର ପ୍ରତାପେ; ସତୀବ୍ରତ ଧ୍ୱସ୍ତ କର ହେ । ଆମିକ କହିବ ଆର, ତୁମ୍ଭେ ଲମ୍ପଟ ମୁକୁଟ ସାର ହେ ॥ ବାଂଶୀ ବାଜାଇଯାଁ ଧୃତି ହାଜାଇଯାଁ, ରସେ ମଜାଇଯାଁ ନାରୀ ହେ । କୁଲେର ବଡ଼ାଇ ସଧନ ଛଡ଼ାଓ ଗୁଡ଼ା ଛଡ଼ାଫୁଲ ପରି ହେ । ଅବଲାର କତ ବଲ କର ଯତ ତୁମ୍ଭେ କଲ ବଲ ହେ ॥ ଆମାକେ କହିଲ ଯେବେ ଭାଲ ହୈଲ ଏକଲି ନହେଁ ଏ ବିଧି ହେ । ସକଲ ସଖୀରେ, କହିଯାଁ ଅଇଲ, ଓହେ ନାଥ ଗୁଣନିଧି ହେ । ଆମି ଉପାୟ କରିବ ତୁମ୍ଭେ ରୂପମଞ୍ଜରୀ କହ ହେ । ୭ ।

ପୟାର

ନିକୁଞ୍ଜବେଳେ ଶୁନ ସବ ନୂତନ ବାଳିକା । ନା ଯାଏ ଭ୍ରମରୀ ପାଶେ ସେ ବନମାଳିକା ଗୋ ॥ ଜାନିଲ ତେବେ ଭ୍ରମରୀ କତ ଭାଗ୍ୟବାନ ॥ ଆପନି ହଇଲ ନବମାଲିକା ମିଳନ ଗୋ ॥ ଚଞ୍ଚଳ ନୟନା ଶୁନଲେ ସଖି କତ ରଙ୍ଗ । ଚିତ୍ତଚୋରର ପରି ହୃଦୟ ତରଙ୍ଗ ତରଙ୍ଗ ଗୋ ॥ କନ୍ୟାଗନ ବୋଲେ ଓହେ ବସନ ଚୋରା ଶୁନ । କତଦିନ ହୈତେ ଗେଲା ମାଖନ ଚୋର ଗୁନ ହେ ॥ ଆମାର ମନ ଧନ ଲଇଯାଁ ବନେ ଲୁକାଇଛିଲ । ଶୁନ ଗୁନନିଧି ତୁମ୍ଭାର ଚୋରୀ;

ଧରିଗଲ ହେ ॥ ଶୃଙ୍ଗାର କରିଛେ ଆମି ମଦନ ରଜା କାଛେ; କଜାନ କ ଦଣ୍ଡ ଢବେ ତୁମି ଜନା ପିଛେ ହେ ॥ ଡାକେ ଘନ ଘନ ମତ୍ତପିକଦୂତ ପରା,ପଲ୍ଲଓ ପାଲ୍ଲଓ ବନ୍ଧ, ବୃଥା ହେବେ ଧରା ହେ । କୁନବଧୂ କହେ କନେ କରହ ଲଲନ । ବାହୁପାଶ ଲୟାଁ ବାନ୍ଧ ସକଳ ଲଲନା ଗୋ ॥ କନ୍ୟାଗଣବାଣୀ ଶୁନ ଶଇଲ ନାଗର ମନ୍ଦ ମନ୍ଦ ହାସେ ପ୍ରଭୁ ଭାଷେ ମୃଦୁଗୀର ହେ । ହାଜାର ଜନାଙ୍କେ କେବା ଛୁଡଛେ ଉପ୍ରୋଧ, ପ୍ରହାର ନେହାନ୍ତ କୁନ୍ତ କେନ ରାଖି ନୋଧ ହେ । ଶୁଣି ପ୍ରଭୁବାଣୀ ସବ ଗୋପିମା ଚରଲ, ଲଜଭୟୁ ଦୁହାଁ ନଲ ଆନନ୍ଦେ ବିହ୍ୱୋଲ ହୈ । ହୁଲ ହୁଲି ଦୟାଁ ସବେଁ ଉତ୍ସାହେ ବେଢିଲ, ଭୁଲ୍ଲିଲ ଧୂଲିତେ ପ୍ରଭୁ ଚରଣ ପୂଜିଲ ଗୋ । ସୁରଙ୍ଗ ହଇଲ ରଙ୍ଗ ରାଜିବ ଚରଣ,ସିନ୍ଦୂରେ କରିଲ ସ୍ନାନ କି ବାଲ ଅରୁନ ଗୋ ॥ ଗାନ୍ଥି ଆ ଅଶୋକ କଢୀ ଅଶୋକମାଲିକା, ଲମ୍ବାଇଲେ ନିସ୍ତକଣ୍ଠେ ସେ ନବ ମାଲିକା ଗୋ । ମାଳ ପାୟାଁ । ଆହ୍ଲାଦ ହୟାଁ । ଗଲେ ପରିକଲ, ଶୋଭା ନହାରିୟା ଗୋପା ହୁଲହୁଲି ଦିଲ ଗୋ ॥ ବୋଲେ ଶ୍ରୀ ଚନ୍ଦନ ଶ୍ୟାମଧନ ଖେଲେ ହୋରି, ବଲେ ଲୟୁ କନ୍ୟାଗଣ ଉରସ୍ଥଳୁଁ ଝୋରି । ୬ ।

—*—

—ମଥୁରା ମଙ୍ଗଳ—

ସପ୍ତମ ଛାନ୍ଦ

ରାଗ—ଆହାରି

କୃଷ୍ଣର ଗମନ ଦେଖି ଛନ୍ନ ଛନ୍ନ ହୋଇ ସକଳ ଗୋପାଙ୍ଗନା ଗୁରୁ ଗଉରବ ବାରି ନ ପାରନ୍ତି ଆରତେ ସଫରୀ ନୟନା ଡାକନ୍ତି । ଆହେ ବାରିଧର ବରନା । ବିନା ଦୋଷେ ରୋଷେ ନାଶ କର ଯାଅ ନୋହୁ ଗୋପୀକୁଳ ମୁଁଚନା । ଦଶରଥସୁତ ପ୍ରାୟୁ ନନ୍ଦ ସୁତ କରୁଛ ତ ଆଣି ବିଚାର । ସେ ଛୁଡ଼ିଥିଲେ ସିନା ଏକ

ନାୟିକା ତୁମ୍ଭେ ତ ଗୁଣଗୁଛ ଅପାର । କୃଷ୍ଣ ହେ । ସେବଧିଲେ ଏକ ବାଳୀକ । ତୁମ୍ଭେ ଯେତେ ବାଳୀ ମାରି ଯାଉଅଛ ମନେ ହେଜପାରୁ ନାହିଁ କି । ତୁମ୍ଭେ କୃଷ୍ଣଚନ୍ଦ୍ର ସେ ଶ୍ରୀ ରାମଚନ୍ଦ୍ର ଏଣୁ ମିଶ୍ରଗୁଣ ବହୁଛ । ସେ ଛାଡ଼ି ମାତ ଗୁଡ଼ି ବନେ ପଶିଲେ ତୁମ୍ଭେ ଏବେହେଁ ଡେଜ ଯାଉଛ । କୃଷ୍ଣ ହେ । ସେ ନେଇ ଥିଲେ ସହୋଦର ତୁମ୍ଭେ ସେହି ରୂପେ ଭ୍ରାତାଙ୍କୁ ନେଉଛ ଦୁହେଁ ହେଲ ଏକ ପ୍ରକାର ॥ ତାଙ୍କୁ ସୁମନ୍ତ୍ର ରଥବରେ ବସାଇ ନେନ ଗଲ ଘୋର ବନକୁ । ତୁମ୍ଭଙ୍କୁ ଅକ୍ରୂର ସେହି ପରକାରେ ନେଉଅଛି ମଧୁବନକୁ । କୃଷ୍ଣ ହେ । ସେ ସଙ୍ଗେ ନେଇଥିଲେ ନାରୀ ଏହି ଗୁଣେ ତୁମ୍ଭେ ଊଣା ପଡ଼ୁଅଛ ଆଉ ସକଳ ଗୁଣେ ସରି । କେଉଁ ନାୟିକା ଏହା ଶୁଣି ବୋଲଇ ଏମନ୍ତ ନୁହଇ ଗୋବିନ୍ଦ କୁସୁମ ସୁବାସ ପାଇଲେ ଭ୍ରମର ଯେସନେ ହୁଅଇ ଆନନ୍ଦ । ସେ ଯେମନ୍ତେ । ପ୍ରୀତି ଲଗାଇ ରସ ନଏ । ପ୍ରାନ୍ତେ ତାହାକୁ ଛାଡ଼ି ଦୂର ହୁଅଇ ଅନ୍ୟ କୁସୁମ ପାଶେ ଯାଏ । ସେହି ମନ୍ତ କରି ଛାଡ଼ି ଯାଉଛନ୍ତି ଶ୍ରୀବୃନ୍ଦାବନ ନଶାମଣି । ସ୍ୱରୂପ ସ୍ୱଭାବ ଏକ କରି ଜାଣ ଯେଣୁ ମଇନ ବେଣୁପାଣି । ଏମନ୍ତ । ଶୁଣି ଆଉ ଗୋପୀ ବୋଇଲ । କାକ କୋକିଳ ପରାୟେ କୃଷ୍ଣଚନ୍ଦ୍ର ଜାଣ ସନ୍ଧି ଏବେ ହୋଇଲ । କେ ବୋଲେ ସାଗର ପରାୟେ ଆମ୍ଭର ହୋଇଲେ କରୁଣା ସାଗର । ନାନା ରତନ ଗର୍ଭରେ ରଖି କସ ହେବ ମୁଖେ ନାହିଁ ମଧୁର । ସେ ଯେମନ୍ତେ । ତୃଷାର୍ତ୍ତୀ ନ ହରଇ । ଶୁଦ୍ଧଜଳ ବୋଲି ଲୋଭରେ ଖାଇଲେ ମୁଖେ ଦେଲେ ପ୍ରାଣ ମରଇ ॥ କେ ବୋଲେ ଚନ୍ଦ୍ରକୁ ସମାନ ନୋହିଲେ ଗୁଣ ଗୋଟିକେ । ହେଲେ ଊଣା । ସେ ଗୁଣ ଏବେ ଏଠାରେ ଜଣାଗଲା ଯେଣୁ ନୋହୁ ଅଛୁ କରୁଣା ସଜନ । କାହାକୁ କରିବା ଗୁହାରି ଯେତୁ ଶୁଣନ୍ତା ହୃଦୟୁର ବେଦନା ସେତୁ ଯାଉଅଛୁ ସଂହାରି ॥

ଏତେ କହି ଶୋକେ ଏକକୁ ଆରକେ ଓଗାଳି ରହିଛନ୍ତି ପଥ । ଅକ୍ରୂରକୁ ଗୃହିଁ ବକଟେ କହନ୍ତି ବାହୁଡ଼ ଦେନିଯାଅ ରଥ । ଆମ୍ଭର । ଗୋବିନ୍ଦ ଗୋପରୁ ନ ଯିବେ । ସାରବୁଁ ମହତ କହୁଅଛୁ ସତ ଗୋପାଳମାନେ କି କରିବେ ॥ ବାଣ୍ଡ ପରାୟେ ହୋଇ ଗୋପସୁନ୍ଦରୀ କହନ୍ତି କୃଷ୍ଣ ଅକ୍ରୂରକୁ । ବାହୁନି ରୋଦନ କରନ୍ତି ମଦନମୋହନ ସୁଖ ସଦନକୁ । କୃଷ୍ଣ ହେ । ଶୁଣ ନାହିଁ କପାଁ କହିଲେ । ଶ୍ରବଣକୁହର ମୁଦିଲି ପରାୟେ କରୁଅଛ ଯେତେ ବୋଇଲେ । ଯେତେ ସଙ୍କଟମାନଙ୍କରୁ ତାରିଛ ଏବେ କି ତାହା ପାଶୋରୁଛ । ମଥୁରା ଯିବ ବୋଲି ସଜ ହୋଇଣ ରଖିଲ ଜନଙ୍କୁ ନାଶୁଛ । କୃଷ୍ଣ ହେ । ଉଚିତ ନୁହଇ ଏକଥା । କେବଳ ସେବେଳ ଗୋବିନ୍ଦ ପରାୟେ ନୋହୁଅଛ ସୁଖ କରତା । ବାଶକ ଅଇରି ବଇରିଧ୍ୱଜର ପତିକ ସେବି ପାଇଥିଲୁଁ । ଗୁଡ଼ିଲ ଦଇବ କହିଲେ କି ହେବ ମଧୁରକ୍ଷକ ପ୍ରାୟେ ହେଲୁ । କୃଷ୍ଣ ହେ । ସେ ଯେହ୍ନେ ସଞ୍ଚି ରଖିଥାଇ । ମୁଖରେ ଅନଳ ଲଗାଇ ଶବର ପ୍ରାଣେ ମାରି ସୁଖେ ନଅଇ । ସେହିରୂପେ ଆମ୍ଭେ ସେହି ରୂପେ ତୁମେ ସେହି ରୂପେ ହେଲି ଅକ୍ରୂର । ମଥୁରାନାଗରୀ କେତେ ତପ କଲେ ତାଙ୍କୁ ଭୋଗ ହେଲ ଏଥର । କୃଷ୍ଣ ହେ । ଗୋପୀ ହୋଇବୁ ନିରମାଖୀ । ତାଙ୍କ ବଦନ କୁସୁମ ପ୍ରକାଶିବ ଆମ୍ଭ ଗୋକୁଳଚନ୍ଦ୍ର ଦେଖି । ଶୀର୍ଷ ଉପରେ ଗିରିଶ ଅଇଷ ଜନକ ମଇଦ ବାହାନ । ମହାପ୍ରଳୟରେ ରସ ବରଷିଲେ ସେ ଯେହ୍ନେ ହୁଅଇ ମଳିନ । କୃଷ୍ଣ ହେ । ସେହି ମତ ହେଲୁ ଗୁଆଳୀ । ତପନ କିରଣ ଲାଗିଲେ ଯେସନ ହୋଇଯାଏ ଗଙ୍ଗଶିଉଳି । କମଠ ଯେହ୍ନେ କୋଷ ଗୁଣ୍ଡ ପଳାଏ ଅନାଥ ହୁଅନ୍ତି ନନ୍ଦନ । ତାଙ୍କୁ ରକ୍ଷା କରିବାକୁ କେ ନ ଥାଇ ତେସନ ହେବୁଁ ଗୋପୀଜନ । କୃଷ୍ଣ ହେ । ସେହିମତ ହେବୁ ନିଚେରୁଖ । ଉଣାଇବଶ ଏକ ମିଶାଇ ଖାଇବୁ ପ୍ରତ୍ୟକ୍ଷ ଦେଖି

ଯାଇ ଦେଖ ॥ ଉଦ୍ଧବଥାଉ କଥା ଚଉଦ ଭୁବନ କୃଷ୍ଣ ବଶ୍ୟନେ ଗୋପୀ ମଲେ । ଆପେ ନ ମାରି ମାରିବା ବୁଦ୍ଧି କରି ମଧୁନଗରେ ବିଜେ କଲେ । କୃଷ୍ଣ ହେ । ସ୍ତ୍ରୀହତ୍ୟା ଦୋଷ ହୋଇବ । ରଖିଲୁ ଜନକୁ ନାଶ କଲେ ବୋଲି ଲୋକ ଅପବାଦ ପାଇବ ॥ କେଉଁ ଆଭଗୀ ଅକ୍ରୂରକୁ କହଇ କି କର୍ମ କରୁଛୁ ଗୁଆଁର । ଜୀବର ଜୀବନ ଧରି ନେଉଅଛୁ କି ନାଶିଲୁ ଆମ୍ଭେ ତୋହର । ଅକ୍ରୂର । କ୍ରୂର ଭାବକୁ ତ ବହୁଛ । ରାମଗୋବିନ୍ଦ ଆମ୍ଭ ବେନି ନୟନ ଚକ୍ଷୁମାରି ଖୋଳି ନେଉଛ ॥ ପ୍ରୀତିଲତାକୁ ତ କୁଠାର ପରାଏ ଛେଦନକରୁଛ ମୂଳରୁ । ଅବିଶ୍ୱାସୀ ବୋଲି ଏବେ ସେ ଜାଣିଲୁ ରାଜା ଉଗର ହେଲଠାରୁ । ଅକ୍ରୂର । ନୃପ ସେବକେ ବଡ଼ଗାଢ଼ । କଞ୍ଚିତ ଆଜ୍ଞାରେ ଅତି ପ୍ରତିଜ୍ଞାରେ ମାନନ୍ତି ନାହିଁ ସାନ ବଡ଼ । ତଥାପି ତ ଦୁଷ୍ଟଜନଙ୍କ ସ୍ୱଭାବ କେବେହେଁ ନୁହଇ ଅନ୍ତର । ଅଳପ ଉଶ୍ୱାସ ପାଇଲେ ଘୋଟନ୍ତି ଯେସନେ ଭେଳକି ମନ୍ତର । ଅକ୍ରୂର । ସ୍ୱଜାତି ଦେଖି ମିଳିଯାଇ । ହୀନ ପ୍ରକୃତିକି ଛାଡ଼ି ନ ପାରଇ ଯେସନେ ନିଜ ଅଙ୍ଗ ଛୁଇ ॥ କମ୍ବୁ ଯେସନେ ସାଗରୁ ଜାତ ହୋଇ ନୀଚବଦନେ କରେ ସ୍ୱନ । ବଡ଼ଲୋକ ସୁତ ହୋଇଲେ କି ହେବ ବୁଦ୍ଧି ତାହାର ଏଡ଼େ ହୀନ । ଅକ୍ରୂର । ଏହିରୂପେ ତୋର ପ୍ରକୃତି । ଭଲ ମନ୍ଦ ଦୁଇ କଥା ନ ବିଚାରୁ ନେଉଅଛୁ ଚିର ଅକୀର୍ତ୍ତି ॥ ନାନାପ୍ରକାରେ ବ୍ରଜନାରୀମାନେ କରନ୍ତି ଅକ୍ରୂର ନିନ୍ଦନ । ଆରତସରିତେ ପଡ଼ି ବୁଡିଗଲେ ତେଜି ଲଜ୍ଜାକୁଳ ସଦନ । ରମଣୀ କରନ୍ତି ବିଚିତ୍ର ବିଳାପ । ଭକତ ଚରଣ ଦାସ କହେ ଅଙ୍ଗେ ଘୋଟିଯାଉଛି ଗୁରୁତାପ ।

ସପ୍ତଦଶ ଛାନ୍ଦ

ଧନୁର୍ଭଙ୍ଗ

ରାଗ—ବରାଡ଼ି (ଆଷାଢ଼ ଶୁକ୍ଳବାଣୀ)

ଏଥୁଅନନ୍ତରେ ଶୁଣ ସୁଜନ । ସେଠାରୁ ବିଜେ ଜଗତଜୀବନ ।
ପୁଲକିତ ହୋଇ ଉଠିଲା ଧରା । ବିଚାରଇ ଏବେ ସରିବ ଭରା ।
ପାଇବି ଉଶ୍ୱାସ । ନାଶିବେ କଂସକୁ ରମା ବିଳାସ ।
ଅମ୍ବରେ ଅମ୍ବରେ କରନ୍ତି ସ୍ତବ । ଜୟ କେଶବ ଗୋବିନ୍ଦ ମାଧବ ।
ବନ୍ଧନ କରି ରିପୁକୁଳନାଶ । ମହିମା ତାରକା କର ପ୍ରକାଶ ।
ସାଧୁଜନ ପାଳ । ନମଃ ମୁରାରିକୁଳ କଳାନଳ ।
ଦେବଙ୍କ ସ୍ତୁତି ଜାଣି ଅନ୍ତର୍ଯାମୀ । ମନେ ବିଚାରନ୍ତି ସାରଙ୍ଗପାଣି ।
ଦର୍ପିଷ୍ଟ କଂସ ସବୁରି ବଇରୀ । କାଲି ନିଶ୍ଚୟ ପକାଇବି ମାରି ।
ଉଶ୍ୱାସିବ ମହୀ । ସୁଜନଙ୍କ ଦୁଃଖ ନୁହଇ ସହି । ୩ ।
ଏମନ୍ତ ଭାଳି ବିଜେ ମନ୍ଦ ମନ୍ଦ । ପୁଷ୍ପ ବରଷନ୍ତି ଅମର ବୃନ୍ଦ ।
ବଜାଇ ବେଣୁ କଇଁଶୀ କାହାଳୀ । ପଡ଼ିଲା ଧନୁନଗର ହାଲୋଳି ।
ଚମକଇ ମହୀ । ଗୋପାଳଙ୍କ ସୁଖ ନୁହଇ କହି ।୪।
କେ ବାଡ଼ି ବୁଲାଇ ଚମକି ଯାଇ । ଗଉଡ଼ ନାଟ ଖେଣ୍ଡି କେ ନାଚଇ ।
କେବଣ ପୃଷ୍ଠ ମାରେ ଗାଲତୁରି । କେବାଡ଼ି ମେଳି ଡାକେ ଖରତର ।
କେ ପିଠେଇ ନେଇ । କେହୁ ବଞ୍ଚାଇ ବୋଲେ ନାହିଁ ନାହିଁ ।୫।
କାହାର ମୁଣ୍ଡରେ ଖୋଲିଗି ପାଗ । ଦୋହଲି ଗୁଳଇ କି ମତନାଗ ।
କାହାର ଶିରେ ଗୁଞ୍ଜଗୁଣ୍ଡି ମାଳୀ । କାହାର ବେଣୀ ପଛକୁ ଓହଳି ।
କା କଟିରେ ଘଣ୍ଟି । କେହୁ ପିନ୍ଧିଛନ୍ତି କନକପଟି ।୬।
କେହୁ ପିନ୍ଧିଛି କାକଡମ୍ବା ବାସ । କାହାର ନୀଳ କେ ଶୁକଳ ବେଶ ।
କାହାର ରଙ୍ଗ ଯାହାର କାଳିମା । କେତେ କହିବି ସେ ସଜମହିମା ।
ଯାହାକୁ ଯେ ଗଛେ । ସଜ ହୋଇଛନ୍ତି ଗୋବିନ୍ଦ ପଛେ ।୭।
ହୁଁ ହୁଁ ଗରଜନେ ଧାଇଁଲେ ସୁତେ । ମଧ୍ୟେ ବିଜେ ରାମ ଗୋବିନ୍ଦ-

ସାଥେ । ପଡ଼ିଲା ଧନୁ ଘରଦ୍ୱାରେ ହରି । ଜଗିଅଛନ୍ତି ଅନେକ ପ୍ରହରି
ପକାଇ କବାଟ । ମାଡ଼ି ଗଲବାକୁ ନ ମିଳେ ବାଟ ।
ସେଠାରେ ଯାଇଁ ହେଲେ ରାମ ହରି । ଉଚେ ଡାକନ୍ତି ଶୁଣ ହେ
ଦୁଆରୀ । ରାଜାର ଭଣଜା ଅଟଇ ମୁହିଁ । ଧନୁ ଉହ୍ଲବ ଯାହା ମୋର
ପାଇଁ । ଅଟ୍ଟ କର ମାମୁଁ । ସ୍ତୁତିବଦଅ ପଥ ଦେଖିବ ଧନୁ ।
ଶୁଣି ଦ୍ୱାରପାଳ ପାଇଲେ ଖଙ୍ଗ । ଲଞ୍ଜି ମାଡ଼ିଲେ ଯେସନେ ଭୁଜଙ୍ଗ ।
ପ୍ରତିଜ୍ଞା କରି କହନ୍ତି ବଡାଇ । ଭଣଜା ପଣଟି ଦେବୁ ଛଡ଼ାଇ ।
ରେ ଗଉଡ଼ ମୁଡେ଼ । ହୀନଜାତି ହୋଇ କହୁଛୁ କେଡେ଼ ।
ନ ଜାଣ କି କେଡେ଼ କଂସ ନୃପତି । ତାହା ଦେଶରେ କରୁଛ ଅନୀତି
ଶ୍ରୀଅଙ୍ଗେ ଲଗିବ ସୁଗନ୍ଧପୁଷ୍ପ । ତାହା ଲୁଟିକରି ହୋଇଛ ବେଶ ।
ଏଡେ଼ ଗର୍ବ କର । ପୁଣ ବେଢୁଛ ଶରାସନ ଘର ।
ଯାହା ହେବ ତାହା ଜାଣିବ କାଲି । ଏତେ କହି ଶସ୍ତ୍ର ଧରି ଓଗାଳି
ମହାପ୍ରତାପୀ ରୋହିଣୀ ନନ୍ଦନ । ସହି ନ ପାରି ଧାଇଁଲେ
ବନ୍ଧନ ମାରୁ ବଜ୍ରମୁଠ । ପଡ଼ିଲେ ଦ୍ୱାରୀମାନେ ଯୁଥ ଯୁଥ ॥
ଥୋକେ ମଲେ ଥୋକେ ପଳାଇଗଲେ । ରାମଗୋବିନ୍ଦ ଝସାଇ
ପଶିଲେ । ଦେଖିଲେ ଧନୁ ଅପୂର୍ବ ସୁନ୍ଦର । ଧରି ଗୁଣ ଦେଉଁ
କମଳାକର । ଆଣନ୍ତେ ଉଚ୍ଚୁଡ଼ି । ଭାଙ୍ଗିଲା ରୂପ କରି ଦୋରଉଡ଼ି ॥
ଯେତେ ମନ୍ତ୍ରିଣି ସଜମାନ ଥିଲା । ଜୁର କରିନେଲେ ଗୋପାଳବାଳା
ବେନି ଭାଇ ଘରୁ ହେଲେ ବାହାର । ଭଗ୍ନକୋଦଣ୍ଡ ଧରିଛନ୍ତି କର
ଦେଖି ଦୁଷ୍ଟମାନେ । ପୁଣ ବେଢିଲେ କୃତାନ୍ତ ସମାନେ ।
ଧାଇଁଲେ କାଦମ୍ବିନୀ ମଉଆଳ । ଅର୍ଦ୍ଧ କାର୍ମୁକରେ କଲେ ପ୍ରହାର ।
ଶମନଭୁବନେ ଚଳିଲେ ମୂଢେ଼ । କେ ବର୍ଣ୍ଣିବ, ପଡ଼ି ତାଙ୍କ ହାବୁଡେ଼
ଲେଉଟିଲେ ହରି । ଦାଣ୍ଡରେ ଦେଖିଲେ ମଥୁରା ନାରୀ ।୧୫।
ମଧୁବନରେ ହୋଇଲେ ପ୍ରବେଶ । ଦେଖି ମାତା ପିତା ହେଲେ
ହରଷ । କୋଳେ ବସାଇ ମୁଖେ ଦେଲେ ଚୁମ୍ବ । ତେତେବେଳେ

ମନ ହୋଇଲା ଦମ୍ଭ । ଓହ୍ଲାଇଲେ ବେଶ । ସ୍ନାନକରି ସେ ଭୁଞ୍ଜି ଷଡ଼ରସ । ପଲଙ୍କେ ଶୋଇଲେ ବେନସୋଦର । କ୍ଷୀର ସିନ୍ଧୁରେ କି ନବ ମୁଦିର । ସେହି ପ୍ରକାରେ ଦିଶେ ବେନ ତନୁ । ସୀମସ୍ଥାନେ ଦେଇଅଛନ୍ତି ବେଣୁ । ନନ୍ଦ । ସୁରୁଚିର । ଭକ୍ତଚରଣ କୃପଇ ପୟୂର ।୨୭।

—*—

—ରୁକ୍ମଣୀ ବିଳାସ—

ଦ୍ୱାବିଂଶ (ଛାନ୍ଦ)

ରାଗ—ଆଶାଢ଼ଶୁକ୍ଳ

ଆଦ୍ୟ ଯମକ

ଏ ଅନ୍ତେ ଜନେ ଶୁଣ ଦିବ୍ୟ ରସ । ଆସି ଆଷାଢ଼ ହୋଇଲା ପ୍ରବେଶ
ଘନ ଘନ ହୋଇ ଗର୍ଜିଲା ଘନ । ଛନ୍ନ ଛନ୍ନ ଶୁଣି ବିରହୀଜନ ।
ବନ ବନ ପାଇ । ମନ ମନକଲେ ଯୁବା ହେବଇଁ ।୧।

ମଧ୍ୟ ଯମକ

ଯୋଟି ମେଘମାଳ ମାଳ ଗଗନ । ବିରହେ ସେକାଳ କାଳ ସମାନ ।
ଡାହୁକକୁଳ କୁଳକ୍ଷୟ କରି । ସଜଳ ଜଳଦରେ ବସୁନ୍ଧରୀ ।
ଏ ରାତିକି ଦେଖି । ଫୁଲଶର ଶର ପ୍ରହାରେ ଯୋଖି ।୨।

ପ୍ରାନ୍ତ ଯମକ

ଶାମୁକମାନେ ହେଲେ ମକ ମକ । ଜ୍ୟୋତିରିଙ୍ଗଣ ଦିଶେ ଜକଜକ ।
ଦେଖି ବିରହୀମାନେ ବକ ଦକ । ପ୍ରଭା ପ୍ରକାଶି କୁରୁ ବକବକ ।
ବିଚ୍ଛେଦୀ ଲୋକଙ୍କ । ହୃଦକୁ କାଳ କଣ୍ଟକ କଣ୍ଟକ ।୩।

ରୂପକ

କେ ବୋଲେ ଏ ଘନ ନୋହେ କନ୍ଦର୍ପ । ଦେଖ ଯୁବାଜନେ କରଇ
ଦର୍ପ । କରେ ବହିଅଛି ସୁମନଚାପ । ରତି ସ୍ନେହ ଦାମ୍ଭି ବିଦ୍ୟୁତ୍ସ୍ୱରୂପ
ପୁଣି ଏ ଅରୂପ । ଉନ୍ମତ୍ତ ନୋହି କେ ସହିବ ତାପ ।୪।

ପୁନରୁକ୍ତି

ମେଘ ଘେନ ବରଷିଲା ଗରଜି । ବିରି କରି ସପ୍ତଳ ବିରାଜି ।
ବିଦ୍ୟୁତଞ୍ଚଳା ହୋଇଣ ପ୍ରକାଶ । ପବନ ପ୍ରବଞ୍ଜନ କଲା ବେଶ ।
ବିଧୁଚନ୍ଦ୍ର ଚୈତ୍ର । ଜଡ଼ାଇଣ ବଢ଼ାଇଣ ଉତ୍କେ ପ୍ରିୟ ।୫।

ବିରୋଧାଭାସ

ବରଷ ଧାରେ କରାଇଲା ତୋଷ । ବରଷି ଧାରେ ନୋହିଲା ସନ୍ତୋଷ
ବିଟପରେ ବଢ଼ାଇଲା ଉଲ୍ଲାସ । ବିଟପେ ଦେଲା ପୁଣି ବହୁ କ୍ଲେଶ ।
ରସେ ସୁଆଦର । ରସେ ସ୍ତନେ ସ୍ଥାନରେ ହତାଦର ।୬।

ଅଦ୍ଭୁତ ଉପମା

ଚନ୍ଦ୍ର ସୂର୍ଯ୍ୟଙ୍କୁ ଲୁଚାଇ ଆକାଶ । ଏକ କଲା ଦେଖ ନିଶି ଦିବସ ।
ପୁଣି ଆଶ୍ଚର୍ଯ୍ୟ ଦେଖ ତାର ଗତି । ବିନା ମୁଖେ ଗିଳିଲା ଗିରିପନ୍ତି ।
ଆକାଶେ ଥାଇଣ । ରତି ରସେ ଶିଖିକି ତୋଷେ ପୁଣ ।

ଅବନା

ସର ସର ପରକଟ କମଳ । ଜଳ ଗହଳ ଗଗନମଣ୍ଡଳ ।
ମଉନ କଲରବର ଚହଳ । ମନମଥ କରଶର ଚଞ୍ଚଳ ।
ଚଡ଼କ ପତନ । ଖଣ୍ଡ ଖଣ୍ଡ ପରବତ ତପନ ।୮।

ବନା

ବଲ୍ଲିକବାରେ ପ୍ରୀତିଶ୍ରୀତି ଯାହା । ବୀଣାଭାଷୀ ସ୍ନେହାଧୀନା ସୁଦେହା ।
କଙ୍କିମୀ ରମା ମାଧୁର୍ଯ୍ୟ ଲୀଳା । ରାଜୀବାକ୍ଷୀ ସଜ ରାଜ ନୋହିଲା ।
ଲୁଚିଲା ମାଗୁଣି । ବିଧୁମୁଖୀକି ମୋ ପ୍ରୀତି ମାଗୁଣି ।୯।

—ବିଚିତ୍ର ରାମାୟଣ—

ମଧୁଶଯ୍ୟା

ରାଗ—ଆଶାଢ଼ଶୁକ୍ଳ

ଫିଟିଛୁ କୁସୁମ ସହିତେ ବେଣୀ । କାଳନ୍ଦୀରେ ଭାସେ କି ହଂସଶ୍ରେଣୀ

ରାହୁ ମୁଖରୁ କି ଖସିଲା ଶଶୀ । ସରୋଜନେତ୍ରୀ ନେତ୍ର ମତି ଦିଶି ।
ଲିଭିଚ ଚନ୍ଦନ । ବର୍ତ୍ତୁଳ କୁଚେ ନଖକ୍ଷତମାନ ।୧।
ଛୁଟିଛି ଉରହାର ଗଜମୋତି । ଭୁଟିଛି ଅଧର ରଙ୍ଗିମା ଜ୍ୟୋତି ।
ରଙ୍ଗିମା ଦିଶୁଛି ନୟନ ,ଦେନ । କାନ୍ତ ଅନୁରାଗ ଅଛି କି ଘେନ ।
ଫିଟିଛି ବସନ । ପାରାରୁ ଅନ୍ତର କବା କାଞ୍ଚନ । ୨ ।
ପୁଣି କେଉଁ ସଖି ବୋଲେ ବଚନ । କମ୍ପୁ ଥିଲା ପରା ତନୁଲାବଣ୍ୟ ।
ଅଙ୍ଗ ଛୁଅନ୍ତେ ନ ଜଳ କି ନାହିଁ । ଛୁଟୁ ନ କଲେ କି ବନପ୍ରୀ ହୋଇ
ଲାଜ କଲ୍ଟି କି । ସୁରତେ ତୁମ୍ଭଙ୍କୁ ଜିଣିଲେ ନିକ ।୩।
ରାମ କଲେ କାମ ଭଣ୍ଡାର ଚୂର । ଜାଣିଲୁ ଆମ୍ଭେ ବେଶରୁ ତୁମ୍ଭର ।
ମୁକୁତା ଅଳକା ପଡ଼ୁଛି ଖସି । ଚନ୍ଦ୍ର କି ସୁଧା ବରଷଇ ହସି ।
ଗୋ ଲଳନାବର । ବୋଲେ ଋଷି ରାମ ତୁମ୍ଭଙ୍କୁ ବର ।୪।

—*—

ମିଥିଳା ପ୍ରବେଶ

ରାଗ—ମଙ୍ଗଳଗୁଜ୍ଜରୀ

ଶ୍ରୀରାମ ଲକ୍ଷ୍ମଣ ବେନି ମିଥିଳା ପ୍ରବେଶ । ଦେଖିଣ କାମିନୀମାନେ କାମରେ ଅବଶ ଯେ । ୧ । ଏ ପରା ରାମ ଲକ୍ଷ୍ମଣ ଏହି ପରା ମୁନି । ଏ ପରା ତାଡ଼କା ସୁବାହୁ ମାଇଲେ ବେନି ଯେ । ୨ । ଯାଙ୍କ ପାଦ ଲାଗି ପରା ପାଷାଣ ଯୁବତୀ । ଋହିଁବା ମାତ୍ରକେ ହରୁଅଛି ଆମ୍ଭ ମତି ଯେ । ୩ । ଦେଖିଣ ଜନକ ରାଜା କଲେ ବହୁ ପୂଜା । ରୂପ ଦେଖି ଚକିତ ହୋଇବେ ସର୍ବ ରାଜା ଯେ । ୪ । ବସିଲେ ସଭାର ମଧ୍ୟେ ହେଲା ନେତ୍ର ତୁଷ୍ଟି । ବୋଲେ ଋଷି ପଡ଼ିଲା ଭୂମିସୁତାଙ୍କ ଦୃଷ୍ଟି ଯେ ।୫।

ହନୁ ଲଙ୍କା ପ୍ରବେଶ

ରାଗ—ରସକୋଇଲି ବାଣୀ

ରବି ଅସ୍ତେ ସନ୍ଧ୍ୟା ହେଲା ପ୍ରକଟ । କ୍ଷୀଣ ମାର୍ଜାର ସମାନେ

ମର୍କଟ । ଧେନୁମାନଙ୍କ ସଙ୍ଗରେ ମିଶିଲା । ଲଙ୍କା ଗଡ଼ର ଭିତରେ ପଶିଲା ସେ । ଦେଖି ତାଙ୍କୁ ଲଙ୍କା ଦେବୀ ଯେ । ପଥ ଓଗାଳିଣ ବୋଲନ୍ତି ବାନର ଆଜ ମୁଁ ତୋତେ ଖାଇବି ରେ । ୧ । ହନୁ ତାହାଙ୍କୁ ଚପୁଡ଼ି ମାଇଲେ । ଭୟରେ ଦେବୀ ତାଙ୍କୁ ବର ଦେଲେ । ଯତ୍ନେକ ଆସିଛ କର ତା ସିଦ୍ଧି । ପୂର୍ବହୁଁ ମୋତେ କହିଛନ୍ତି ବିଧି ସେ । ଅସୁରକୁଳ ନିପାତ ଯେ । ଆଜହୁଁ ଜାଣିଲି ରାବଣ ସଗୋତ୍ର ସହିତେ ହୋଇବେ ହତ ଯେ ॥ ବୁଲଇ ଲଙ୍କା ହୋଇଣ ନିଃଶଙ୍କା ସୀତାଙ୍କୁ ଖୋଜଇ କରି ଆଶଙ୍କା । ଧୂମାକ୍ଷ ବିରୂପାକ୍ଷ ମହୋଦର । ପ୍ରହସ୍ତ ମହାପାର୍ଶ୍ୱରପୁର ସେ । ଚାହିଁଲେ ସର୍ବପୁରବାଟ ଯେ । ସୀତାଙ୍କ କାହିଁ ଲକ୍ଷଣ ନ ଦେଖି ବିକଳ ହୁଅଇ ମତି ଯେ । ୩ । ଅକ୍ଷୟ ମେଘନାଦ ଅକମ୍ପନ । କୁମ୍ଭକର୍ଣ୍ଣ ବିଭୀଷଣ ସଦନ । ମହାରାବଣ ଅତିକାୟ ପୁର । ଖୋଜଇ ସର୍ବ ମରୁତ କୁମର ସେ । କୁମ୍ଭ ନିକୁମ୍ଭ ଦୁର୍ମୁଖ ଯେ । ଦୁର୍ଜୟ ଦୁର୍ଦ୍ଦାନ୍ତକ ପୁର ଖୋଜିଣ ହନୁ ହୁଅଇ ବିମୁଖ ଯେ । ୪ । ଉନ୍ମତ୍ତ ମକରାକ୍ଷର ପୁର । ମିହଘନ ଶୁକ ସାରଣ ଘର । ନିଶିର ରାକ୍ଷସ ଘର ଦେଖିଲା । ଲଙ୍କାପୁରେ ଘରେ ଘରେ ପଶିଲା ସେ । ନ ଦେଖିଲା ରାମନାରୀ ଯେ । ଖୋଜି ଖୋଜି ଯାଇ ପ୍ରବେଶ ହୋଇଲା ରାବଣର ନିଜ ପୁରୀ ସେ । ୫ । ଦେଖିଲା ସର୍ବ ରତ୍ନମୟ ପୁର । ଶୋଇଛନ୍ତି ପୁଷ୍ପିତମାନ ଉପର । ଅନେକ ନାରୀ କରିଣ ସୁରତ । ପଡ଼ିଅଛନ୍ତି ହୋଇ ଅଶକତ ସେ । ବିବିଧ ମଦ୍ୟପାନେ ଯେ । କେହି କେହି ନାରୀ ଅତି ସୁକୁମାରୀ ଶୋଇଛନ୍ତି ବିବସନେ ଯେ । ୬ । ନାଗ ନର ସୁର ଗନ୍ଧର୍ବ ନାରୀ । କିନ୍ନର ଯକ୍ଷ ରାକ୍ଷସ କୁମାରୀ । ଅପସରା ବିଦ୍ୟାଧରୀ ଯୁବତୀ । ବେଢି ଶୋଇଛନ୍ତି ରାବଣ କତି ସେ । କା ହାତୁଁ ପଡ଼ିଛି ବୀଣା ଯେ । କାହା କରୁ ତାଳ କା କରୁ ମର୍ଦ୍ଦଳ କା ହସ୍ତୁ ହଡ଼ପ ମୁଣା ଯେ । ୭ । ଗୁମର ଆଉ ଆଲଟ ପକାଇ ।

ଶୋଇଛନ୍ତି ବାଳୀ ଜ୍ଞାନ ହରାଇ । ପାନ ପରମାନ ପଡ଼ିଛନ୍ତି ଖସି । କନକ କୁମ୍ଭେ ସୁରା ଅଛି ପଶି ଯେ । ଜଳଇ ପ୍ରଦୀପମାନ ଯେ । ଉଜ୍ଜ୍ୱଳ କନକ ପଞ୍ଝୁଆ ପରାଏ ଦିଶୁଛନ୍ତି ସ୍ତନଧନ ଯେ । ୮ । ମଧ୍ୟରେ ଶୋଇଛନ୍ତି ଦଶଶିର । କରୀବର ପ୍ରାୟେକ ହଂଶକର । ବେଢ଼ି ଶୋଇଛନ୍ତି ସକଳ ବାଳୀ । କଜ୍ଜ୍ୱଳ ମେଘେ ବେଢ଼ି କି ବିଜୁଳି ସେ । ଚନ୍ଦନମାଳାରେ ଶୋଭା ଯେ । ଚନ୍ଦ୍ର ରଜନୀରେ ତମାଳ ତରୁରେ କନକଲତା ବେଢ଼ିବା ଯେ । କୋଳରେ ଶୋଇଅଛି ଏକ ନାରୀ । କୃଶଉଦରୀ ଯଉବନେ ଭାରୀ । ଦହିଲା ହେମ ନିନ୍ଦଇ ତା ତନୁ । ତା ଦେଖି ବିସ୍ମୟରେ ପବନ ସୂନୁ ସେ । ଏ ପରା ରାମ ଘରଣୀ ଯେ । ମୁଖ ତାର ମଦ୍ୟ ବାସରେ ପ୍ରକଟ ନୁହଇ ବୋଲି ତା ଜାଣି ଯେ । ୧୦ । ମନେ ବିସ୍ମୟରେ ଅପରାଧ କଲି । ରାମ ଘରଣୀ ଏହାକୁ ବୋଇଲି । ମରକତ କଲି । ଗୁଞ୍ଜାପକ୍ଷୀ ମୁଣ୍ଡ । ସ୍ଫଟିକ କଲି ମୁଁ ରଜତଖଣ୍ଡ ସେ । ପିତ୍ତଳ କଲି କାଞ୍ଚନ ଯେ ଇନ୍ଦ୍ର ନୀଳମଣି ରତନ ମୁଁ କଲି କାଚର ସଙ୍ଗେ ସମାନ ଯେ । । ୧୧ । ନ ଦେଖି ହନୁ ସୀତାଙ୍କ ଶ୍ରୀମୁଖ । ମନେ ଲଭିଲେକ ବହୁତ ଦୁଃଖ । ବୋଲଇ ଅସୁରେ କଲେ କି ଗ୍ରାସ । କି କହିବି ଯାଇଁ ଶ୍ରୀରାମ ପାଶ । ନ ପାଇ ସୀତା ସନ୍ଦେଶ ଯେ । ଶ୍ରୀରାମ ଲକ୍ଷ୍ମଣ ସୁଗ୍ରୀବ ସହିତେ ନିଶ୍ଚୟ ହୋଇବେ ନାଶ ଯେ । ୧୨ । ଏଥିରୁ ଭଲ ମୋହର ବିନାଶ । ଖୋଜୁଛି ବୋଲି କରିଥିବେ ଆଶ । ସମ୍ପାତ କରିବା ଚହ୍ଲେଇ ମନେ । ପଶିଲା ଯାଇଁ ଅଶୋକ କାନନେ ସେ । ଦିଶଇ ଖାଣ୍ଡବ ବନ ଯେ । ବୋଲଇ ବସି ଯେ ଦେଖିଣ ପ୍ରଶଂସା କରୁଅଛି ହନୁମାନ ହେ । ୧୪ ।

ଛନ୍ଦ କାଠ

ରାଗ—କୌଶିକ

ମନ୍ତ୍ରୀ ମୁଖୁଁ ଶୁଣି କୋପେ ହଂଶପାଣି ପୁଷ୍ପକଯାନେ ଭିଡ଼େ କଲା ।

ଧନୁଶର ଧରି ଆକାଶେ ରହିଣ ସୁବଳଗିରିକି ଚାହିଁଲ । ତୋଳେ ଦେଖିଲ । ଦୁର୍ବାଦଳ ରାମ ଶରୀର । ବ୍ରହ୍ମାଣ୍ଡ ଶୋଭା କି ଯେନ ଅବତାର ମଦନ ଯାର ପରିବାର ॥ ବଚନ ମୃଗଛାଲ ପରେ ବିଜୟ ସୁଗ୍ରୀବ ଉରେ ଆଉଜିଣି । ଦକ୍ଷିଣ ଭୁଜ ତାଳୁସୂତ କନ୍ଧରେ ହନୁମନ୍ତେ ବାମଚରଣ । ଲଙ୍କାଗଡ଼ରେ । ପଡ଼ିଛି କୋପ ନେତ୍ର କୋଣ । ଶ୍ରୀରାମ ବାମ ପାରୁଶରେ ବସିଣ ଶର ସଳଖନ୍ତି ଲକ୍ଷ୍ମଣ ।୨। ସମ୍ମୁଖରେ ଜାମ୍ବବ ବେନି କରଯୋଡ଼ି ଜଣାନ୍ତି ଯୁଦ୍ଧ ଅନୁକୂଳ । ଗୁଣ ଦେଇଣ କୋଦଣ୍ଡ ଧରିଛନ୍ତି ବାମଅଙ୍ଗ କରକମଳ । ଦକ୍ଷିଣ କର । ପଲ୍ଲବେ ଶୋଭେ ଦକ୍ଷିଣଶର । ସୁବାସ କୁସୁମେ ସୁଜଟା ମଣ୍ଡିତ ବନ କୁସୁମ ମାଳାଉର । ମେଘ ଖଣ୍ଡ ପ୍ରାୟ ଆକାଶେ ଦେଖିଣ ପଚାରୁଛନ୍ତି ସୀତାପତି । ଆହେ ଲଙ୍କପତି ଗଗନେ କି ଦିଶେ କହ କହ ଏ କିସ ରୀତି । କହନ୍ତି କହଇ । କରି ବଦନେ ବିଭୀଷଣ । ଅଙ୍ଗୁଳି ଯେଣ ଦେଖାଇ ବୋଲେ ଦେବ ସୈନ୍ୟ କରୁଅଛି ରାବଣ ।୪। ଶ୍ରୀରାମ ଶ୍ରବଣେ ଏମନ୍ତ କହନ୍ତେ ଅନାଇଥିଲା ଦଶଶିର । ବୁଲାଇଣ ଗଦା ପ୍ରହାର କରନ୍ତେ ଧଇଲା ମରୁତକୁମର । ଦେଖି ଶ୍ରୀରାମ । କୋଦଣ୍ଡ କାଣ୍ଡ ବସାଇଲେ । ରାବଣ ଧନୁ ମୁକୁଟ ସର୍ବଛତ୍ର ଛେଦ ବୋଲିଣ ଆଜ୍ଞା ଦେଲେ । ଆଜ୍ଞା ପାଇଣ ଶର ଧନୁ ମୁକୁଟ କାଟିଲା ତାର ସର୍ବଛତ୍ର । ଏକା ବେଳକେ କି ଛିଡ଼ିଣ ପଡ଼ିଲା ଗ୍ରହସଙ୍ଗେ ସର୍ବ ନକ୍ଷତ୍ର । ତହିଁକି ଅବା । ଗଜମୁକୁତା ହେଲା ବୃଷ୍ଟି । କି ଅବା ମଲ୍ଲିକା କୁସୁମେ ରାମକୁ ଅଞ୍ଜଳି ଦେଲେ ପରମେଷ୍ଠି ।୬। ରାମ ବାଣ ଠାଣି ଦେଖିଣ ରାବଣ ଲାଜ ଭୟରେ ପଳାଇଲା । ଛେଦନ କଲେ ଯେତେ ଛତ୍ର ତାହାର ସିନ୍ଧୁ ଗର୍ଭରେ ସେ ପଡ଼ିଲା । ଚନ୍ଦ୍ରା ଜଳରେ । ମନ ମୀନ ତାର ବୁଡ଼ିଲା । ବୋଲେ ଋଷି ସୀତା ହରିଲା ଦିନରୁ ଦଇବ ତାହାକୁ ଛାଡ଼ିଲା ।୭।

—ରାବଣର ଖେଦ ଓ କୁମ୍ଭକର୍ଣ୍ଣ ନିଦ୍ରାଭଙ୍ଗ—

ରାଗ—ଗୈରି

ଏହି ଦଶମୁଖ ରାକ୍ଷସରାଜ, ପ୍ରାପ୍ତକ ଅସୁରରାଜ, ପଳାଇଣ ଲଙ୍କାରେ ପ୍ରବେଶ ହୋଇଲା । ସମସ୍ତ ଅସୁର ରାଇ ମନେ ମହାଭୟ ପାଇ ପୂର୍ବ କଥାମାନ ତାଙ୍କ ଆଗେ କହିଲା । ନର ବାନର ମୋ ବଇରୀ । ତାଙ୍କ ସକାଶେ ଗଲା ମୋ ଏ ଲଙ୍କାଶିରୀ । ୧ । ବେଦମଣ୍ଡ କଲା କୋପ, ପୂର୍ବେ ଦେଇଥିଲା ଶାପ, ମୋର ଯୋଗୁ ନାଶଯିବୁ ଆରେ ଅସୁର । ବ୍ରହ୍ମା କହିଥିଲେ ମୋତେ, ଜାଣିଲା ନୋହିବେ ତୋତେ ଯୁବତୀ ସକାଶୁ ମୃତ୍ୟୁ ହେବ ତୋହର । ରମ୍ଭା ମୋତେ ଶାପ ବହିଲା ଆମ୍ଭ ସ୍ତ୍ରୀରୀ ଯୋଗୁ ତୁ ମରିବୁ ବୋଇଲା । ୨ । ରଘୁବଂଶ ଦଣ୍ଡଧର, ଅରଣ୍ୟକ ନୃପବର ; ତାହାକୁ ମାରନ୍ତେ ଶାପ ମୋତେ କହିଲା । ମୋହର ବଂଶରେ ଜାତ, ହୋଇ ତୋତେ କରୁ ହତ, ଏମନ୍ତ ଶାପ ଦେଇ ସେ ସର୍ଗକୁ ଗଲା । ଯେତେ ଯେତେ କଲି ମୁଁ ତପ । ସେ ପୁଣ୍ୟ କେଣିକ ଗଲା ବଶିଲା ପାପ । ୩ । ମୋର ଘୋର ତପ ଦେଖି ଧାତା ହୋଇ ମହାସୁଖୀ ଯେତେ ବର ମାଗିଲି ମୁଁ ତେତେ ସେ ଦେଲେ । ଗନ୍ଧର୍ବକନ୍ନର ଯକ୍ଷ ନାଗ ସୁରା ସୁର ଯକ୍ଷ ଏମାନଙ୍କେ ବଧ ତୁ ନୋହିବୁ ବୋଇଲେ । ନର ବାନର ମୋ ଅଶନ । ଏମାନଙ୍କୁ ଭୁଞ୍ଜି କରି ମଣିଲି ମନ । ୪ । ବିଭୀଷଣ ହିତ ବୋଲ, ସେ କାଳେ ହୋଇଲା ଶଲ, ବୁଦ୍ଧ ଅସୁରଙ୍କ ବୋଲ ନ କଲି । ନର ବାନରଙ୍କ ହାତେ, ମୋ ପୁତ୍ରେ ମଲେ ବିଅର୍ଥେ, ଆପଣେ ପାଇଣ ପରାଭବ ପାଇଲି । ବଜ୍ର ଜାଣି ତାଙ୍କର ବାଣ । ମାନବ ନୁହନ୍ତି ସେହି ରାମ ଲକ୍ଷ୍ମଣ । ୫ । ଇନ୍ଦ୍ର ଆଦି ସୁରଗଣ, ଜିଣିଲି କରି ମୁଁ ରଣ, ତ୍ରିଭୁବନରେ ଏକା ବିଜୟୀ ହେଲି ନାଶ ଗଲା ପୂର୍ବ ତପ, ପଡ଼ିଲା ନନ୍ଦିର ଶାପ, ତେଣୁ କପିକରେ ପରାଭବ ପାଇଲି । ନର କପି ଅସୁର ମାରେ ପୂର୍ବେ ନ ଥିଲା କଥାହିଁ ଦଇବ

କରେ । ୬ । ଏବେ ଭ୍ରାତାକୁ ଉଠାଅ, ନାନା ଭକ୍ଷ୍ୟମାନ ଦିଅ, ନର ବାନରମାନଙ୍କୁ କରୁ ନିପାତ । ତା ବିନୁ ମୋହର ମାନ, ଫେଡ଼ିବାକୁ ନାହିଁ ଆନ, ଏକା ମାତ୍ର ସେହି ମୋର ଅଛଇ ହିତ । ଶୋଇବାର ନବ ଦିବସ । ମୋତେ ହୋଇଲାଣି ଏବେ ଯୁଗ ଅଶେଷ । ୭ । ଶୁଣି ସର୍ବ ପରିଜନ, କୁମ୍ଭକର୍ଣ୍ଣର ସଦନ; ଦ୍ୱାରେ ଉଭା ହୋଇ ଭିତରକୁ ନ ଗଲେ । ଯେଉଁମାନେ ବଳେ ଗଲେ ଭିତରେ ଯାଇ ପଶିଲେ, ନିଶ୍ୱାସ ପବନେ ବହୁଦୂରେ ପଡ଼ିଲେ । ବଳବନ୍ତ ଅସୁରମାନେ । ରହିଲେ ତାହାର ବଦନ ସନ୍ନିଧାନେ ।୮। ସହସ୍ରେକ ଶଙ୍ଖ ଭେରୀ, ଘଣ୍ଟା ମର୍ଦ୍ଦଳ ମହୁରୀ, ଢମକ ନିଶାଣ କର୍ଣ୍ଣପାଶେ ବାଇଲେ । କେହି ଘେନି ଲୌହଦଣ୍ଡ, ପ୍ରହାରନ୍ତି ତାର ପିଣ୍ଡ, କେହି ପାଷାଣ ତ ନେଇ ଅଙ୍ଗେ ମାଇଲେ । ନିଦ୍ରା ଯହୁଁ ନୋହିଲା ଭଙ୍ଗ । ବହୁ ପ୍ରହାର କରନ୍ତି ତାହାର ଅଙ୍ଗ । ଯୋଜନେ ତା ପୁର ଦ୍ୱାର, ପର୍ବ୍ବତ ପ୍ରତି ଏ ଆକାର, ତହିଁ ବହୁ ଉପହାରମାନ ବାଢିଲେ । ପାକ ମାଂସ ଗିରି ଜିଣି କୁଡ଼ାଇଲେ ଦୈତ୍ୟ ଆଣି, ସହସ୍ରେ ପୋଡ଼ୁଅ ଛେଳି ପାଶେ ଗୁଡ଼ିଲେ । ବେନି ସସ୍ର ଘର ମଦିରା । ସହସ୍ରେ ଘର ରୁଧିର ବାଢ଼ିଲେ ଖିରା । ୧୦ । କର୍ଣ୍ଣେ ଜଳ ପୁରାଇଲେ ଅଙ୍ଗେ ଗଜ ମଡ଼ାଇଲେ, ଅଙ୍ଗ ମୋଡ଼ିଣ ଉଠିଲା ଅସୁର ବୀର । ହାଇ ମାରି ଟେକ ମୁଖ, ମାଗଇ ଆଣରେ ଭକ୍ଷ, ଏମନ୍ତ ବୋଲନ୍ତେ ତାକୁ ଦେଲେ ଆହାର । ରାମପଦ ପଙ୍କଜେ ସ୍ଥିତି ତହିଁ ଷଟପଦ ଧନ କବିର ମତି । ୧୧ ।

ରାବଣ ବଧ

ରାଗ—ଚିତ୍ର କାମୋଦୀ-ପଞ୍ଚତାଳି

ଯୋଚ କୃଷ୍ଣ ଅଶ୍ୱମାନ ସେ । ରଥ ଚଢ଼ି ଦଶାନନ । ଶ୍ରୀରାମ ରଥ ସମ୍ମୁଖେ ରଥ କରି ଶର ବର୍ଷେ ଘନ ଘନ ସେ । ଯୁଝିଲା ।

ରାମ ଭୁଜର ପ୍ରତାପ ତୁଟିଲା । ଶ୍ରୀରାମର ଶର ହୃଦେ ପଡ଼ି ତାର ହେଲୁ ହେଲ ଜ୍ଞାନ ହଜିଲା । ୧ । ଛାଡ଼ନ୍ତେ ବିବିଧ ବାଣ ସେ ପରସ୍ପରରେ ବେନିଜଣ । ସ୍ୱର୍ଗରୁ ଆସି ଆକାଶରେ ରହିଣ ଦେଖନ୍ତେ ଅମରଗଣ ସେ । ମିଶିଲେ । ମହାମେଘ ପ୍ରାୟେ ବେନି ଦିଶିଲେ । ସୁତୀକ୍ଷ୍ଣ ନାରାଚ ବିଦ୍ୟୁତସମ ତେଜ ଶର ଜଳ କି ବରଷିଲେ । ୨ । କି ଏ ବେନି ମତ୍ତଗଜ ସେ ଚଉଦନ୍ତେ କରେ ଯୁଦ୍ଧ । କିବା ବୃତ୍ରାସୁର ସଙ୍ଗରେ ସମର କରୁଛନ୍ତି ଦେବରାଜ ସେ । ଘାଞ୍ଚିଲେ । ବେନି ଜନେ ବେନି ଧନୁ ଆଞ୍ଚିଲେ । ଶଙ୍ଖ କୋଦଣ୍ଡ ପ୍ରାୟେ ବେନି କୋଦଣ୍ଡ ବହୁ ଶର ତହୁଁ ମୁଞ୍ଚିଲେ । ୩ । ଶରମାନ ଆତଯାତ ସେ । ଦିଶଇ ନାହିଁ ଆଦିତ୍ୟ । ରୁଧିରର ନଈ ନିରନ୍ତରେ ବହି କବନ୍ଧ କରନ୍ତି ନୃତ୍ୟ ସେ ! ଭୁଜରେ । ନ ଦିଶଇ ଅନ୍ଧକାର ତେଜରେ । କେବଳ ମଣ୍ଡଳାକାର ବେନି ଧନୁ ଦିଶଇ କର ସରୋଜରେ । ୪ । ଫୁଟିଲା ପଳାଶ ସଙ୍ଗ ଯେ । ପାଦପ କି ବେନି ଅଙ୍ଗ । ବେନି ଝିଙ୍କି କି ସେ ଶ୍ରୀରାମ ରାବଣ କରନ୍ତି ସମର ରଙ୍ଗ ସେ । ରସନ୍ତି । ଏକ ଆରକରେ ବେନି ଭାଷନ୍ତି । ଅସ୍ତ୍ରମାନଙ୍କର ଆସିବା ଯିବାରେ କେହି କାହାକୁ ନ ଦିଶନ୍ତି । ୫ । କୁମ୍ଭସୁତ ବେଗେ ଆସି ଯେ । ରାମ କର୍ଣ୍ଣେ କହେ ହସି । । ସୂର୍ଯ୍ୟଙ୍କ ହୃଦୟ ଉପଦେଶ ଦେଲେ ଶୁଣି ରାମଚନ୍ଦ୍ର ତୋଷି ତା । ପଢ଼ିଲେ । ବେଳୁଁ ବେଳ ବହୁ ତେଜ ବଢ଼ିଲେ । ରାବଣ ଅଙ୍ଗ ବେଳୁଁ ବେଳ ଅବଶ ଅବଯୂବ ବଳ ଗୁଡ଼ିଲେ । ୬ । ସାତ ରାତ୍ର ସାତ ଦିନ ଯେ ଯୁଦ୍ଧ କଲେ ଅବିଚ୍ଛିନ୍ନ । ରୁଧିର ବୃଷ୍ଟି ଆକାଶରୁ ହୋଇଲା ଜାତ ଉତପାତମାନ ସେ । ରଣରେ । ମହା ଶବଦ କରନ୍ତି ଗୁଣରେ । କେହି କାହାକୁ ସାନ ବଡ଼ ନୁହନ୍ତି ମହାବୀର ବେନି ଜଣରେ । ୭ । ବାଛି ରାମ ଦିବ୍ୟ କାଣ୍ଡ ଯେ । କାଟିଲେ ରାବଣ ମୁଣ୍ଡ । ସେ ମୁଣ୍ଡ ଛିଡ଼ି ଆଉମୁଣ୍ଡେ, ବାହାର ହୋଇଣ ଦିଶିଲା ପିଣ୍ଡ

ସେ । ହଟିଲେ । ଆଉ ମୁଣ୍ଡେ ଆଉ ଶରେ କାଟିଲେ । ପୁଣି ତହିଁ ମୁଣ୍ଡେ ବାହାର ହୁଅନ୍ତେ ପୁଣି ଆଉ ମୁଣ୍ଡେ କାଟିଲେ । ୮ । ଏଣୁ ହୋଇ ଶତ ବାର ସେ । କାଟିଲେ ରାବଣ ଶିର । କାଟୁଥିଲେ ତାର ବେଳୁଁ ବେଳ ଶିର କନ୍ଧରୁ ହୋଏ ବାହାର ସେ । ଚକିତେ ପଚାରନ୍ତି ମାତଳିଙ୍କ ରୁପଚେ । ମାତଳି କୋଇଲା ବ୍ରହ୍ମଅସ୍ତ୍ରେ ବୁକୁ ଫୋଡ଼ିଲେ ମରିବ ଭୁବିତେ । ୯ । ଶୁଣି ମାତଳି ଉତ୍ତର ସେ । ଶରକୁ କଲେ ବାହାର । ମହା ଭୟଙ୍କର ଅନଳ ଆକାର ଘଟନ ବିଧାତାଙ୍କର ସେ । ଅସ୍ତ୍ରରେ । ଅଷ୍ଟ ଘଣ୍ଟି ଅଛି ଅଷ୍ଟହାତରେ । ପଛରେ ମରୁତ ମଧରେ ଆଦିତ୍ୟ ଅଗ୍ନି ଅଛି ଫଳା ଭିତରେ । ୧୦ । ସେ ଅସ୍ତ୍ର ବସାଇ ଗୁଣେ ସେ । କର୍ଣ୍ଣ ପର୍ଯ୍ୟନ୍ତେ ଆଣେ । ମନ୍ତ୍ର ପଢ଼ି ଛାଡ଼ି ଦିଅନ୍ତେ ଉପରେ ପଡ଼ି ନେଲା ତାର ପ୍ରାଣ ସେ । ପଡ଼ିଲେ । ଧନୁ ଗୁଡ଼ାଣ ରଥରୁ ଗଡ଼ିଲେ । ରାବଣ ପ୍ରାଣ ଘେନି ଅସ୍ତ୍ର ତକ୍ଷଣ ରାମତୁଣିକି ବାହୁଡ଼ିଲେ ।୧୧। ସକଳ ଦେବତା ମିଳି ସେ । କଲେ କୁସୁମ ଅଞ୍ଜଳି । ଜୟ ଲକ୍ଷ୍ମୀରେ ଅଭିଷେକ ପଟ୍ଟୁ ବିଶିଲା ରାମ ମଙ୍ଗଳ ସେ । ଆକାଶେ । ଦେବେ ଦୁନ୍ଦୁଭି ବଜାନ୍ତି ହରଷେ । ବୋଲେ ବଶି ଋଷ କପିଦଳ ହୃଷ୍ଟ ଉରୁ ପଳାଇଲେ ରାକ୍ଷସେ । ୧୨ ।

—ଶ୍ରୀରାମଙ୍କ ଶୋକ—

ରାଗ—ପଞ୍ଚମବରାଡ଼ି

ପ୍ରାଣପ୍ରିୟା କଷ୍ଟ ଶୁଣି ହନୁମୁଖୁ ରଘୁମଣି ରୋଦନ କରନ୍ତି ଗୁଣ ଗୁଣି । ଆହାରେ ତରୁଣୀମଣି ଶ୍ରବଣେ ତୋ କଷ୍ଟଶୁଣି ଫାଟି ନଗଲା ହୃଦୟ ପୁଣିରେ । ବିମଙ୍ଗତି । ମୋ କର ଧରି ହୋଇଲୁ କଷ୍ଟୀ । ଏତେ ଦୁଃଖ ସହିବାକୁ ବିଧାତା ତୁମ୍ଭ ଆମ୍ଭଙ୍କୁ ଜାତ କକ କରିଅଛି ସୃଷ୍ଟିରେ ।୧। ସହସ୍ର ଦିବ୍ୟତରୁଣି ଖଟିଥାନ୍ତି ମନ ଜାଣି ଭେଜିଲୁ

ସେ ସୁଖ ସ୍ମରୁ ଶ୍ରେଣୀ । ଏତେ ଦୁଃଖକୁ କାରେଣୀ ହୋଇଲେ କୈକେୟୀ ରାଣୀ ହୁଅନ୍ତୁ ଅଯୋଧ୍ୟା ଠାକୁରାଣୀରେ । ନଜପୁରେ ଚନ୍ଦ୍ର ଲେଖି ଅସୁରମାନଙ୍କୁ ଦେଖି ଭୟେ ବୁଜୁଥାଉ ବେନି ଆଖି । ବିବିଧ ବିରୂପାସୁର ଯାହା ଦେଖି ଭୟଙ୍କର ସେମାନେ ଏବେ ଅଛନ୍ତି ରଖିରେ । ୩ । ଆହା ବାଳେ ପ୍ରେମଶୀଳେ କୁଞ୍ଚିଳେ ସ୍ମରୁକୁନ୍ତଳେ ଭାସି ଯାଉଅଛୁ ଶୋକଜଳେ । କେତେକାଳେ ପୁଣ୍ୟବଳେ ବିହି ଲଗାଇବ କୂଳେ ଦେଖା ଦେଖି ହେବା କେତେବେଳେରେ ।୪। ଶ୍ରୀରାମ ବିଳାପ ଦେଖି ସବୁରି ଲୋତକ ଆଖି ପ୍ରବୋଧନ୍ତି ଲକ୍ଷ୍ମଣ ସୁଗ୍ରୀବ । ଧୈର୍ଯ୍ୟ ଧର ହେ ଦେବ ତୁମ୍ଭ ହୃଦୟ କଳବ ବୋଲେ ବିଶି ଶଦ୍ଦ, ଦଶଗ୍ରୀବ ହେ ରାମଚନ୍ଦ୍ର । ୫ ।

— — —

—ସୀତାଙ୍କ ଶୋକ—

ରାଗ—ଚନ୍ଦ୍ରଭୈରବ

ଆହା ଧନୁର୍ଦ୍ଧର ବୀରବର । ଧନୁ ଶର କି ନ ଥିଲା କର । ଯାହାର ବାଣ ବ୍ରହ୍ମାଣ୍ଡ ଦହିପାରେ,ତାକୁ ମାଇଲା ପ୍ରଶସ୍ତ ସ୍ଥିର ହେ ଦଇବ । ୧ । ଆଣୁ ନଥିଲେ ମୋତେ ମୋ ପତି ଜାଣନ୍ତି ସେ ପଡିବ ବିପତ୍ତି । ମୁଞ୍ଚି ନପାରି ମୁଁ ସଙ୍ଗତେ ଅଇଲି, ତେଣୁ ହୋଇଲା ଏମନ୍ତ ଦୈବରେ ଦଇବ । ୨ । ଚିରଜୀବୀ ଅଟନ୍ତି ଶ୍ରୀରାମ । ମୁନି ବଚନ ହେଲା କି ଭ୍ରମ । ମୋତେ ବୋଲନ୍ତି ବିଧବା ଯୋଗ ନାହିଁ, ଏବେ କମା ହେଲା ଏଡେ କର୍ମରେ ଦଇବ । ୩ । ଯେଉଁ ଯୁବତୀ ପତି ଆଗରେ । ମରେ ସୌଭାଗ୍ୟବତୀ ବୋଲି ତାରେ । ଯୁବତୀ ଆଗେ ପତି ଯେବେ ମରଇ ତାକୁ ଦୂଷିତ ହୁଏ ସଂସାରେ ହେ ଦଇବ । ୪ । ଯେବେ ଲକ୍ଷ୍ମଣ ଗଲେ ପଳାଇ । ମୋର ଶାଶୁଙ୍କୁ କହିବେ ଯାଇଁ । ସୀତା ନେଇ ଦୈତ୍ୟ ରାମଙ୍କୁ ମାଇଲେ, ଏହା ଶୁଣିଲେ ଜୀଇଁବେ ନାହିଁରେ ଦଇବ । ୫ । ତୁମ୍ଭେ ଜାଣ ତ ସକଳ

ଘାତ । କ୍ଷମା ନ'କରିବ ନୋହିଲେ ଘାତ । ମୁହିଁ ତୁମ୍ଭଙ୍କୁ କାଳସର୍ପି ହୋଇଲି, ମୋର ଯୋଗୁଁ ବିନାଶ ମୋ ପତିରେ ହୋଇବ ।୬। ପୁଣି ଧନୁ ତୂଣୀକି ଅନାଇ । ଚିହ୍ନି ବଳପଣ୍ଡ ଗୁଣ ଗାଇ । ଏହି କାଳରେ ପ୍ରଶସ୍ତ ଦ୍ୱାରେ ଯାଇଁ, ତାର ଗ୍ରୀମ୍ବକୁ କହି ପଠାଇ ସେ ପ୍ରଶସ୍ତ ।୭। ଦୂତ ଶ୍ରବଣେ ବେବେ ଜଣାଇ । ଦେବ ପଶସ୍ତ ଆସିଛନ୍ତି ଧାଇଁ । ଜଣାଇ ପଠିଆଇଛନ୍ତି କପିମାନେ, ଗଡ଼ ପାଚେରୀ ପଡ଼ିଲେ ଡେଇଁ ହେ ଭୋ ଦେବ ।୮। ଶୁଣି ହରଷରେ ବେଗେ ଅଇଲା । ପ୍ରଶସ୍ତକୁ ସବୁ ପଚାରିଲା । ରାବଣ ଆସିବା ମାତ୍ରେ ଶର ଧନୁ ସେହିକ୍ଷଣି ଅଦୃଶ୍ୟ ହୋଇଲା ହେ ସୁଜନେ ।୯। ଦଶଶିର ବୋଲେ ମାର କପି । ଦୈତ୍ୟମାନଙ୍କୁ ପେଷିଲା କୋପି । ବୋଇଲେ ବିଶି ଚଉପାଶରେ ଜଗିଲେ, ରାଜା ଆଜ୍ଞାରେ ଥାଟି ଅଦ୍ୟାପି ସେ ସୁଜନେ ।୧୦।

—ବୈଦେହୀଶ ବିଳାସ—

ଦଶମ ଛାନ୍ଦ

ରାଗ—ରସକୋଇଲି

ବିଭୂଷଣ ପୁଷ୍ପେ ଯା କାନ୍ତି ଜାଣ । ବିଭୂଷଣ କର କନ୍ୟାକୁ ଆଣ । ବାରଣ ଶିରେ ପଦ ଦେଇ ଆସୁ । ବରଣ କର ରାମ ମନ ତୋଷୁ ସେ ବୋଲି ଦେଲେ କଉଶିକ ଯେ । ବୋଲିଦେଲା ପ୍ରାୟୁ ଗୋଳି ଚନ୍ଦନକୁ ହୋଇଲେ ରଘୁବଂଶିକ ଯେ ।୧। ବିଧାନ ହୋଇଛି ଯା ନାମ ସୀତା । ବର୍ଣ୍ଣିନେ ଶୋଭା ଅତି ମଧୁରତା । ବୁଝ ନେଇ ଆଜ ହେବ ପ୍ରବନ୍ଧ । ବିଶେଷେ କର୍ଷି ଦେଇ ହୃଦକ୍ଷେପ ସେ । ବୁଡ଼ିଲାଣି ସ୍ନେହବାଜ ଯେ । ବିପ୍ରରୁ ଏମନ୍ତ ଜନକ ସମ୍ମତି ଶୁଣିଲେ ସଖୀ ସମାଜ ଯେ ।୨। ବେଶକାରୀ ଡାକି ପିଠେ ବସାଇ । କେଶ ବିରଚିଲେ ଚିତ୍ର ରସାଇ । ବିମ୍ବ ଦେଖାଇଲେ ଗ୍ରୀମୁରେ କେହି । ବିମ୍ବ ଅଧର ଆଡ଼ମ୍ବର ବହି ସେ । ବିବନ୍ଧ କଲେ କୁନ୍ତଳ ଯେ ।

ବିଚିତ୍ର ମଣି ନୀଳମଣି ପ୍ରଭତ୍ତ୍ୱ ଊର୍ଦ୍ଧ୍ୱ ପ୍ରକାଶିତ ତଳ ଯେ । ୩ ।
ବିଲେପି ଅଳ୍ପ ତଇଲେ ଶ୍ୟାମଳ । କାରଣ ରଦ ପ୍ରସାଧନୀ ଗୁଳ ।
ବିଶ୍ୱବସୁଜା କଲ୍ଲୋଳରେ ଶ୍ଳେଷେ । ବିକଶି ଆସିଲା କୁମୁଦ କି ସେ
ବାନ୍ଧିଲେ ଜୂଡ଼ା ଯତନେ ଯେ । ବନ୍ଦୀ ହୋଇଲା ମର୍କତ-
କୁଟବେଣୀରେ ବନ୍ଦୀ ହେବେ ମନ ମୀନ ଯେ । ୪ । ବିତୁଳ ମଥାମଣି
ମାଣିକ୍ୟର । ବିଭାଗ ସୀମନ୍ତ ସିନ୍ଦୂରଗାର । ବନ୍ଧୋବସ୍ତ୍ରେ ଭଙ୍ଗି
ପାଟସୂତ୍ରରେ । ବିଧୁନୁଦଗଳ ମିଶ ହସ୍ତରେ । ସେ ବିଧିବଶେ କବା
ପଡ଼ି ଯେ । ବକୁଳ ଗର୍ଭକ ସୁଧା ଉଦ୍‌ଗାରୁଛି ଭୟରୁ ନ ଦେଇଗୁଡ଼
ଯେ । ବିଭୂଷି କଆପଣୀ ମୋତି ଜାଲ । ବିପିନେ ତମାଳର କବା
ଝୁଲ । ବନ୍ଧତକୁତ ପାଶ ଜାଲ ଦୁଇ । ବିଶିଖ ଝିରକାଠିକ ଦେଖାଇ
ସେ ଚନ୍ଦଚଉ ଗନ୍ତିଁ ଧନୁ ଯେ ବଧିବ ଧୈର୍ଯ୍ୟ ମୃଗକୁ ବାନ୍ଧିବାକୁ
ଏଠାରେ କରେ ଅତନୁ ଯେ । ବିବିଧ କୁସୁମମାଳା ଖଞ୍ଜନ ।
ବ୍ୟୋମେ ଇନ୍ଦ୍ରଧନୁ ପ୍ରଭା ଗଞ୍ଜନ । ବହୁ ଚନ୍ଦ୍ର ଝୁମ୍ପି ଝିଲି ମଳିକା ।
ବିଶ୍ୱବଶୀ ପ୍ରାନ୍ତ ସ୍ୱତଃ ଅଳକା ସେ । ବେନି ସପ୍ତଋଷି ଶଶୀ ଯେ ।
ବିମୋହିତ କରେ ମନ ଏକାବେଳେ ପଡ଼ିଲା ପରାୟେ ଖସି ଯେ ।
ବେଣ୍ଟୁଳା ଶ୍ରବଣେ ସଖୀ ଖଞ୍ଜିଲେ । ବଜ୍ରେ ବ୍ୟାଳକୁଳ ଅଗ୍ନି ଜାତ
କଲେ । ବିକଚ ଫୁଲ ତହିଁ ସ୍ଫୁଟ କରି । ବାଳକ ଭଜ କୋଳି
କଳୀ ଠାରି ସେ ବନ୍ଧଆ ଚନ୍ଦ୍ର ଭଙ୍ଗୁର ଯେ । ବିଚ୍ଛେଦେ ବୁଡ଼ଇ-
ଦେବ ଯୋଗୀ ଯୋଗ ଜନିତ ଦୁଇ ପ୍ରକାର ଯେ । ବିଧାୟକ ଚନ୍ଦ୍ର
ଭାଲ ପଟ୍ଟରେ । ବର୍ଣ୍ଣିକ କଜ୍ଜଳେ କସ୍ତୁରୀ ସିନ୍ଦୂରେ । ବିଶ୍ୱକୁ ତିଳକେ
କରିବ ବଶ । ବଧୂତ ଏ ଯେଉଁ ତିଳକ ଭାଷ ସେ । ବେନି ହୀରା
ଅବତଂସ ଯେ । ବର୍ଣ୍ଣି ଆଣି ମୁକ କବା ଗୁରୁ କବି ସେହି ଶଙ୍କର
ଯଶ ଯେ । ବିଦୂଷୀ ମାଣିକ୍ୟ ଗୁଣା ମୁକୁତା । ବେନି ପୁଟେ ଦେଇଁ
ନାସା ଶୋଭିତା । ବଦନକୁ ଗୃହିଁ । ଚନ୍ଦ୍ରଙ୍କୁ ଗୃହିଁ । ବିମଳ ଏହିତ
ସକଳ ଚିହ୍ନ ଯେ । ବ୍ୟଭିଚୃଷ୍ଟ ହେଲେ ପରା ଯେ । ବିଧିରେ

ଆରଦ୍ରା ଶତ୍ରରେ ଆରଦ୍ରା ଗେହିଣୀ ଏ ବେନି ତାସ ଯେ ॥ ବିଲୁଣ୍ଠି ରଥେ ଯା କେତୁ ମକର । ବିଲିଖି ରଥେ ତା ମକରସ୍ତ କର । ବିବେକୀ ସଜମା ସୌନ୍ଦର୍ଯ୍ୟ ଗୋଳେ । ବିଳେ ଛଡ଼ାଇ ଦେଖାଇ କପୋଳେ ସେ । ବିନ୍ଦୁ ଏ ମୃଗମଦରେ ଯେ । ବିନ୍ଦେ କେ ଚିବୁକେ ମଧୁମକ୍ଷିକାଏ ସ୍ଥକିତ ସଙ୍ଗଭଙ୍ଗରେ ଯେ । ବିଡଶୀ ସାରଣୀ ଲକ୍ଷ ସେ ନେତ୍ର । ବିଳମ୍ବିତ କଲେ ଅଞ୍ଜନ ସୂତ୍ର । ବାହାରି ପକ୍ଷ୍ମପେଡ଼ାରୁ ପଳାଇ । ବିଳ ସ୍ରୋତେ କି ଦମ୍ଭ ଦଂଶ ଅଛି ସେ । ବିଷେ କି ନ ଜାଣି ତତ୍ତ୍ୱ ଯେ । ବିକାଶ ମୀନ ରାଶି ବେନିପାରୁଶେ ହେଲା ବେନି ଧୂମକେତୁ ଯେ ॥ ବିଚରଣରେ ମୋତି ଗୁପସର । ବିତର୍କ ତହିଁରେ ବେଗେ ପ୍ରସର । ବାଞ୍ଛି ଚଣ୍ଡୁଳ ବିତ ପାରାବତ । ବିନ୍ଦୀ ହେଲା ପରା ପାଶରେ ସତ ସେ । ବିହ୍ବଳ ମାଳିକ ରଞ୍ଜି ଯେ । ବର୍ଣ୍ଣିନା ଅଛି ଶଙ୍ଖ ବୋଲି ତାହାକୁ କେ ତାହା ପାରିବ ଭଞ୍ଜି ଯେ ॥ ବ୍ୟବସ୍ଥା କଲେ ବାହୁଦଣ୍ଡ ବିଧି । ବିନତ ସ୍କନ୍ଧ ଛତି ପ୍ରତିନିଧି । ବିଳମ୍ବୁ ତାଡ଼ ସାରକୁ ନିଯୋଗି । ବିକ୍ଷୋଜ ଭୂମିକା ଥିବାରୁ ଲାଗି ସେ । ବିପୁଳ ବାହୁ ଯୁଗଳ ଯେ । ବାଜୁବନ୍ଧ ଦେଇ ମୁଦ୍ଦେଲେ ତାକୁ ନୋହିଲା ଲକ୍ଷ୍ୟ ସକଳ ଯେ ॥ ବଲ୍ଲୀପରି ଗିରି ଲକ୍ଷରୁ ମାନ । ବିଦୂଷ୍ଟ ସ୍ଥାନରେ କି ସୃଷ୍ଟି ତନ୍ତ୍ର । ବିଭୂଷି ସ୍ୱର୍ଣ୍ଣଜଣ୍ଟ ମାଳଚେଳ । ବିଳସାଇ ହାର ବିଟଙ୍କ ଝଳ ସେ । ବିନ୍ଧ୍ୟ ମନ୍ଦର ଘୋଡ଼ାଇ ଯେ । ବିଦ୍ୟୁ ଧାରକେ ଘନଧାରେ ବଳାକ ପନ୍ତି ଏ ମିଳନ୍ତି ତହିଁ ଯେ ॥ ବଳା ଭୁଲାକୋଟି ଖଞ୍ଜିଲେ ପାଦେ । ବୋଲିବ ଭୁଲା କୋଟି ଭୁଛ ନାଦେ । ବିଗୂଢ଼ ହଂସକ ହରେ ଗମନ । ବିଗୂଢ଼ ସ୍ୱନ ହଂସକ ମଣ୍ଡନ ସେ । ବନ୍ଧୁର ମାର୍ଗ ଜଣାଉଁ ଯେ । ବର୍ଣ୍ଣଭେଦ ସିନା ଝିଣ୍ଟିଆ ଖଣ୍ଟିଆ ପ୍ରପଦେ ରଖିଲେ ତହୁଁ ଯେ ॥ ବେଢରେ ପାଦରେ ଲେଖିଲେ ଲକ୍ଷା । ବାରି ହେଲା ବେନି ରଙ୍ଗ କି ଦକ୍ଷା । ବିକଶିତ କୋକନଦ ମଧୁର । ବେଢ଼ି ଭ୍ରମେ କି ସରସ୍ୱତୀ ମାର ସେ । ବଂଶନଳରେ ଥିବାର

ଯେ । ବାସ୍ତୁ ପିନ୍ଧ ଦୂର୍ବାଦଳ ନୀଳଚେଳ କୋଳ ଇଛ ଶ୍ରୀରାମର
ଯେ ॥ ବସ୍ତ୍ରଲାଞ୍ଛନ ଯେ ଚଳିଲେ ବେଗେ । ବସନଠାରେ ସେ
ଯୋଗଙ୍କ ଯୋଗେ । ବଭଙ୍ଗେ ତାହା ଆବେଗ କୁଞ୍ଚ ଇଚ । ବ୍ୟକ୍ତ
ନୋହୁ ଉରୁ ଫୁଟାଏ ପାଞ୍ଚ ସେ । ବାନ୍ଧ କଟିରେ କଙ୍କିଣୀ ଯେ ।
ବାଜଣ କଙ୍କିଣୀ ଚଉ ନେବ କଣି ଗୃହିଁବେ ନୟନ ଏଣୀ ଯେ ।
ବେଳା ଜାଣିବାକୁ ସଖୀ ବସାଇ । ବାଟିକା ନାଗବଲ୍ଲୀର ଭୁଞ୍ଜାଇ
ବଲମ୍ବ ନୋହିଲା ଅତିଶୟରେ ବାଳରବିଜ୍ୟୋତି ଜବା କ ଧରେ
ସେ । ବତିଶ ଲକ୍ଷଣ ପୁର ମେ । ବଧାନ ଉପମା ଚଉରୁତୁରାଙ୍କ ଲକ୍ଷ
ଲକ୍ଷଦଉ କରି ଯେ ॥ ବଭୂଷା ହେମ ରତ୍ନ ଯେତେ କାନ୍ତି ।
ବାଲାମଣି ଶାଣ ରସାଣ ତହିଁ । ବଦଳ ଅଞ୍ଜନ କସ୍ତୁରୀ ମିଶି ।
ବଧୂ ବଧୂ ବପୁ ଉଜ୍ଜ୍ୱଳ ଦଶି ସେ । ବଦେହଜା ପଦ ଗୁଣି ଯେ ।
ବଂଶତି ପଦେ ଏ ଛାନ୍ଦ ଉପଇନ୍ଦ୍ର ଭଞ୍ଜ ବୀରବର ଭଣି ଯେ । ୨୦ ।

ସପ୍ତମ ଛାନ୍ଦ

—ରାମଙ୍କ ଅଭିଷେକ ବନ ଗମନ—

ରାଗ—ଧନାଶ୍ରୀ

ବସି ବଶିଷ୍ଠ ଜାବାଳ ବାମଦେବ କଶ୍ୟପ ସୁମନ୍ତ୍ର ଯେନ ।
ବୋଲେ ଦଶରଥ ମୋର ମନୋରଥ ମଣ୍ଡାଇବ ରାଜଧାନୀ । ବୀର
ବୃନ୍ଦରେ ଇନ୍ଦ୍ର । ବସୁ ନୃପପଦେ ରାମଚନ୍ଦ୍ର । ବ୍ରହ୍ମା ସର୍ଜନାରେ
ବ୍ରହ୍ମାଣ୍ଡେ କାହିଁ ଛି ଆଉ ମୋ ତନୟ ସରି । ବାମେ ବାମଦେବ
ରୁଳକୁ ଖଙ୍ଗିଲେ ବାମେ ଭୃଗୁପତି ହାରି । ବସୁପତି ସମସ୍ତ । ବସୁ
ସେବକେ ସେବକ ମତ ।୨। ବୋଇଲେ ସୁମନ୍ତ୍ର ସେ ପୁଣି ଏମନ୍ତ
ସୁହିବେଟି ପିତୃଋଣ । ବଧକାରକ ଆରଣ୍ୟକ ରାଜାର ବଧରେ
ହେବେ ନିପୁଣ । ବେଧା ବଧାନ ପୁଣି ; ଦୈବସୁତବଂଶୀ ତୋଷ
ଶୁଣିବୁ । ୩ । ଝିଲେ ଲଗ୍ନ ମଗ୍ନ ହୋଇ ସୁହିଲେ ମଙ୍ଗଳ ଦାନରେ

ତହିଁ । ବୃହସ୍ପତି ରାଶି ଅଷ୍ଟମେ ବିଳାସ ନୃପତି ହୋଇବେ କେହି ।
ବାମଦେବ ଉତ୍ତର । ବକ୍ତା ବଶିଷ୍ଠ ହେବେ ଈଶ୍ୱର ।୭। ବିଷେ କି
ପୁଚ୍ଛନ୍ତି ରାଜା ଧିର୍ଦ୍ଦେ କହିଲେ ହେବେ ଦିବ୍ୟ ଭୁକ୍ତି ଭୋଗୀ ।
ବଇଶ୍ରବଣକୁ ଜିଣିବେ ପୁଷ୍ପକ ମଣ୍ଡଳେ ହୋଇ ସରାଗୀ ।
ବୋଲୁଅଛୁ ଏମନ୍ତ । ବୋଧ ନଉଦେବ ଦେବ ଚିତ୍ତ । ୮ ।
ବାର୍ତ୍ତା ପାଇ ମାତାମାନେ ହରଷିତା ସୀତା ତୋଷ ନୁହେଁ କହି ।
ବିଧୁ ଦର୍ଶନେ ଯଥା ସିନ୍ଧୁ କଲ୍ଲୋଳ ଅଧିକରେ ଲୋଳ ବହି । ବଶି
ଅଭିଷେକରେ । ଦେଲେ ଦେଖି ହେବା ସେ ପ୍ରକାରେ ॥ ବିଚାରନ୍ତି
ତହିଁ ସଭତ ମାହନ୍ତ ରଥୀ ପଦାତିଏ ମିଶି । ବସିଲେ ରାମ
ସିଂହାସନେ ଦ୍ୱିଗୁଣେ ଆମ୍ଭ ଗୁଣେ । ଯିବେ ଦିଶି । ବିବେକାଏ
ପ୍ରକାର । ବଡ଼ସୁଖ ଜନ୍ମିଛି ଆମ୍ଭର ॥ ବନ୍ଧ କେବଳ ଇତ୍ୟାଦି
ଭକ୍ଷ୍ୟମେଳ ଭାବ ମାଗି ନ ଜାଣିବା । ବ୍ରାହ୍ମଣ କୂଜନରୁ ଆକୁଳ ଭୁଟିଲୁ
ଇଷିତେ ଯାଜ୍ଞିକ ହେବା । ବନା ପୂଜା ଦେବତା । ବର୍ତ୍ତିଲେ
ହୋଇବା ପୂଜିତା । ୯ । ବଳ୍ପଭେ ବାଞ୍ଛିଲେ ସୁଲଭେ ଧେନୁ ଯେ
ହେବେ ଆମ୍ଭ କ୍ଷୀରବନ୍ତି । ବାସବାଦି ହେବେ ଆମ୍ଭ ବାଧ୍ୟ ଏବେ
ନାଶ ନୋହିଲା ଏମନ୍ତ । ବ୍ରହ୍ମା ସମୀପେ । ଗଲେ ବିଭ୍ରମ ସେ
କୈକେୟୀଙ୍କି କଲେ । ବିପଣୀରେ ଶୁଣି ରାମରାଜା ବାଣୀ ବାହୁଣ୍ଡେ
ମନ୍ଥରା ଭାର । ବାରି ଉରଅଛି ନୟନ ଯୁଗଳେ ଗଲେ ପ୍ରାଣ ଥିଲାପରି
ବୃକ୍ଷ କାଟିଲା ପ୍ରାୟେ । ବିପତିତ ତା ଅଗ୍ରତେ ହୁଏ । ୧୦ । ବୋଲେ
ଟେକି ଏକ ଭରତ ଜନନୀ କହୁଅଛି ତହୁଁ ଜୀବ । ବଡ଼ ସୁବର୍ଗ
ବୋଲଉରେ ଶୋଭାଙ୍ଗି ଭାଙ୍ଗି ଗଲା ତୋ ଗରବ । କେଉଁ କା ହୁଏ
ତୋର । ବିଷ ପ୍ରାୟେ ଧାରେ ମୋ ଶରୀର । ୧୧ । ବିବେକ ଧାର୍ମିକ
ଶୋଭା ପ୍ରଶଂସାରେ ସଂସାରେ.ଜଣେ ନ ଗଣେ । ବାଟୁଳି ଯାହାର
ବଜ୍ରରୁ ଅଧିକ କି ବର୍ଣ୍ଣିବା ତାର ବାଣ । ବଞ୍ଚିତ ସେ ନନ୍ଦନ
ବୋଲିବୁ ବା ବୟସରେ ସାନ । ବଳିଷ୍ଠ ଦାନରେ ପୂର୍ବଦେବ

କହି ଅନୁଜ ଦେବତା ଇନ୍ଦ୍ର ॥ ବୋଲଇ ସପତ୍ନୀ ଯେ ତାର ପ୍ରୀତି
କେହି ହୋଇନାହିଁ । ସାନ୍ଦ୍ର । ବଶକର ନୃପତି । ବୁଦ୍ଧି ଥିଲେ ବୋଧି
କ୍ଷିତିପତି । ୧୩ । ବିହ୍ୱଳିତମତି କି ତପେ ଅହଲ୍ୟା ଦୂଷଣ ଲଭିଲା
ପରି । ବଦନ ମାଡି ଶୟନ ସଦନରେ ନୟନରେ ପୂରି ବାରି ॥
ବିଜେ ନୃପ ଏକାଳେ । ବନ୍ଦୁ ବନ୍ଧୁ ବୋଲଣ ଡାକିଲେ । ୧୪ ।
ବିଷ ବୈଦ୍ୟ ପଦ ନ ମାନିଲା ପ୍ରାୟୁ ସ୍ୱଭାବେ ଭୋଗିନୀ ସେହି । ବହ୍ନି
ସେନେହରେ ପତଙ୍ଗ ପ୍ରକାରେ ପାଶେ ପରବେଶ ତହିଁ । ବୋଧେ
ଚିବୁକ ଧରି । ବନା ଦୋଷେ ପ୍ରଣୟିନୀ ରୋଷି । ବିପ୍ରେ ଇନ୍ଧନ
ଦେବୀମନ୍ତ୍ର ପୂଜିଲେ ସେ ଯଥା ନ କହେ କଥା । ବରଦ
ହୋଇଲା ପ୍ରାୟୁ ସ୍ୱପନରେ ବସି ନ ଟେକିଲା ମଥା । ବାରେ ମୋତେ
ତୁ ତୁହାଁ । କହ ଦେବି ମୁଁ ମାଗିବୁ ଯାହା । ୧୫ । ବୋଲୁ ନରପତି
ବୋଇଲା ଯୁବତୀ ତିନବାର ସତ୍ୟ କଲେ । ବୃକାସୁର ତାହା କରି
ନିଜ ଶିର ଯଥା ଦେଲା ହରି ବୋଲେ । ବ୍ରଧିକଲେ ନୃପତି । ବିଶ୍ୱ-
ମୋହିନୀ ନାରୀଙ୍କ ପ୍ରୀତି । ୧୬ । ବାହିଲ ରଥ ସ୍ତ୍ରୀ ସି ହୋଇ ସମ୍ବର
ସମରେ ନାହିଁ କି ମନ । ବହିଲ ସତ୍ୟ ସୁତ ହୋଇ ତୋଷିଲୁ
ତୋଷୁତ ହେବ ରାଜନ । ବାଳ ବାଳୁକା ଖେଳ । ବିଧିରେ ତଥାନ
ଭୁଞ୍ଜ ବୋଲ । ବସୁଧାପତି ପଦ ରାମେ ଉଚିତ ନୋହେ ସେ
ଜାମାତା ଗୃହ । ବନେ ହରୁ ଦିନ ଚଉଦ ବରଷ ପୁତ୍ର ରାଜାହେଉ
ମୋର । ବାମା ବଚନ ଶୁଣି । ବିଜ୍ଞାନ ସେ ଜ୍ଞାନେ କହେ ବାଣୀ
। ୧୯ । ବିବେଚନ ନାରୀ ଛତ୍ରେ ହୋଇ ହରି ତା ଜୀବ ଯେମନ୍ତ
ହରି । ବୋଧ ସୋଧ କରି ମୋର ସେହିରୂପେ ତୁହି ଥିଲୁ
ଅବତରି । ବୋଲି ଏତେ ମଉନ । ବିଭୋଜନେ ହରିଲେ ସେ ଦିନ
। ୨୦ । ବେଳାକୁ ନ ଲଙ୍ଘେ ସତ୍ୟେ ପାରାବାର ଯଥା ତାକୁ ନ
ଲଙ୍ଘିଲା । ବିଷ ଭକ୍ଷଣେ ବିରୁପାକ୍ଷ ପରାୟେ ମୁକେ ସମ୍ମତି ଦିଶିଲା ।
କଣ୍ଠ ସନ୍ତୋଷ ରାଣୀ । ବଙ୍କ ଶ୍ରୀରାମ ଡକାଇ ଆଣି । ୨୧ । ବହିଲା

ପ୍ରଥମେ ପିତାର ସତ୍ୟକୁ ରଖିବ କି ନାହିଁ ସାଧୁ । ବଂଶେ ଯାହାର ଭଗୀରଥ ସମ୍ଭବ ଉଦ୍ଧରିଲେ ପିତୃ ଦଗଧୁଁ । ବୋଇଲେ ରାମ ବହନ ବିଷୟ କି କର ଅବଧାନ । ୨୨ । ବନେ ତୁମ୍ଭେ ଯିବ ଭରତ ହୋଇବ କୋଶଳପତି କୁଶଳେ । ବେଶକୁ ଇଙ୍ଗୁଦୀ ରୁଦ୍ରାକ୍ଷ ବିଭୂତି ଥୋଇ ଦେଲା ଆଣି ତଳେ । ବାଳୀଶା ଯେ ମନ୍ଥରା । ବେଗେ ଶ୍ରୀରାମ ସମ୍ମତ କରି । ୨୩ । ବୈଦେହୀ ଲକ୍ଷ୍ମଣ ପ୍ରବେଶ ତକ୍ଷଣେ ସଙ୍ଗେ ଯିବାକୁ ଆତୁରେ । ବସିଷ୍ଠାଦି ପାଶେ ପ୍ରବେଶ ହୋଇଣ ଦଶରଥଙ୍କୁ ପଚାରେ । ବିଭାବରୀ ପ୍ରାନ୍ତରେ । ବିଭୂ ହୁଅନ୍ତେ ପରା ରାଜ୍ୟରେ ।୨୪। ବିଭାକର କୁଳେ ନା ସତ୍ୟ ହୋଇଲା ସତ୍ୟ କରିବାରେ ମୁହିଁ । ବିବେକ ମୋର କୈକେୟୀ ପୂର୍ବ ଜନ୍ମେ ପିଶାଚୀ ଥିଲା କି ହୋଇ । ବାକ୍ୟ ଯେତେ ମୁଁ ତରେ । ବୈଶ୍ୱାନରହିଁ ଜଳେ ତହିଁରେ । ୨୫ । ବିଦୁଷେ ଧୀରେ ରାଜା ଗୀରେ କହିଲେ ଏକଥା ପ୍ରମଣା ହେବ । ବାହୁଜ ବ୍ରତ ଫଳଦ ଧର୍ମଦତ୍ତ ଦେବ ଦରଶନେ ଥିବ । ବଇକୁଣ୍ଠ ପ୍ରତିମ । ବସନ୍ତିରେ ଦେଖା ହେଲା କ୍ଷମ । ୨୬ । ବଧିରା ପ୍ରାପ୍ତ ଯହିଁ ଲୟ ଆବେଶ ତହିଁ ସେ କାହିଁ ନ ରସେ । ବହନ ଗହନଗାମୀ ହେଉ ରାମ ଶିଶୁପାଠ ପରା ଘୋଷେ । କଳଭୂଳ ଯେସନ । ବନପ୍ରିୟ ମଧେ କରେ ସ୍ୱନ । ୨୭ । ବଂଶନଳୀରେ ରଙ୍ଗି ଲେଖି ବସନ ଦେଲେ ସୀତା ପାଇଁ ଆଣି । ବହିଲେ ସେ ପାଶ ଲକ୍ଷ୍ମଣ ଇକ୍ଷ୍ୱାକୁ କୁଳର ଯେ ଚୂଡ଼ାମଣି । ବାହାରିଲେ ସେ ତିନ । ବଧୂ ବୋଧନ୍ତି ରାମ ଜନନୀ ।୨୮। ବିପିନରେ ପୀନଉରଜା ଅପୂର୍ବ ଦ୍ରବ୍ୟ ଦେଖି ନ ମାତିବୁ । ବେନି ସହୋଦର ମଧ୍ୟରେ ଆଦର ବିପଥରେ କରିଥିବୁ । ବାଷ୍ପେ ତିନ୍ତିଲା ଉର । ବାଣୀ ନ ସ୍ଫୁରେ କଣ୍ଠୁ ତାଙ୍କର । ୨୯। ବୋଇଲେ ସୁମିତ୍ରେ ପୁତ୍ରେ ସେବିଥିବୁ ଶ୍ରୀରାମ ମାନସ ଜାଣି । ବିନଦ୍ରେ ସର୍ବ ସର୍ବରୀକି ହରିବୁ ହୋଇ ଧନୁଶର ପାଣି । ବଧୂ ଯାଉଛୁ ସଙ୍ଗେ । ବଡ଼ ମାୟାବୀ

ରାକ୍ଷସ ସୁତଙ୍କ । ଦ୍ୱିମାନେ ବସାଇ ନେବାରେ ସୁମନ୍ତ୍ର ଯିବାରେ ଦେଖିଲେ ଜନେ । ବିସ୍ମୟ ହୋଇଲେ ପଛେ ଗୋଡ଼ାଇଲେ ନନ୍ଦା ବିହ୍ୱଲେ ରାଜନେ । ବୃଦ୍ଧ ସମସ୍ତେ କମ୍ପା । ବାମାଠାରେ ଏତେ ଅନୁକମ୍ପା । ୩୧ । ବୈଶାଖ ହୋଇଲା ମନ୍ଥରା ଅଯୋଧ୍ୟା ଭିତ୍ରେ ଥିଲା କ୍ଷୀର ପୂର । ବଲ୍ଲଭୀ କୈକେୟୀ ମନ୍ଥନରୁ ନବନୀତ ବିଶେଷ ବାହାର । ବନବାସୀଙ୍କି ଦେଇ । ବହୁଲୋଚନ ଅଶନ ପାଇ ।୩୨। ବାଙ୍କୀ ମନ୍ଦପଣ ଚଞ୍ଚ ଚଞ୍ଚ ଥୋଇ ହୃଦ ପିଞ୍ଜରେ ଆଶକ୍ତେ । ବ୍ୟକ୍ତ ଲୋକରେ ଶ୍ରବଣେ ପାନ କରି ତ୍ରି ତ୍ରି ତ କରିବେ ତିକ୍ତେ । ବୋଲୁ ବୋଲା ଏମନ୍ତ । ଭରତରେ ସମସ୍ତେ ଶୋକିତ । ୩୩ । ବୃକ୍ଷରାଜ ପରି ସାକେତନଗରୀ କରି ଅଲକ୍ଷ୍ମୀ ଅଶ୍ରିତ । ବାର ଉବର କୈକେୟୀ ଆସ୍ୟତରୁ ଅସ୍ପରଶ ହେଲା ମତ । ବଳ ଦଳ ଚଳନ । ଭିଶ ମନ୍ଥରାକରଣୀ ମନ ।୩୪। ବଳି ତାମସା ନଦୀକି ବନେ ପଶି ସେଦିନ ରହିଁ ରହିଲେ । ବାର୍ତ୍ତା ପାଇ ଶୃଙ୍ଗବେର ପତି ମିଳେ ପୁଚ୍ଛି ସୁମନ୍ତ୍ର କହିଲେ । ବୋଇଲେ ଶବର ଈଶ । ବାଣ୍ଟି ନ ଦେଲେ କପାଇଁ ଦେଶ ।୩୫। ବାଣ୍ଟିଲେ ଯେ ଛଳେ ଏ ବନ ନଗରେ ଭୁବନ ନଗରେ ସେହି । ବ୍ୟକ୍ତ ବ୍ୟକ୍ତ ହୋଇ ସାନୁଜ ଯୁଗଳ ଅନୁସରଣକୁ ବହି । ବନ୍ଦିଲେ ସେ ଶବରୀ । ବେଢ଼ି ସୈନ୍ୟ ଗ୍ରାମଧାମୀ ପରି ।୩୬। ବଢ଼ିଶ ଅବତାରେ ଏକ କପିଳ ପୁଣି ସେ ଛବି ଲମ୍ପଟ । ବଟକ୍ଷୀରେ ଜଟ କରି ପରକଟ ପିନ୍ଧିଲେ ବକଳ ପଟ । ବାହେ ଭଙ୍ଗୁ ଭ୍ରମାଳ । ବହେ କଣ୍ଠେ ରୁଦ୍ରାକ୍ଷ କୁଣ୍ଡଳ । ବୋଲାହେଲେ ଭସ୍ମ ନରନାରାୟଣ ପ୍ରାୟେ ବେନ ଭାଇ ଦିଶି । ବଦରୀକାବନଭାବକୁ ସେ ବନ ସେବନ କଲେ ଭରସି । ବିକଳିତ ରଞ୍ଜନ । ବିକଳିତ-ଦେଖି ହେଲେ ଜନ । ବାହୁଡ଼ି ନଗ୍ରକୁ ବୋଲୁ ନ ଘେନିଲେ ବେଢ଼ି ଅତି ଅନ୍ତରେ । ବସନ୍ତ ଗୁଣ୍ଡି ରୁ ଏକାମ୍ର ବନେ କି ଯାଇଁ ଅନୁଜତ ଜଗ । ବଧ୍ରୁତ ଗଉରୀ । ବହିତିକ ରାମ ସୀତା ଧରି ।

ବିଲେପନ ଭୂତି ଏଣୁ ଶୁଭ୍ରକାନ୍ତି ଚନ୍ଦ୍ରାର୍ଦ୍ଧ ଛବି ମୁକୁଟ । ବରବର୍ଣ୍ଣିମା ନାନା ରତ୍ନ ଭୂଷଣୀ ପାରୁଶରେ ଝଟି ଝଟ । ବାହକ ଯେ ସୁମନ୍ତ୍ର । ବହୁଗୁଣୀ ଲକ୍ଷଣ ବିନତ । ବିଶ୍ରାମନ୍ତେ କିଛିଦୂରେ କହେ ନଗରେ ବନରେ ରଚିବା ପୁର । ବିକ୍ରା ଦେଇଛନ୍ତି ଦଣ୍ଡକରେ ପୂର୍ବେ ନ ଥିଲ କି ଦଣ୍ଡଧର । ବୋଲି ତାଙ୍କର ମାନ । ବର୍ତ୍ତି ଆମ୍ଭେ ହୋଇ ପ୍ରଜାଜନ । ବକ୍ତବ୍ୟ ରାଘବ ଏଥି ଅନୁରୂପ ପ୍ରଜା ଚତୁରଙ୍ଗ ଛନ୍ତି । ବସ୍ତ୍ରକ ସହ ସୁରଭି ପୟୋଧର ବଜ୍ର ବଜ, ଝଟକନ୍ତି । ବୃତ୍ତ ସୁନାସିରସ୍ଥ । ବିହରନ୍ତି କେତେ ଚନ୍ଦ୍ରବାସ୍ଥ । ବ୍ୟୂତପନ୍ନରଥ ଗନ୍ଧର୍ବ ଉଠନ୍ତେ କରିବାର ବିହାରକୁ । ବିଧିରେ ଶିକ୍ଷୀ ଫାଳକଧାରି ଶୋଭି ଆତ୍ମ ପ୍ରତିପାଳନକୁ । ବୋଲି ମଉନ ହେଲେ । ବଞ୍ଚାଇ ସେ ପଥ ରାସ, ଗଲେ । ବାହି ସୁମନ୍ତ୍ର ବିମାନ ରାମ ଆଜ୍ଞାବଶେ ଅଯୋଧ୍ୟା ଗମନ । ବାହୁଡ଼ିଲେ ଜନେ ସେ ଚନ୍ଦ୍ର ଚିହ୍ନକୁ ଗୋଡ଼ାଇ ହରଷମନ । ବିଶ ମୃଗତୃଷ୍ଣାରେ । ବାରି ବୁଦ୍ଧି ଯଥା ମୃଗ କରେ । ବେଗୀ ଉଦବେଗୀ ହୋଇ ପରବେଶ ଭରଦ୍ୱାଜ ଆଶ୍ରମରେ । ବୀକ୍ଷଣ କରି ସୀତା ରାମ ଲକ୍ଷ୍ମଣ ତକ୍ଷଣ ସବୁ ପରୀରେ । ବୋଧି କହିଲେ ଭାଷ । ବୀରସିଂହ ଅରଣ୍ୟେ ବିଳସ । ବିରାଜ ଲକ୍ଷଣ ନାରାଜ କରଦରେ ମହାକ୍ଷ କରି ଅସୁର । ବିମୋହିତ ହେବ ଚିତ୍ରକୂଟ ଗିରି ହୋଟେ କରିବାରୁ ପୁର । ବିହେ ପୟସ୍ୱୀ ନଦୀ । ବିଶେଷିତ ତହିଁ ହୋଇ ସ୍ନାନ । ବିଞ୍ଚି ତେସେ ସ୍ଥାନକ କନକ ଗଉରୀ ଗଉର ମର୍କତ ଗନ୍ଧ । ବିମର୍ଶରେ ଗମନ ବାକ୍ୟ ନାଶି ରହିଁ ଚକିତ ସ୍ଥକିତ ନେତ୍ର ବିର କାଗଜ ଚକ୍ଷୀ । ବିଲୋକନ୍ତି ଯେମନ୍ତ କୁତୁକୀ । ବୋଲି ବୋଲି ହେଲେ ପରମ ସୁନ୍ଦର ବିର ଏ ପଥିକ ଦୁଇ । ବିଲକ୍ଷି ପୁଣି ରମଣୀ ଶିରୋମଣି କାହାର ଥିବଟି ହୋଇ । ବୋଲି ନିକଟେ ଗଲେ ॥ ବଇଦେହୀଙ୍କି ସେ ପଚାରିଲେ ॥ ବରାରୋହା ଏ ପୁରୁଷ ସାର ଦୁହେଁ ସୋଦର କିବା ତୁମ୍ଭର । ବୁଲନ୍ତି ଜଗତେ ହେନି ସଙ୍ଗତରେ

ସୁଷମେ ନ ମିଳେ ବର । ବୋଲୁ ଶିର କମ୍ପାଇ । ବର ଦେବରକେ ଯାଅ କହି । ବିଳମ୍ବ କରନ୍ତେ ପ୍ରଲମ୍ବ କୁନ୍ତଳା ଡାକେ ଲକ୍ଷ୍ମଣ କୁମାର । ବାମାକୁ ବୋଧିଲେ ଏ ଦେବର ବୋଲି ମନ୍ଦ ଉଗନ୍ତି ସତ୍ୱର । ବୃଦ୍ଧି କରନ୍ତେ ନୋହି । ବରଷ୍ଠା କି ଗର୍ଭଲସୀ ହୋଇ ॥ ବନରୁହଦଳେ ରୁଳିଲି ପଦ୍ମରେ ପରଚେ ଏ ନୋହେ ଛନ୍ଦୁ । ବନ୍ୟାସ ଚରଣ କର୍ଣ୍ଣ ସ୍ଥଳେ ଯହିଁ ଉକୁଟି ଯାଉଛି ପଦ୍ମ । ବସୁଛନ୍ତି ରେଲମ୍ବ । ବାଲ ଚନ୍ଦ୍ରକୁ ବିଅନ୍ତି ଚୁମ୍ବ ॥ ବ୍ୟକତ ହୋଇବା ଯାଏ ରହିଁ ଥିଲେ ଚକ୍ଷଣବାସୀ ଗମିଲେ । ବହି ଭେଲା ବାଳା ସହୋଦର ମେଳା ଗଙ୍ଗାପାର ହୋଇଗଲେ । ବଳେ ଚିତ୍ରକୂଟରେ । ବାନପଦେ କଷ୍ଟେ ଗାରବର । ୨ ।

ସପ୍ତଦଶ ଛାନ୍ଦ

—ମାୟାମୃଗ ଓ ସୀତା ହରଣ—

ରାଗ—କୌଶିକ

ମାଳ ତମାଳମଙ୍ଗୁଳା ବସି ନାମ ଘୋଷି ସେ । ସୁକୁମାରୀ । କାନ୍ତିଚ୍ଛଳେ ପିନ୍ଧେ ଅମ୍ବର । ହାସଚ୍ଛଳେ ଯେନେ କର୍ପୂର । ହୋଇ ତଣ୍ଡାବମସ୍ତୁ କେକା ଘନ ସମସ୍ତ ରକ୍ଷା ହେଲେ ସଜନୀ କାର ସେ ॥ ଶରଦକାଳେ ସୁଧାକର କର ବସୁଧା ଭୂଷାକୁ ଦେଖାଇ ନ ଦେଲେ । ଗୃହଭୂଷଣ ଭୂ ଷଣ ନ ପୂନ ଦେହଭୂଷଣ ଇଶ୍ଵର ବୋଲି ବର୍ଣ୍ଣିଲେ ସେ । ସନ୍ଦରଣ । ପଦ୍ମୁମା ପଦ୍ମବାସୀ ସଖୀ । ପଦ୍ମନୟନା ପଦ୍ମମୁଖୀ । ପଦକର ପଯୁର ପଦ୍ମପଟ୍ଟ ଉଦର ପଦ୍ମକୋଷଉରଜେ ଯୋଖୀ ସେ । ସୁକପୋତ କପୋତ ରୁତ ଶୀତ ମରୁତ କମ୍ପିତ କରୁଥାଇ ପୂନ । ଏ ଚିନ୍ତା ଅବଦ୍ଧୁତ ଚିତାନ୍ତଦେ ସମ୍ଭୂତ ସଖାବେ ତଜନୀ ବନ୍ଦନ ହେ । ସାଧୁଜନେ । ଏ ଛାନ୍ଦ ଏବେ ହେଲା ଶେଷ । ବୁଧବୋଧକ ଏ ରହସ୍ୟ । ସୁମର ଉପଇନ୍ଦ୍ର କହଇ ଉପଇନ୍ଦ୍ର ଭଞ୍ଜ ବୀରବର ଏ ରସ ଯେ । ୨୩ ।

—*—

ରସିକ ହାରାବଳୀ

ବସନ୍ତାନୁଚିନ୍ତା

ରାଗ—ରାମକେରି

ବସନ୍ତେ ଭ୍ରମୁ କାନନ ବିରସ ବଦନେ ଆନନ ଭାବିଲି ମୁଁ ମାନ ଧନ କଲ୍ଲି କ ମୋତେ । ଯାଇ ପଦକୁ ତାହାର ଶିର ଛୁଇଁକଲି ମୋର ଜାଣି ସେ ହୋଇ କାତର ଉତ୍ତ ଭୂଶତେ । କୋଇଲି ମଲ୍ଲି କ ମଦନ । ଏହା ଜାଣି ପ୍ରକାଶ କରୁଛ ଏ ମାନ । ୧ । ଆହା ରସବତୀ ପୁର ଅନ୍ତର ବନରେ ଉର ଉପରେ ପଙ୍କଜ ଫୁଲ ଧରି ଯେ ଥାଇ । ମୋର ପ୍ରିୟ ଯେତେବେଳେ ଆସି ଦରଶନ ଦେଲେ ମଲ୍ଲୀକୁସୁମ ମୁଁ କରେ ଧରି ଦେଖାଇ । ଜାଣି ଭାବେ କାହା ଆସୁଛ ନାରୀ ପୁରୁଷକୁ ଦଣ୍ଡ ଦଇବ ରୁଚ । ୨ । ଭାବୁଁ ଗୃହମା ରଜନ

ଦିନେକି ଗୃହବଦମା ଗୃହଦ୍ୱା ଉପରେ ନେଇ ଶୋଯାଇ ଶେଜ ଭଲ ଚତୁର୍ ଲୁଚଚେଲ ତାଙ୍କି କରି ଅଞ୍ଚଳେ ଯେ ବାନ୍ଧି- ଥାଇ କର୍ପୂର ରକ । କି ଗୁପ୍ତ ଏ କୋମଳଙ୍ଗୀର । କୋଇଲେ ଲଗାଇ ଉପରେ ଉରଜ ଚାର । ୩ । ଧନ୍ୟ ସେ ପ୍ରେମ ମଞ୍ଜୁଷା ଶୁକ ଶାଖିକା ପଞ୍ଜୁଖା ଥିବା ପୁରେ ଏକାନ୍ତ ଯେ ନୋହେ ମୋ ଭୁଲେ । ସଖୀଙ୍କୁ ଦେବା ସ୍ନେହରେ ରଖିଥାଇ ଦ୍ୱାର ଉପରେ ଅଙ୍ଗହାର କରେ କେଳି ପୁରେ ମିଳିଲେ । ପକାଇ ମୋହର ଶପଥ । କି ହୃଦେ ଚରବର୍ତ୍ତିମା ଯେନଇ ନିତ୍ୟ । ୪ । ପିକ ଡାକିବା ସମୟେ ବଲ୍ଲଭ୍ ବୀଣା ବଜାଏ ବଡ଼ାଇ ଦେଖାଇ ଗାଏ ଗୀତ ମଧୁରେ । ଶୁଣି ମୁଁ ଜାଣି ହୃଦୟୁ ଯାଇ କହଇ ବିନୟୁ କବି ମୂର୍ଖ ପଣ ଦୋଷ ଲଗାଇ ମୋରେ । ଦାସୀ ଦୋଷ ଯେନ କି ହେବ । ଏମନ୍ତ କହିବା ତାର କେମନ୍ତ ଭାବ । ୫ । ମାଧବୀମଣ୍ଡପେ ଦିନେ ବାନ୍ଧବୀକ ତୋଷମନେ ହୃଦୟୁ ଉପରେ ନେଇ କଲେ ଶୁଆଇ । ପ୍ରଶଂସୁ ନାସା ମୋତିକ ଜାଣି ପାରି ମୋ ଗଣ୍ଡକ ଖସି ତୁଶଯେ ବସି ଲଜେ ସେ ଭସମସ୍ତୀ । ହସିଲି ଏମନ୍ତ ଭାଷିଲି । ପଡ଼ିଥିଲି ପ୍ରମାଦେ ଦଇବ ରଖିଲା ॥ କରି ମୁଁ ଚମ୍ପାଭଉଣୀ ଦେଲି ସେ ଶମ୍ପାଗଉଣୀ ମୋ ସ୍ନେହବଶରୁ ଯେନ ନ ଯେନେ ଶୀରେ । ମୁ କହେ ଏମନ୍ତ ଶଙ୍କାମାନଙ୍କୁ ପଛକୁ ପକା ନବନା ବନା ମୋହର କେବା ହସାରେ ଶୁଣି କହେ ପ୍ରତି ଉତ୍ତର । ଏହି ଅବଧାନ ଥିବା ଲୋଡ଼ା ମୋହର ॥ ଦିନେ ଯେ ନବମାଳୀକା ଝିସ ସଜାଡ଼ି ବାଳକା ଶ୍ରୀକରେ ଦେଇ କହିଲି ଚିବୁକ ଧରି । ମଦନ ମନୋହାରୀରେ ତୋଷ କରିବୁ ଦାସରେ ଶ୍ରବଣ ଚଞ୍ଚଳ କଲି ନେହ ଶପଥ । ବୋଧିଲି ମୋହର ମନକୁ । ପଛକରି ତରୁଣୀ ତରଣୀ ଆଡ଼କୁ । ବକୁଳ ମୂଳକୁ ଟିକେ ଦିନେ ଯେ କେଳି ଆଗମେ ପକ୍ୱ ଚୁତ ଶତ କରି ଦେଲି ଧନକୁ । ପ୍ରଶଂସା କରନ୍ତେ ମହା ହସ୍ତକଳା ବୋଲି କହି ସ୍ତନ

ଷ୍ଟିଁବା ମାନଙ୍କେ ଆଣି ମନକୁ । ସେ ଲଜ ପାଇଲ୍ ହୋଇଲ୍ । କାହିଁ କଥା କାହିଁରେ ଲଗାଅ ବୋଇଲ୍ । ଢନେ ଯେ ଘେନବନତା ଲଲାଟେ ଚନ୍ଦନଚିତା ମଧ୍ୟରେ ଦେଲ୍ ସୁନ୍ଦରୀ ସିନ୍ଦୂର ବିନ୍ଦୁ । ମୁଁ ବୋଇଲି ଉତ୍ପାତ ଦେଖିଲ ପରାଣ ମିତ ତହିଁକି ସେ ବହିକର ବଦନ ଇନ୍ଦୁ । କହିଲ୍ କାହାର କି ଯିବ । ଅନଙ୍ଗ ରାଜାକୁ ସିନା ଅଶୁଭ ହେବ ।। ରଚି ପିଚକା ଚନ୍ଦନେ ଲୁଚ୍ଚଇ ମୁଁ ଏକଢନେ ଡାକିଲ ପାଶକୁ ଆସ ଆରେ ଅବଳା । ସଙ୍ଗୀତ ପଠନାବାଳା ଇଙ୍ଗିତ ଘେନଣ ବାଳା ଝମକାଇ ଆସି ହୃଦେ ଭିଡ଼ିଲ୍ ଗଳା । ଆତୁର ପୀଡ଼ିଲ୍ ରଦନେ । ଗଣ୍ଡକୁ କାତର ମୁଁ ଯେ ହେଲି ମଦନେ । ୧୧ । ଢନେ ମୁଁ ଅଧର ପାନକରି ମୋହିଲି ଜୀବନ କାମ ଯମ ଭୟ ଭିନ୍ନ ହେଲ୍ ମୋ ମନ । ଚନ୍ଦ୍ରତ ନୁହଇ ମୁହିଁ ମୋତେ ସେ ମିଳିବ କାହିଁ ଏମନ୍ତ ପ୍ରତି ବଚନ କଲ୍ ମୁଁ ଚିନ୍ତି । ମୁଁ କହିଲି ଶ୍ରୀମୁଖ ପରା । ଘେନା ଘେନ କଥା ଏହୁ ବୋଇଲ୍ ଧୀରା । ଅଶୋକ କୁସୁମ ଡାଳେ ଢନେ ଥିଲ୍ କର ତଳେ ପ୍ରବେଶ ମୁଁ ବେଶବେଳେ ଦେଲି ତା ଶୀରେ । ସବୁ ଢନେ କି କରି କହିଲ୍ ଏମନ୍ତ ଭାବ ବୋଇଲି ପ୍ରତିପାଳିବି ଜୀବ ଥିବାରେ । ଭଲ୍ ସେ ରସିକା ସୁମନା । ସରିବ କି ତାହା ଭାବ କଲେ ଭାବନା ।। ଏବେ ଯେବେ ଶିଖେଇବ ଏ କଥା ଶ୍ୱାସ ଟେକିବ ମନେ ଏହା ବିଚାରିବ ଅନୁକ୍ଷଣରେ । ମୋ ଉରଜ ସଙ୍ଗ ଗୁଣ କାନ୍ତ ହୃଦୟ ପ୍ରମାଣ କଲ୍ କି ଉଦୟ ଆଣି ଏତେ କାଳରେ । ଫୁଲଶର ଜପୁତ ଥିବ । ଆଜ କମ୍ପାଇ ମୋ କଥା ମନେ ପଡ଼ିବ ।। ଚନ୍ଦ୍ରମା ସୁଦରଶନେ କାନ୍ଦା ସେ ସୁଦରଶନେ କରୁଥିବ ମନେ ମନେ ଚନ୍ଦ୍ର ଗଉରୀ । କି ଭୋଗୀ କୁମ୍ଭସମ୍ଭବ ବେଳେବେଳେ ବୋଲୁଥିବ ନ ମରି ଅଛୁ ମୁଁ ପୁଣି ଏହା ସୁମରି । ନେହନଦୀ ମାଡ଼େ ବୁଡାଇ । ସାରିପନ ହରିପକୁ ଆସ ମୁହିଁ । ଦେଖିବାରେ

ପ୍ରସ୍ଥା ଶୋଭା ଆଷ ହେଉଥାଇ ଲେଖା ଯୋଗି ହେଉଥାଇ ଦେବତାଙ୍କ ସଙ୍ଗରେ । ଲଭ ସେ ବଲ୍ଲଭୀ ଶ୍ୱାସ ଶ୍ୱାସରୁ ସେ ଦିବ୍ୟ ବାସ ଭଲ କରୁଥିଲ ଇନ୍ଦ୍ର ଭାବ ଅନ୍ତରେ । ବାନ୍ଧବୀ ମୋହଯ୍ୟାରୁକ୍ମଣୀ । ଶଙ୍ଖୁକୁ ଶରଣ ଦେଲ ବ୍ୟଞ୍ଜନେ ଆଣି । ଜାଣି ନ ପାରିଲ ଛନ୍ଦ ଏ କାଳକୁ ହେଲ ମନ୍ଦ ମୃଣାଳେ ତ ପୁରିଥିବ ପୁଷ୍ପ ବାଳାର । ଭ୍ରମ ହେବାରୁ ତାହାର ଆହାର ଏ ହରହାର ନ କରନ୍ତୁ ମୋ ପରି କ ବ୍ୟାଧି ପ୍ରସ୍ତୁଲ । ଜାଙ୍ଗଳଙ୍କ ଷଣ୍ଢ କପର୍ଦ୍ଦି । ବୋଲିବ ବୁଲି ଆଣନ୍ତୁ ଆନ ସମ୍ବାଦ । କେତକୀ ଦଳକୁ ଶୀରୁ ଦିନେ କରରୁହେ ତରୁ କୁଭଙ୍ଗୀ ନେତ୍ର ରଙ୍ଗରୁ ଜାଣି ମୁଁ ଧୀରେ । ବୋଇଲ ଯେ ଅନୁଗତ ତାକୁ ଦଣ୍ଡିବା ଉଚିତ ଦେଖି ମୁଁ ଡରୁଛି ଶୁଣି ଦେନାଲ ଶିରେ । ଏବେ ସେହୁ ପୂର୍ବପ୍ରାଭବ । ଦଶନେ ଜାଣିଣ ଶତେ ଗୁଣ ଶୁଝିବ ॥ ବିଦେଶ ଗମନକାଳେ ଦେଲଇଁ ମୁଁ ମୋତିମାଳେ ମୋ ପ୍ରୀତିରୁ ଥିବ ଗଳେ ଭ୍ରମ ବେଳରେ । ରସବତୀ ଖିଣ୍ଡଭରେ ଖୋଜ ନ ପାଇ କେଶରେ ତୋଳାଇ ଅଣାଇଥିବ ନାଗକେଶରେ । ଅସର ବାସର ଯାମିନୀ । ଯୁବାକାଳେ ଏ ଦଶା ପାଇଲ କାମିନୀ । କି ଦିଶୁଛି ଦେଖ ସଖି ବୋଲି ଦର୍ପଣ ଦେଖାଇ କେଉଁ ସଖୀ କପୋଳେ ପୁଲକ ପୂରିଲେ । ଗୃହିଁ ଚମକ ଶୋଚନା ରଚନା ମୃଗଲୋଚନା କରି ଭିତ୍ତି ଗାରକୁ ଗଣିବ ତଣ୍ଡଳେ । ବିଚ୍ଛୁରିବ ହେଲ ଅଦ୍ଭୁତ । ହରଷ ହରଷ ସମେ ହେବ ଉଦିତ । ଯୁବାକାଳେ ଯାହା ପାଶେ ଏ ମଧୁ ମାଧବ ମାସେ, ଯୁବତୀମଣି ନ ବସେ ଧିକ ତା ଜୀବ । ତା ପରି ନ କରି ମାର କାହିଁକି ବୋଲଇ ବୀର ଏ ରୂପେ ରସିକବର ଛାଡ଼ଇ ଭାବ । ରାମଚନ୍ଦ୍ର ପଦ ଗୁଣିଲେ । ଉପେନ୍ଦ୍ର ଭଞ୍ଜ ବୀରବର ଭଣିଲେ । ୨୧ ।

ପ୍ରେମସୁଧାନିଧି

ଚତୁର୍ଥ ଛାନ୍ଦ

ରାଗ—କୌଶିକ

ଏ ସମୟେ ଆସି ବାଳାପ୍ରିୟା ଦାସୀ ହସି ଭାଷିଲା କୁମାରକୁ । ଅତନୁ ଆଜ ଅନୁକୂଳ ହୋଇଲା ତରୁଣ କୂଳ ଆକୁଳକୁ । ରଙ୍ଗ-କେତନ । ନିକେତନେ କଲା ବନ୍ଧନ । ଥିଲେ କବଚ ବିନା କ୍ଷଣେ ହୃଦୟ ବିଶିଖେ କରିବ ଭେଦନ ॥ ସବ୍ବମତରେ ସ୍ୱନମତ ଏମନ୍ତ ପର୍ବତ ପରି ଜାତ ଲତା । ଲତାରୁ ଏବେ ପର୍ବତ ଜାତହେଲା ଗ୍ରହିଁ କମ୍ପି କି ଉର୍ଦ୍ଧ୍ୱରେଖା । ହାହା ଶୋଭିତା । ଦେଖି କେ ନୋହିବ ଲୋଭିତା । କଣ୍ଠପରେ ହରି ହରି ପରେ କଣ୍ଠ ବଢ଼ାଇଲା ଏବେ ବନିତା । ଫଳ ଚୁମ୍ବିଇ ଭ୍ରମର ବୋଲି ଆଜଯାଏ ତ ଶ୍ରବଣ ନ ଥିଲା । ଶ୍ରୀଫଳ ଯୁଗଳୁଁ ମଧୁର ମଧୁକୁ ଏବେ ସୁନ୍ଦରୀ ପିଆଇଲା । କୋକ ଯୁଗଳ । ରାତ୍ରେରେ ବିଚ୍ଛେଦ ହୁଅଇ । ଏ କି ଚମତ୍କାର ହରି ବୋଲିବାର ଆନ କଲା ନାହିଁ ବଢ଼ାଇ । ଲବଣୀ ପିଣ୍ଡୁଳାରୁ ହୋଇ ଜନମ ବଜ୍ରରୁ କଠିନ ଦରବ । ଖଞ୍ଜଣ ସାଧନେ ଦୃଢ଼ ତୁମ୍ଭ କର କେ କାହାକୁ ପୀଡ଼ା କରିବ । ଏବେ ଜାଣିବା । କଳସେ ପଡ଼ିବକ ଦଶା ଅବଳା ଯେଜ ମାର ଫୁଲକାଣ୍ଡରେ ଭବଜଣିଲାକୁ ଭରସା । କିଆକେ କିଆକେ ଅତି ପରମାଦ ନୋହିଲାର କରେ ହୋଇଲା । ଏ କେଉଁ ବିଚିତ୍ର ଶକ୍ରୁପ୍ରସପସ ମଧ୍ୟରେ କାଳନ୍ଦୀ ବହିଲା । କେତେ ସମ୍ଭର । ମରୁତସୁତ ଧାତା ହେଲା । କେଉଁ ଦିନ ଏକ ରଜନୀ ମଧ୍ୟରେ ଏକାବେଳକେ ଦେଖାଇଲା ॥ ତରୁଣ କଦଳୀ ତରୁରୁ ହୋଇଛି ଅରୁଣ କଞ୍ଜପାତ ଝୁଲା । କରେ ତାହା ବାଳୀ ଏଡ଼େ ବଳଆର ମନହସ୍ତୀ ବନ୍ଧା ଅର୍ଗଳ । ଚର୍ମ ବିହ୍ନେ । ଚଳାଇ ମଦନ ରଥକୁ ଯାହା ପରସାଦେ ତାହା କି କହିବ ଗୋଚର ନୋହେ

କଥିଭଲୁ ॥ ଚନ୍ଦ୍ରମାରୁ ପଦ୍ମ ଜନମ କରଣ ସ୍ୱଭାବେ ବହୁଛୁ ସୁଷମା । କ୍ଷଣେ କ୍ଷଣେ କଥା ପ୍ରସଙ୍ଗେ ପଦ୍ମରୁ ଜାତ କରେ ଏବେ ଚନ୍ଦ୍ରମା । ଯେନ ଏ କଥା । ମାନତ ଅଦୃଷ୍ଟି ଅଶ୍ରୁତି । ଚନ୍ଦ୍ର କମଳ ଜନ୍ମ ଜାତ ବୋଲଣ ପୁରାଣମାନ କହୁଛନ୍ତି । ବାଳ ଅରୁଣ କୋଳରେ ବିକଶିତ କରି କୁମୁଦ ଏ ଅଦ୍ଭୁତ । ଉପମାକୁ ଏବେ ଗହନ ହେଉଛୁ ସବୁ କଥା ଆନ ଆନ ତ । ଭଣି ବୟସରେ ମନୁ କି ଆଉ ପାଶୋରିବ । ନବ ବିଜୁଳି ବିନା ମେଘେ ମଧ୍ୟରେ ଖେଳା କରିବାରୁ ବୃନ୍ଦକ ॥ କୁଞ୍ଜରେ ଚଞ୍ଚଳ କୁରଙ୍ଗ ଛଡ଼ାଇ ଧନୁ ଧନୁ ଅତି ଗର୍ବିତ । ଏବେ ସେ ପୁରୁଷ ଶାର୍ଦ୍ଦୂଳ ଧୈର୍ଯ୍ୟ ଗ୍ରାସକୁ ହୋଇଛୁ ଉଦ୍ଧତ । ମହା ଆଶ୍ଚର୍ଯ୍ୟ । ମନ୍ଦାର ନବୀନ କାମିନୀ । ଗରୁଡ଼ ଉପରେ କଢ଼ ଉଲ୍ଲାସରେ ଭୁଜଙ୍ଗ କ୍ରୀଡ଼ା ରଚନ୍ତିଣି । ଅନ୍ଧକାରଚୟ ବନ୍ଧନ ଯତନେ ସଜନୀ ହସ୍ତରେ କରଇ । ନବଘନେ ତାରା ଉଦେ ପରମ୍ପରା ନୋହେ ସମସ୍ତ ଦେଖିଥାଇଁ । ତାହା କଲା ସେ । ସେ ନେଇ ମନ ବନ୍ଧପାଶ । ଏ ପୁଣ ମହାଚମକାର ତହିଁରେ ପଡ଼ ହୁଏ ମହା ଉଲ୍ଲାସ ॥ କଣ୍ଠ କରୁ ଜାତ କମଳ କମନ୍ତୁଁ ଜାତ ଗନ୍ଧଫଳୀ କଳକା । ପୂର୍ବେ ଧବଳ ଏବେ ରଙ୍ଗ ହେଲାଣି ତହିଁ ଜାତ ନବମାଳିକା । ପାଞ୍ଚେ ତହିଁରେ । କଠୋର ଉରକୁ ଚରିବ । ମେରୁକୁ ପଦ୍ମ କେ ଦମ୍ଭେ ଯୋଡ଼ାଇଲେ ସେ ପଦ୍ମ ବିଚାର ହୋଇବ । ୧୧ । ବିସ୍ମର ନୋହିବାକୁ ଗଣ୍ଠି ପକାଇ କନ୍ଦେ ବହିଲାଣି ବସନ । ରସିକ କୁଞ୍ଜରେ ମୃଣାଳେ ବାନ୍ଧିବ କରଅଛୁ ଏହି ଗୁମାନ । ଚୈତ୍ର-ବୈଶାଖେ । ବିଧାନେ କୁସୁମ ସମସ୍ତ । ପ୍ରକଟ ହେବାରୁ ସେ କଳକଣ୍ଠି ମା ଗର୍ବ କରଅଛୁ ଉଦୟ । ୧୨ । ଶଙ୍କର ଯାର ହାସ୍ୟ ବୋଲୁଥାଅ କୋଟିଜନ୍ମ କାମ କଳୁଷ । ତମ୍ଭନେ ହରିବ ଚେତନାଳ ଏବେ ଶ୍ରୁତ୍ୟର୍ଥ ହୋଇଛୁ ପ୍ରବେଶ । ପ୍ରଥମରୁ ହେ ।

ଦର୍ଶନେ ଅମର ପଦଗା । ଲଭିବ ଭୂମିର କଳ୍ପଥି ଶୋଭାକୁ ଏ
ଉତ୍ତାରୁ କାସ କହିବ । ୧୩ । ଭିତ୍ତିରେ ଲେଖା ଚଉଷ୍ଟି କଳା ଯେ
ଦିନେ ଦିନେ ଚହ୍ନିଁ କି । କି ଶୋଭ ତିଳ ପ୍ରସୂନେ ଗୁରୁ ଉଦେ
କରଇ ଏ ଚିତ୍ର ନୋହେ କି । ନୋହେ ଆକାଶ । ନକ୍ଷତ୍ରମାଳା
ଉଦେ କରେ । ଦିବସେ ପୁଣି ଜ୍ୟୋତିହୀନ, ନୁହଇ । ଏଥୁଁ ଚିତ୍ର
ଅଛି ସଂସାରେ ॥ କର ଗୁହିଁ କୁଚ କମ୍ପନ ହେଉଛି କୁଚ ଗୁହିଁ କର
କମ୍ପନ । ନୟନ ଲୋଚନେ କଟି ଭୟ ବଶ ଡ଼ରେ କଟି ଦେଖି
ନୟନ । ଅଛି ଆତୁର । ସେ ଅଙ୍ଗେ ଆଶ୍ଚର୍ଯ୍ୟ ଅପାର । ଭୁଜ ଗୁହିଁ
ଗତି କାତର ହେଉଛି ଗତି ଗୁହିଁ ଭୁଜ କାତର । ୧୫ । ମୁଖ
ଯେନ କେଶ କେଶ ଯେନ ମୁଖ ହେଉଥିଲେ ଯେଉଁ ଆରତି ।
ମଧ୍ୟରେ ଭ୍ରମରଶ୍ରେଣୀ ରହି କରି, ନାଶିଲେ ସେ ଭୟ ଅଭୁତ ।
ମୁଖ ଅଧର । ଦର୍ଶନେ ବିରସ ହରଷ ପଦ ହେଉଥିଲା ପ୍ରସନ୍ନେ
ନାଶିଲା ମଧ୍ୟେ ରହି କୁଚ କଳସ । ଅର୍ଦ୍ଧଚନ୍ଦ୍ର କୋଳେ ସେ ପୂର୍ଣ୍ଣ
ଚନ୍ଦ୍ରମା ଯାହା କୋଳେ ବାଳ ମୀହିର । ଏକା ବେଳକେ ସେ
ଉଦୟ କରାଇ ଅନଙ୍ଗ ଅମଙ୍ଗଳ କର । ବିପରୀତ ଏ । ସମସ୍ତ
ଲୋକେ ଦେଖିବାର । ପୟୋଧର ସିନା ଯୋଡ଼ାଏ ଅମ୍ବର ଅମ୍ବର
ତାଙ୍କେ ପୟୋଧର ॥ କଦଳୀ ଭେଳା ପରସାଦେ ଶମ୍ବର ଅରି
ସମୁଦ୍ରକୁ ତରିବ । ଏତେ କହୁ ଅଛି ଭୂମ୍ବୀ ଅବଲମ୍ବ ସେକାଳରେ
କରେ କରିବ । ଧନ୍ୟ କରମ । କରଗତ ଚନ୍ଦ୍ର କରଇ । ଜଗତରେ
ଆଜ ଏଥିରୁ ବିଚିତ୍ର ଥିଲା ପରା ମୁଁ ନ ମଣଇ ॥ ଏହା ଶୁଣି ଅତି
ହରଷ ପୁରୁଷେ ଲକ୍ଷେ ଚନ୍ଦ୍ର ଦେଇ ତାହାକୁ ବୋଇଲା ଲବେ
ନାହ ମୋତେ ଦେଖାଇ ପାରିବୁ କି ହେମଦେହାକୁ । ଆଣି
ଜ୍ୟୋତିଷ । ମାନଙ୍କୁ ଗଣାଇଲା ଲଗ୍ନ । ଉପଇନ୍ଦ୍ର ଭଞ୍ଜ କବିବର
କହେ ବାଳୀ ସୁରସେ ଚିତ୍ତ ମଗ୍ନ ॥

ସପ୍ତମ ଛାନ୍ଦ

ରାଗ—ରେଖି

ପୁରୁଷ ଭାବନା

ରସିକ ବିସ୍ତର କରେ, ଦୀପଦାନ କାର୍ତ୍ତିକରେ ପ୍ରୟାଗେ ସ୍ନାନ ମକରେ ଯେହୁ ନ କରେ । ମିଶେ କି ସେ ଆଲୋକରେ, ଉତ୍ତମରାମା ଅଙ୍କରେ, ଯେନ ବସେ ପଲଙ୍କରେ କି ହିମକରେ । ପୂର୍ବେ ସେବିଥିବେ ଶଙ୍କରେ । ସେ ଫଳ୍ଗୁ ଧରି ଉରଜ ଶ୍ରୀଫଳ କରେ । ଯେ ଝାସିଥାଇ ସାଗରେ, ଶିବରାତ୍ରି ଉଜାଗରେ, ବଞ୍ଚେ କୈଳାସ ନଗରେ ବହୁ ଯୋଗରେ । ସେ ସିନା ଲେଖା ନାଗରେ, ପୁହାଇ ବାଳା ସଙ୍ଗରେ, ନିଶି ବସାଇ ଆଗରେ ଅନୁରାଗରେ । ପ୍ରଶଂସ୍ୟ ସେ ସର୍ବ ନାଗରେ । ଯାର ନୁହଇ ବିରହ ଉରଗ ଗରେ ॥ ଜାଣିଲି ନାହିଁ ଜଗତି, ମଧ୍ୟରେ ଯୁବାଙ୍କ ଗତି, ପ୍ରଧାନ ବାରଣଗତି ଠାରେ ଭକତି । ଯେନଣ ପ୍ରାଣ ସଙ୍ଗତି, ରଙ୍ଗେ ମଣ୍ଡିଲେ ଜଗତି, ଥାଇ କି ଆଉ ଦୁର୍ଗତି ରହିଁ ଭ୍ରୁ ଗତି । ଧାତାକୁ ଦେଖିଲେ ମାଗନ୍ତି । ଋତୁରେ ରହେ ବିଚ୍ଛେଦ କଳି ଅରାନ୍ତି । ୩ । ଏ ବୁଦ୍ଧି ହୋଏ ପ୍ରସାର, ବିଷୟୁ ବିଷ ଅସାର, କାମିନୀ ବିଶ ସଂସାର ମଧ୍ୟରେ ସାର । ଶ୍ରୀଷମକୁ ଘନସାର, ଧନ୍ୟ ଧାନ୍ୟ କୃଷ୍ଣ*ସାର,—ନୟନ ଧନୀ ତୁଷାର କାଳ ହଶାର । ପ୍ରିୟା ଯେନ ରହିଁ ଅସାର । କେତେଁ ଭାଗ୍ୟ ବର୍ଷିବାର ଘନ ନିଶାର ॥ ଯୁବତୀ ସଙ୍ଗେ ବିହାର, ନାହିଁ ବିଚ୍ଛେଦ ଯାହାର, ଧିକ ଜୀବନ ତାହାର ହେଉ ସଂହାର । ଓଷ୍ଠେ ସୁଧା ସୁବେହାର, ଥାଇ ଅମରେ ମାହାର; କରି କରନ୍ତି ଆହାର, ତାଙ୍କୁ ଜୁହାର । ତାଙ୍କ ଶାନ୍ତି ସୃଷ୍ଟି ବାହାର ॥ ବାଳାବାହୁ ଥାଇଁ ଗଳେ ବହନ୍ତି ହାର । ୫ । କି ବଡ଼

ହେବା ନୃପତି ଙ୍କ ବଡ଼ ଇନ୍ଦ୍ର ସମ୍ପତ୍ତି, ସବୁ ସୁଖ ଉତପତ୍ତି, ସ୍ଥାନ ଦମ୍ପତ୍ତି । ପାଣ୍ଡବେ ଯେନ ଦ୍ରୌପଦୀ ସୀତା ଯେନ ରଘୁପତି ; ମାନ ନ ଥିଲେ ବିପତ୍ତି ହେଲା ପ୍ରାପତି । ନାଶଇ ବିରହ ତାପତି । ମାର-ଶରକୁ ସେ ବାଳା ବଜ୍ରଗୁପତି ।୬। ଜାଣେ ରସିକ ମାତାର ସେହି ମୋହନ ମନ୍ତ୍ର, ଯେମନ୍ତ ମଧୁରତର ବେଣୁ ଉତ୍ତର । ବିପଞ୍ଚି ମନ୍ଦ ସୁତର, ସପ୍ତସ୍ୱର ଇତର କରି ଚିନ୍ତାକୁ ଅନ୍ତର କରେ କାତର । ସେ ବଚନ ବିନା ଶ୍ରୋତାର । ଶ୍ରୁତିକି ନ ଥିଲା ଗତି କ୍ଷିତି ଭିତର ।୭। ପରମଦ୍ରବ୍ୟ ପୀରତି, ପରମ ସୁଖ ସୁରତି, ରତିରୁ ଜାତ ପୀରତି ପ୍ରୀତିରୁ ଅତି । ରମାର ରମ୍ୟମୂରତି, ନାହିଁ ଏ ତାର ସ୍ମରତି, ଏଥୁ ତିନହେଁ ରହନ୍ତି ଚିତ୍ତଧୁରତି । କାମଯମ ମତି କରନ୍ତି । ଯା ଲୋକନେ ଲୋକେ କି କରିବେ ବିରତି ।୮। ମଧ୍ୟେ କରି ନିବେଶନ; ସୁଖ ଖୋଜିବା ବସନ, ବିଭଙ୍ଗ କେଶ ବସନ କେତେ ପ୍ରସନ୍ନ ॥ ପ୍ରଖର ଶ୍ୱାସ ଶ୍ୱାସନ, ଫୁଲିତ ନାସଦଶନ, ବସନେ ସ୍ଫୁଟିତ ବଂଶନ କୁଚ ଦଂଶନ । ପ୍ରାତେ ଯେ କରିଛି ଦର୍ଶନ । ତା ଚକ୍ଷୁ କରିଛି ପ୍ରେମ ସୁଧା ଅଶନ ।୯। କରିବାବେଳେ ମୋଚନ, ନବଢ଼ ମାଳ କାଞ୍ଚନ, ଗୋସ୍ୱ କି ଭାବ ରଚନ ବହେ ଶୋଚନ । କରରେ କର ବଞ୍ଚନ; ଢାଳିଲା ପରି ଲୋଚନ, ହୋଏ କି ମନୁ ମୋଚନ ନାହିଁ ବଚନ । ଅନୁରାଗି କରି ଅର୍ଚ୍ଚନ । ଶାନ୍ତିକି କରଇ ପ୍ରେମଜଳ ଶୋଚନ ।୧୦। ଯେ କାଳେ ଝାଳେ କନ୍ଦନ; କି ଶୋଭା କଞ୍ଜବଦନ, ଅଳକ ମଧସୂଦନ ମଧୁସୂଦନ । କରି କଙ୍କଣ ବାଦନ, ଇଙ୍ଗିତ, ମଦମର୍ଦ୍ଦନ ସୁରଙ୍ଗ ରଦଚ୍ଛଦନ; ପୀଡ଼ି ରଦନ । ଭିଡ଼ିବାର ଧୈର୍ଯ୍ୟ ଛେଦନ । ଏ ଭାବ ଜାଣନ୍ତି ଅନୁଭବ ମଦନ ।୧୧। ମାର ସଦନ ଚମକ ନିମିଷକରେ ଯାମକ; ଅଟଇ ତନୁ ଲୋମକ, ଉଦଗମକ । କିପୁର ପର ଦମକ; କର ନୂପୁର ଝମକ, ରତି ସଂଗ୍ରାମ ଠମକ,

ଯେତେ ଯମକ । ସେବ୍ବଜନ ପୂର୍ଣ୍ଣ ନାମକ । ଶ୍ଳୋଗକର ଶୁଣିଛି ଯେ ଅନୁପମକ । ୧୨ । ଶୃଷ୍ଟିବାଣୀ ସମୂହରେ, ନ ମୋହ ରମା ସ୍ନେହରେ ବିପରୀତ ମନୋହରେ ଯେ ନ ବହରେ । କଲ୍ପାପୁ ହୋଇ ଗୃହରେ, ଥିଲେ ସେ ଅଛି କୁହରେ, ସେବାକର ନାହିଁ ହରେ ତାହା ଦେହରେ । ଏ ରସେ ଯେ ନଶିକ ହରେ । ଧନ୍ୟ ଧନ୍ୟ ତାର ଖାଇଁବାର ପହରେ । ୧୩ । ଚୁମ୍ବ ଦେବାରେ ତରସ, ଗୋଜ ଶ୍ରୀମୁଖ ସାରସ, କର କରିବା ହରଷ, ଉତ୍କରଷ । ନ ଦେଇ ଲଜ୍ଜା ପରଶ, ବସୁ ମହୀ ଆଦରଶ, କରିବାରୁ ଆକରଷ, ଚତ୍ର ଫରସ । ଦେଖିଲେ ଏ ହେମନ୍ତ ରସ । ପୁରୁଷ ଲୋହକୁ ନଷ୍ଟ ନାଗପରଶ । ନଖକ୍ଷତରେ କୁଞ୍ଚିତ କେଶୀ ହୋଇ ରୋମାଞ୍ଚିତ । ତନୁ ଚମକ କଞ୍ଚିତ, କର ଉଚିତ । ଇଷି ଇଷିଏ ବଞ୍ଚିତ, ଭାଷା କରିବା ଉଚିତ, କୋହେ କ ସିଞ୍ଚିତ, ତୋଷ ସଞ୍ଚିତ । ସାକ୍ଷୀ ଯହିଁ ଚିତ୍ତକୁ ଚିତ୍ତ ଏଥୁ ସୁଖ ଅଛି କାହିଁ ରସିକ ଚିନ୍ତ । ୨୦ । କେଳିପୁରେ ଆସିବାର ବଳାଧିନ ଘୋଷିବାର, ମୃଦୁ ମୃଦୁ ହସିବାର ପ୍ରକାଶିବାର । କୋଳେ ଧରୁଁ ଖସିବାର, ଶେଯପରେ ବସିବାର, ଏ କସ ଗୋ ହସିବାର ଉଲ୍ଲସିବାର । ଯାରେ କୃପା ନାହିଁ ଶିବାର । କାହିଁ କି ଥିବ ଏ ଭବେ ତା ରସିବାର ॥ ଜନ୍ମାନ୍ତେ ପୁଣ୍ୟ ଅର୍ଜନେ, ରତାନ୍ତେ ଯାକୁ ରଞ୍ଜନେ, ଅଞ୍ଚଳେ ଅବା ବ୍ୟଞ୍ଜନେ ସ୍ନେହମଜ୍ଜନେ । ବାଞ୍ଛି ଥିବେ କି ଖଞ୍ଜନେ-କ୍ଷଣୀଏ ସ୍ୱେଦଗଞ୍ଜନେ, ଏପରି ତାପଭଞ୍ଜନେ ଉଆ ସେ ଜନେ । ପ୍ରଶଂସିବେ ରସିକଜନେ । ସୁଶୀତଳ ବୋଲି କମ୍ପା ସେ ପ୍ରଭଞ୍ଜନେ । ୨୧ । ଏମନ୍ତ ମନେ ପ୍ରସରି, ନାୟକ ନାରୀ ସେ ସରି, ଧଇର୍ଯ୍ୟ କରି କେଶରୀ ନୁହେ ବିସ୍ମରି । ପାଶେ ଥିଲେ ବନସରି, ତାପମାନ ଅପସରି, ସେ ତ ରସିକା କେଶରୀ, ମୁଁ କି ତା ସରି । କଥନେ ଯା ଗୁଣ ନ ସରି । ସ୍ୱର୍ଗେ ବଡ଼ ଭୋଗ ହୋଇ ସେ ଅପସରୀ । ବନ୍ଧୁ-ତରୁପବମାନ ରାମା ସେ ଆନ

ନ ମାନ, ଭାଙ୍ଗଇ ଯେ ତପୀମାନଙ୍କର ଗୁମାନ । ଯାରେ ଧାତା ମୋହମାନ, ହର ଜନ୍ମ୍ୟ ଅଭିମାନ, ସଜୀବ କାମଶମାନ ସେ କ ସମାନ । ତାହାକୁ ଯେ କରଇ ମନ । ଗଣିବ ସେ ନରଦେହେ ପଶୁ ସମାନ । ନଷ୍ଟପ୍ୟ ପ୍ରହୁଷ ଦର, ହାସିମା କୃଶଉଦର ଶୋଭ ସେ ଜୀବ ସୋଦର ପ୍ରେମପ୍ରଦର । ଯା ଆଲିଙ୍ଗନେ ଏ ଦର, ଉରଉର ବିଭେଦର, କରି ହାରେ ଅନାଦର କା ବିଚ୍ଛେଦର । କରେ ଯେ ବିଦେଶେ ଆଦର । କି ଉପମା ଅଛି ସେ ନିଷ୍ଠୁର ହୃଦର ।୨୦। ସମ୍ମତ ହୁଇମାଭୁରେ, କଂଥିତ ମୁଖ ଚତୁରେ, ବଧି ବିଚ୍ଛେଦ ଚତୁରେ, ସଭ ଆତୁରେ । ନ ଉଣ ବଣ୍ୟେକତୁରେ, ସ୍ମର କରଜ ହେତୁରେ, ବସନ୍ତ ଆଦି ଋତୁରେ, କେଉଁ ଋତୁରେ । ପ୍ରବାସୀ ହୃଷନ୍ତ ଚତୁରେ । ଦୁଃଖ ନ ଗଣନ୍ତି ଯେଣୁ ଲେଖା ମୃତ୍ୟୁରେ ॥ ଏ ସ୍ନେହରେ ନ ରସଇ, ଶିଙ୍ଗରସ ବରଷଇ, ମକୁନ୍ଦକୋଳେ ବସଇ; ଲକ୍ଷ୍ମୀ ତୋଷଇ । ଭବଶ୍ରବକୁ ତୋଷଇ, ମନକୁ ସେ ନ ଆସଇ, ଗଉରୀ ଅଙ୍କେ ପଶଇ, ଭମ୍ମ ଦିଶଇ । ସାଗରକୁ ପରଶଂସଇ ନାଗର ସେ ଆଲିଙ୍ଗନେ ଦେହେ ମିଶଇ । ଏ ଭାଗ୍ୟ ମୁଁ ଅରଜିବ, ବାନ୍ଧବାଙ୍କ ନ ତେଜିବ, ଜାଣେ କେତେ ନସିବ, ଭାବେ ମଜ୍ଜିବ । ଆନ କଥା ନ ହେଜିବ, ତା ନାମ ମାତ୍ର ଭଜିବ, ସୁଖ ସୃଷ୍ଟି କ ସର୍ଜିବ, ମୋରେ ତର୍ଜିବ । କେତେବେଳେ ବେଶ ସାଜିବ । କେତେବେଳେ କରଜ ମାନଙ୍କୁ ମାଜିବ । ଲାଗି ପଶ୍ଚାତ ଦେଶରେ, ଥିବି ମୁଁ ପ୍ରତିବାସରେ, ରଚିବି ଶଟିକେଶରେ, କୁଚ ଦେଶରେ ॥ ନାସା ମଣ୍ଡିବ କେଶରେ, ପ୍ରବର୍ତ୍ତିଥିବ ହାସରେ, ପ୍ରକାଶିବ ଏ ଲାସ୍ୟରେ ରତିବଶରେ । କାମନା ମୋ ଥିବ ପାଶରେ । କାହି ଉପଇନ୍ଦ, ସାରବର ରସରେ ।୨ ।

—ପୁରୁଷର ସ୍ତ୍ରୀ ପାଖେ ପ୍ରେମ ଚିଠାଉ—

ଚତୁର୍ଦ୍ଦଶ ଛାନ୍ଦ

ରାଗ—ଶଙ୍କରାଭରଣ

ନିର୍ମଳ ଚନ୍ଦ୍ରମଣ୍ଡଳ ଶରଦେ ହସନ୍ତି । ଦିଶେ ଯଥା ଦର୍ପକ ଦର୍ପଣେ ଥିଲେ ମାଜି । ଶୃଙ୍ଗି କୁମର କାତର । ଲେଖି ଆରମ୍ଭିଲା ବସି ବନସ୍ଥ ପତର । ୧ । ଜାନକୀ ବଲ୍ଲଭ ପଦ୍ମପାଦେ ଚିତ୍ତ ଥୁଇ । ରାଜସୁତା ପ୍ରୀତି କଉଶଳକୁ ଚିଠାଉ । ଏବେ ମରୁଅଛି ଝୁରି । ଦରିଦ୍ର ରତନ ପାଇ ହରାଇଲା ପରି । ୨ । ତୁ ମୋ ପ୍ରତିଚକ୍ଷୁ ଯେଣୁ ହୋଇଛୁ ଅନ୍ତର । ଦିଶୁ ନାହିଁ କିଛି କାହିଁ ଆନ ପ୍ରତିକାର । ନୂଆ ଅନ୍ଧ ପ୍ରାୟେ ହୋଇ । ଅନୁକ୍ଷଣେ ଆକୁଳ ବଡ଼ୁଛି ପ୍ରାଣସହି । ୩ । ଦୂରେ ଥିଲେ ପାଶେ ଅଛି ଏହା ଥିବୁ ଘେନି । କେତେ ଦୂରେ ଚନ୍ଦ୍ର କେତେ ଦୂରେ କୁମୁଦିନୀ । ପ୍ରୀତି ଅଭେଦ ତାଙ୍କର । ଯେତେ ଦୂରେ ଥିଲେ ଯେ ଯାହାର ସେ ତାହାର । ୪ । ଯେତେ ଦୂରେ ଯବ ପଡିଥିଲେ ରନିଗାନା । ଚହ୍ନା କି ନୁହଇ ଆନେ ତୃଷ ନାମ ବିନା । ବନ୍ଧୁ ତେମନ୍ତ ମୁଁ ତୋର । ସବୁଠାରେ ଖୁଜାଉଛି ସୁନ୍ଦରୀ-କୋଯୁର । ୫ । ଯେଣେ ଅନାଇଲେ ଇନ୍ଦ୍ରଜାଲ ପ୍ରାୟେ ଦିଶୁ । ମୁକର ବିମ୍ବ ପରାୟେ ପାଶକୁ ନ ଆସୁ । ଏତେ ହଠ କାହିଁ ପାଇଁ । ମୋହ ଜାଣିବାରେ ମୁଁ ତ ଦୋଷ କରି ନାହିଁ । ୬ । ରବିକର ନଗ୍ନ ଉଲ ପରାୟେ ମେରୁକୁ । ମୋ ମନ ନ ଗୁଡ଼େ ତୋ ପୃଥୁଳ ଉରଜକୁ । ଶିବେ ଆଶ୍ରେ କରି ବୃଷ । ଘାସ ଗ୍ରାସ ପ୍ରାୟେତ ନ ଗଲା ମୋର କ୍ଲେଶ । ୭ । ତୋ ପ୍ରୀତିରେ ଦ୍ରବେ କାମ ବିଶିଖକୁ ସହି । ବଧୂଶିଳା ପ୍ରାୟେକ ହୋଇଲା ମୋର ଦେହି । ମନ ଲୌହ ହୋଇଥିଲା । ତୋ ଚୁମ୍ବି-ଚୁମ୍ବକ ବେଳେ ହୃଦୁଁ କାଢ଼ି ନେଲା । ୮ । ବିଦଗଧ ଶାମୁକରେ ଜଳ ଦେଲା ପ୍ରାୟେ । ସନ୍ତାପିତ ହେଉଛି ବିରହ ଯୋଗୁ କାୟେ । ଚନ୍ଦନାଦି

ଉପଗ୍ୱର । ହେଉଛି ଚପଳ ଲୋଡି ଜମ୍ୱାଳ ପ୍ରକାର ।୯। ବନ୍ଧାରଙ୍କୁ ଉପଶ୍ୱର ମାନ ମନୋହାରୀ । ପଲ୍ଲବଶଯ୍ୟାର ଯେତେ ବଅର୍ଥରେ କର । ଏବେ ଅନୁଭବ ହେଲା । ଗ୍ରହରେ ମଙ୍ଗଳ ପଦ ଯେମନ୍ତ ରହିଲା । ୧୦ । ବୃଦ୍ଧି ନଦୀ ତଟ ତରୁ ପରାପ୍ରେ ଜୀବନ । ସନ୍ଦେହ ପଡ଼ୁଛି ଏଥିଁ ତରିବ କେସନ । ରାହୁ ଦଶା ପ୍ରାପ୍ୟେ ମୋର, ସୁଧାପାନ ଉଣ୍ଡାରୁ ଛେଦନ ହେଲା ଶିର । ୧୧ । ଚନ୍ଦ୍ରକୁ ଚକୋର ଜଳଧରକୁ ଗ୍ୱତକ । ପ୍ରାପ୍ୟେ ତୋତେ କରିଥାଇଁ ମୁଁ ଆଶା ଅନେକ । ଧାତା ନଟକାର ପରି, ଦେଖାଇ ତ ହରିନେଲା କନକ ଗଛଶ୍ରୀ । ୧୨ । ସ୍ୱପନ ସମ୍ପତ୍ତି ପ୍ରାପ୍ୟେ ହେଲା ତୋ ସଙ୍ଗତି । କି କରିବ ପ୍ରିୟତମା ରସିକା ଯୁବତୀ । ଚନ୍ଦ୍ର ନଶିପ୍ରାପ୍ୟେ ହୋଇ । ଏ ବରଷା କାହିଁ ଥିଲା ତୋହ ମୋହ ପାଇଁ । ୧୩ । ବାହାର ଅତି କଠିନ ଭିତର ସରସ ନାଗରୀ ହୃଦୟ ନାରିକେଳର ସଦୃଶ । ଆଲିଙ୍ଗନେ କୃପା ବଟେଶ । ଜାଣିଥିଲି ଆନ ହେଲା ବିଛେଦୁ ଏବେ ସେ । ୧୦ । ଏତେକାଳେ କାଲୁଁ ନାହିଁ ପତ୍ରିକା ପ୍ରଦାନ । ଦୂତ ପେଶି ଥରେ ହେଲେ ନ ସନ୍ତୋଷୁ ଧନ । ସବୁ ସେହି ହୃଦ ତୋର । ରସାଳ ପରାପ୍ୟେ କି ହୋଇଲା ଗ୍ରାମାକର ॥ ଛାଇ ପ୍ରାପ୍ୟେ ପାଶେ ଲାଗିଥାଇ ଅନୁକ୍ଷଣେ ଆଜ୍ଞାକାରୀ ପ୍ରାପ୍ୟେ ପୁଣି ତୋ ଅନୁସରଣେ । ନୀର କ୍ଷୀର ପ୍ରାପ୍ୟେ ପ୍ରୀତି କଦମ୍ବ ପରାପ୍ୟେ ହେଲା ବିଛେଦ ବିପତ୍ତି । ୧୬ । ମନ୍ତ୍ରପ୍ରାପ୍ୟେ କରି ଚତ୍ତେ ଧରି ହୋଏ ଘୋଷି । କେଉଁ ଦିନ ପୁହାଇବି ତୋ ସଙ୍ଗତେ ନଶୀ । ପଣ୍ଟୁ ରୂପ ହେଲା ମୋର । ଏଣେ କଳହାନ୍ତରିତା ନାରୀ ପରକାର । ୧୭ । ଭାରତୀ ପରାପ୍ୟେ ଗୁଣବତୀ ତୁ ଯୁବତୀ । ଅଧିକ କିସ ଲେଖିବି ଜଣାଣ ବିନତି । ଅପରାଧ ହେଲେ ଦାସ । ନକଟେ ପ୍ରାଣକୁ ଯିବ କ୍ଷମାକର ଦୋଷ । ୧୮ । ଏତେ ଲେଖି ଦୂତ କରେ ଦେଇଣ ପେଷିଲା । କୁରରୀ ପରାଏ ଚିନ୍ତା—ବିପତ୍ତି ଦହିଲା । ତହିଁ କେତେଦିନ ଶେଷ । ବାଳା ପାଶେ ଦୂତ କଲା ଚିଠାଉ ପ୍ରବେଶ ।

ମୂଢ ଲଭି ମୂଢକୁ ଯେହ୍ନେ କାନ୍ତା କରେ । ଜନ୍ମ ଅନ୍ଧ ନେତ୍ର ଦାନ ପାଇଲି ପ୍ରକାରେ । ମଦନକଦ୍ଧ ପ୍ରାୟେ କରି । ଫେଡ଼ି ପଢ଼ି ଆରମ୍ଭିଲି ବିସ୍ମିତ ବିସ୍ମିତ । ପ୍ରତ୍ୟକ୍ଷେ କନ୍ଦର୍ପ ସୁନ୍ଦର ନୃପବର ସୁତ । ଚନ୍ଦ୍ରପ୍ରାୟେ ହୋଇ ତୁମ୍ଭ ଶ୍ୱାରନ୍ତ ବିଖ୍ୟାତ । ତୋଷକର ସର୍ବମନ । ପଦ୍ମମା ପରି ପ୍ରକାଶ ଗୁମାର ମଳିନ । ୧୨ । ପ୍ରାଣ ପ୍ରାୟେ କରି ଯେଣ ଥାଇଛି ଯାହାକୁ । ଗୁଡ଼ି ନକ ପ୍ରସ୍ତୁତ କସନ ପ୍ରାୟେ ତାକୁ । କେବେ ନ ଗୁଡିବ ଆଶ । ଅନଳେ ପତଙ୍ଗ ପ୍ରାୟେ ହେଲେ ହେବ ନାଶ ॥ ମହନ୍ତ ଲୋକମାନଙ୍କ ଉପର କେଶ୍ୱର । କରିବାର କଥା ନକ ଜଗତେ ସୁନ୍ଦର । ଆହେ ରସିକ ରତନ । ଜୂତ ବଣ୍ଟକ ପ୍ରାୟେ ପ୍ରୀତି କଲି ଆନ ।୧୩। ବନ୍ଧନ ବଣିଜ ପ୍ରାୟେ ମୋର ଆଶା ଥିଲି । ବିଚ୍ଛେଦ ପ୍ରଚଣ୍ଡ ବାତ ପ୍ରାୟେ ନାଶଗଲା । କଷ୍ଟି ବୁଦ୍ଧି ନ ଦିଶଇ । ଅନ୍ଧକାର ପ୍ରାୟେ ଚିନ୍ତା ନରକେ ଗ୍ରାସଇ ।୧୪। ରତ୍ନହୀନ ବଣିକ ପରାୟେ ହୋଇ ମାରି । ହୃଦ ଯେ ଭେଦ କରୁଛି ନିରନ୍ତରେ ଶର । ବିରହ ତ ସର୍ପ ପରି । ତୁମ୍ଭ ରସ ଗଦ ପ୍ରାୟେ ଏଥି ପାରେ ତାରି ॥ ଦାସୀ ପ୍ରାୟେ ମୁହିଁ ମୋରେ କାହିଁକି ନିରାଶ । ବରୁର ତ କାହାକୁ ହୋଇବ ଅପଯଶ । ଯେଣ ଛଇଳ ମୁକୁଟ । ଅକ୍ଷକ୍ରୀଡ଼ା ପ୍ରାୟେ ଏବେ ପ୍ରକାଶ କପଟ । ୧୬ । ରାମ ଆଉ ସୀତା ଯଥା ବାସିତ ଗ୍ରହଣେ । ତୁମ୍ଭେ ଆଉ ମୁଁ କେମନ୍ତ ହେଲୁ ଫୁଲବାଣେ । ଲଜ୍ଜା ହେଉଛି କାହାକୁ । ଚେତାଇବାର ଅଭ୍ୟାସ ସିନା ମୋ ନାହାକୁ ॥ କେଶ କାଳେ ମୁକୁର ପରାୟେ ଆଗେ ଅଛି । ବସନ ପ୍ରାୟେ ଶ୍ରୀଅଙ୍ଗେ ନିରତେ ଲାଗିଛି । ମୁଁ ଯେ ସେବକ୍ଷ ପ୍ରକାରେ । ବସିଅଛି ପାଦ ତଳେ ଶୟନ କାଳରେ ॥ ଅଧିକ କିସ ଲେଖିବ ତୁମ୍ଭେ ତ ବିବେକ । ସ୍ଫଟିକ ପରାୟେ ଏକା ନୋହିବ ରସିକ । ପଢ଼ି କୁମାର ସନ୍ତୋଷ । ସେହିକ୍ଷଣି ଦୂତ ସଙ୍ଗେ ଗଲ୍ଲା ପ୍ରବାସ । ୧୯ । ପୁରେ ପ୍ରବେଶି

ବଦେଶୀ ପ୍ରିୟା ପାଶେ ବସି । ମନୋରମ ଗୁଷ୍ଟ ପଷ୍ଟ ବଚନ ପ୍ରକାଶି ଉପଇନ୍ଦ୍ର ଖାରବର । କହେ ଏ କାଳେ ଉତ୍ସବ ତ୍ରିଭୁବନେ ସାର ॥

—ଚନ୍ଦ୍ରକଳା—

ସପ୍ତମ ଛାନ୍ଦ

ରାଗ—କଲ୍ୟାଣ ଆହାରୀ

ଚନ୍ଦ୍ରକଳାର କୈଶୋର ଲୀଳା

ଅଥ ବଚକ୍ଷଣେ ଯେନତ ଇକ୍ଷଣେ, ପିଇବା ପର ଜେମା ଶିଶୁ । ସେ ମୃଦୁକଳପ, ମୋହନା ଅଳପ, ହୋଇ ଆସିବାରୁ କଶୋଶୁ । ପ୍ରତିମା । ପ୍ରତି ମୁହୂର୍ତ୍ତେ ଆନ ଆନ । ଯେଉଁରୂପେ ଉପମାପୁ ଭଜେ ରୂପ ଦାହଦାହକେ ବାନବାନ । ୧ । ବରଅଁ ବନ୍ଧାଣୀ ଦେଲ କ ଇସାଣି ହାଟକ ହଟ ପିଭୁଳାକୁ । ନ ଦେଖିଲେ ଜନେ, ଜଗତେ ନୟନେ, ତା ନଖାଗ୍ରକାନ୍ତି ଭୁଲାକୁ । ସଦମା । ଯେନ ସେ ଉରୁ ବର୍ତ୍ତୁଳାକୁ । ଯୋଗ୍ୟ ନୋହେ ଯେନ, ନ କଲେ ସଜମ୍ମ, ପାହାଡ଼ାହଂସୁଲ ଭୁଲାକୁ । ୨ । ଅମ୍ୟାମ ଗହନ, ଗଜ ଅଭିମାନ, ଛୁଇଁ ଆସିଲା ଗମନକୁ । ଶିଶୁସଖୀମାଳା, ଆଚରିବା ଖେଳା, ଯୋଗାଇଲା ନାହିଁ ମନକୁ । ଆନକୁ । କପଟ ନୋହିଲା ନଜର । ଅନ୍ୟରତ ରସ, ପ୍ରସଙ୍ଗେ ମାନସ, ହୋଇ ଆସିଲା ଜରଜର । ୩ । ଦରସ୍ଫୁଟ ମଲ୍ଲୀହାସି କୁରୁବଲ୍ଲୀ, ଖେଳବା ଖୁରଳ ଶିଖିଲା । ଅସିତ ଭୁଜଙ୍ଗୀ, ସୃଷ୍ଟିଖେଳା ଭଙ୍ଗୀ; ଅହଙ୍କାର ସାର ଶୁଖିଲା । ଆଳାପ । ମଧ୍ୟ ମଧ୍ୟରେ ନାସାପୁଟ । ଫୁଲ ଉଠିବାରୁ ବତାଇଲା ଗୁରୁ ହୋଇ ସ୍ୱମନ୍ତ୍ରନକୁ ନାଟ । ୪ । ଜେମ କାନ୍ତି ଝଳ, ଖୁଣ୍ଟି ନ ସମ୍ଭାଳି; ମନୁ ଜାତ ପ୍ରେମପ୍ରବାହ । ସଜମ୍ମ କେବଳ, ସଜ ମାଳୋପ୍ତଳ, ମଣ୍ଡିବାରେ କରେ ଉତ୍ସାହ । କପୋଳ । ଚୁମ୍ବି କଳୋପ୍ତଳ ଖୋସିଲା । ମୁକୁର କଦମ୍ବ, କଳ ପ୍ରତିବିମ୍ବ । ପରି ଦନ୍ତୁରିତ

ଦିଶିଲା । ୫ । କନ୍ଦର୍ପ ମାଧୁରୀ, ବିଶେଷରୁ ଗୋରୀ ମୁଖ ସୁଧାକର କର୍ଷିଲା । ଝଲକ ମୁକୁତା, ଝଲ ଦନ୍ତକୁ ତା' ନୟନ ଖଞ୍ଜନ ଧର୍ଷିଲା । ନରେଶ । ପ୍ରବନ୍ଧପଟଳକ ॥ ଅନାଇଲା ହସି, ସମାନ ବୟସୀ, ମନ ଅନୁରୂପ ଆଳୀଙ୍କ । ୬ । ସେ କାଳେ ସେ ଗୁରୁଜନ ଯେବେ ଦୂରୁ, ଲୋଚନ ଗୋଚର ହୋଇଲା । ଉଦାସୀନ ଲୀଳା ପ୍ରବାହରେ ବାଳା, ତା ଶଙ୍କା-ପଙ୍କକୁ ଧୋଇଲା । ନଜକେ । ହେବ କି କୁସୁମଉତ୍ସବ । ଆଗୁଁ ରତିବର, ଦେଲା ରତିବର ତଳକରୁ ହୃଦେ ଉଦ୍‌ବେଗ । ୭ । ଚୁମ୍ବିଲା ଉମ୍ବରୁ ଡମ୍ବରୁକୁସରୁ ,ଶିରୀଧରି ମଧ ପ୍ରବେଶ । ହେଲ ନତମ୍ବରୁ ନଧୁବନ ଗୁରୁ ବିଜୟୁତିଶ୍ରିମ ଆଶ୍ରସ । ତାଦୃଶ । ସ୍ପଷ୍ଟ ନୋହିଲେହେଁ · ନିବଳୀ । ଭବ ଗର୍ଭ ଦରହାସୀର ଉଦର ଶୋଭା ସଂସାରୁ ଗଲା ବଳି । ଦ୍ରବ୍ୟ ବିନା ଗ୍ରୀୟା ବଳସିବା ମାୟା, ଜେମା ଉଦରେ ଉଲ୍ଲାସିଲା । ରୋମରାଜ ବ୍ୟାଜ, କଳା ନାଗରାଜ, ଶିଶୁପରି ଦିଶିଲା । ଗୂଳର୍ବା । ବେଳେ ଗ୍ରୀଇକ ଅନାଇଲା । କେଶ ହେବା ମନ ନ ପ୍ରକାଶି ଧନ କୁସୁମଭୂଷା ବନାଇଲା । ୯ । ବାଳା ବର ଉରସ୍ଥଳ ପଞ୍ଚଶର ସାଧନ ଆଖେଟ ମହୀକ । ଦ୍ରୋଣ ତୁଲ୍ୟ ଗୁରୁ କରିବା ବିଚାରୁ ଅତିଯତ୍ନେ ଆଣି ତହିଁକ । ଥାପିଲା । ଦ୍ରୋଣ ଭଇରବ ଦୁହିଙ୍କି । ଆଗୁ ପଡ଼ିଥିବା ମେରୁ ବୀଜଅବା ଅଙ୍କୁରିତ ହେଲା ନାହିଁକ । ୧୦ । ଫିଟିଲେ ପ୍ରଲମ୍ବ କୁନ୍ତଳ ନତମ୍ବ ଲଙ୍ଘି ଦିଶିଲା କି ବହଳ । ତା ଅଙ୍ଗ ଅମରଲତାର କି ମରକତ ମଣିମୟ ଓହଳ । ଲାବଣ୍ୟ । ରମାର କେତକୀ ପ୍ରଭା ସେ । ଧୂଳି ବିନା ଦେଖି ସୁଖୀ ହୋଇ ଲଖିଅଛୁ କି ଭୃଙ୍ଗାଳ ଆଶ୍ରସେ । ୧୧ । ନିଧାଟି କଙ୍କିଣୀ ବିଦାବିକ ମଣି କଠାଉ ଲାଗି ରୁଳରୁକ । ମାନିଲା ଜାଣିଲା ସ୍ନେହରେ ଦେହରେ ଜମାଇ ବୟସ୍ୟାଙ୍କୁ ଯାକ । ସୁନ୍ଦର । ଶିଶୁଙ୍କ ଗଣ୍ଡରେ ଚୁମ୍ବିଲା । ଗୃହିଁଲେ ସ୍ୱରଗେ ଯେଉଁ ଅଙ୍ଗ ଲାଗେ ନିଜ ମୁଖୀ ପ୍ରତିବିମ୍ବିଲା । ୧୨ । ସୀତା

ସୀତାଧବ ମାଳତୀମାଧବ ଶ୍ରୀମ ଜାତ ଧବ ଚରିତ । ରଚି ପଞ୍ଚବାଣ
ଘଟଣା ପୁରାଣ ଶ୍ରବଣେ ବଳାଇଣ ଚିତ୍ତ । ପୁଲକ । ଉଠିଲା ଶ୍ରୁଣି
ପଚିରନ୍ତ । ବନ୍ଧଯୋଗ ଶୁଣି ନେତ୍ର ଯୋଗେ ପୁଣି କଲା ବାକଲେ
ଅଶ୍ରୁଅମ୍ବୁ ॥ ରତ୍ନ ସଉଧର ମଧ୍ୟେ ପୟୋଧର ଅଙ୍କୁର ଗୃହେଁ
ହୃଷ୍ଟମନେ । ଶାଢ଼ୀ ପାଲଟିବା ଛଳେ ନବ ଜବାଧର ଦୃଷ୍ଟି ଦିଏ
ଜଘନେ । ବିପୁଳ ଉରୁ ଯୁଗଳ ନେତ୍ର ଚୁମ୍ବେ । ଫେରାଇ ବଦନ
ପୁଣି ଦୁଃଖୀଧନ ନଜର ଦିଅଇ ନିତମ୍ବେ ॥ ତରୁଣୀକି କାନ୍ତ
କରଜାଗ୍ରକ୍ଷତ କି ମନେ ଭାବି ଏହା ବାଳା । ଲେଖି କକ୍ଷାନ୍ତର
ସ୍ଥଳରେ ସିନ୍ଦୂର ଦ୍ରବରୁ ଶିଶୁ ଶଶୀକଳା । ପ୍ରମୋଦେ । ଗୃହେଁ
କାଞ୍ଚୁଲୀତଟ ଟେକି । ତହୁଁ କି ଆଲ୍ଲସି । ଫାଏ ଲକ୍ଷି ସ୍ପର୍ଶି ଉରୁଯୁଗଳ
ଦିଏ ଯାକ । ୧୫ । ପନ୍ଥୁକେ ସଜନୀ ଆସିଲାକି ଯେନ-ଚମକି ହୃଯତ
ହୋଇଲା । ଦକ୍ଷିଣ ଅଙ୍ଗ ଖୋଲା ହେଉଅଛି ରେ ଆଳୀ ବୋଲି
ଦେଲେ କୋଇଲା । ବାଳୀଶ । ଢେଙ୍କି ଆଉଜିଲା ସହ୍ରାକ ।
କୃଷ୍ଣ ରମ୍ୟମୁଖୀତ୍ରାଳେ ଲପୁ ରଖି ଅଙ୍ଗୁଳି ଠକିଲା ମହାକ । ନିରକ୍ଷର
ସଖୀ ଗିରେ ଚନ୍ଦ୍ର ମୁଖୀ ନ ରଖିଲା ଲବେ ଖାତିର । ସ୍ୱସମ ଅମଳ
ଶିରୁ ତୃଣ ବୃନ୍ଦ କୁନ୍ଦଲତା ମୁଖେ ମାତଇ । ଆକୁଳ । ଭୁନ୍ଦାଳ ଦୃଷ୍ଟି
ଖେଳାଇଲା । ଇତରଙ୍କ ଭୁଲିଲ ଇତରଙ୍କୁ ଗେଲେ ଲଗାଇ ରସେ
ଚଳାଇଲା ॥ ଅରୁଣ ଉଦୟୁ ସମୟୁ ସଦୟୁ ହୃଦୟୁ ପଦ୍ମଭୃଙ୍ଗ ଭାଜିଲା ।
ଶାଢ଼ୀକି ପାଲଟି ଝିଲି ଦନ୍ତ ପାଟି ହୀରାଙ୍କୁରରାଜି ମାଜିଲା । ବାଜିଲା
କ୍ଷଣେ ପ୍ରଥମ ନାଡ଼ୀ ଖଣ୍ଡ । ସାଜିଲା । ମାର୍ଜଣାକୁ ସେ ବିଚକ୍ଷଣା
ମାଜିଲା ମୁକୁରସ୍ପର୍ଶିଗ୍ରୀ ॥ ବହଳ ବିଚିତ୍ର ସୁପବିତ୍ର ଚିତ୍ର ଆସନେ
ରାଜିଲା ଗେଲାଇ । ଗୃହୀଁ ଆଦରସେ ଶ୍ରୀ ନୁପାଣି ପାଣେ କଳମା
କୁନ୍ତଳ ବୁଲାଇ । ଅଳକେ । ମଣ୍ଡନ ତିଳକ ଘେନିଲା । କଞ୍ଜମଞ୍ଜୀମାଳା
ଜପ ସେ କମଳାସନାକୁ ଆହ୍ୱା କି ମାନିଲା । ସୀତିଭୁଷାଟିକି
ସୀରେବ ଶାଢ଼ୀକି ମାନିଲା ମାର୍ଜଣା ଶେଷରେ । ସୀରେବସମ୍ଭବା

ପ୍ରତିବିମ୍ବ ଅବା ବିଗ୍ରହଙ୍କ ଜୀବନ୍ୟାସରେ । କିଶୋରୀ । ଦିଶିଗଲା ସେ ବିପରୀତ । ରସି ଶମ୍ଭୋଦରେ କି ଜମ୍ବୁନଦରେ ମିଶିଗଲା ସୁର ସରିତ ॥ ଜୟଦେବ କୃତି ଗଜେନ୍ଦ୍ର ବିପତ୍ତି ମୋକ୍ଷଣ ଗୋପାଙ୍ଗନା ଗୀତା । ପାଠ କରିଲାରୁ ମନ୍ଦାର ସେ ରୁରୁ ଚମତ୍କାରନୟନା ବନିତା । ତୁଳସୀ । ରୁରୁ କପିଳା ଧେନୁ ପୂଜା । ପକ୍ଷପ୍ରଦକ୍ଷିଣ ସାରି ସଦକ୍ଷିଣା ଦାନ ଦିଅଇ ନାରୀରାଜା ॥ ବଢ଼ିଲେ ଆଶିଷ ଗ୍ରହଣ କାଶୀଖ ସମାଧି ଖଣ୍ଡନା ନକଟେ । ଆଢେଣୀ ଗୃମର ଯୁଗଳ ମୟୂର ଝୁଲନ୍ତି ଯୋଗୀଜନ ଖଟେ । ଶ୍ରୀଭୁଜ । ପଇଠ ଧରି ପ୍ରିୟସହୀ । ଇଷ୍ଟଦେବ ଦରସକୁ ସୁନ୍ଦର ଚରଣ କଞ୍ଜେ ମନ୍ତ୍ରେ ମହୀ । ୨୨ । ସାରି ଦରଶନ ବଧିକ ସେ ଜନ ନୟନ ମୃଗ ବନ୍ଦୀ ପାଶୀ । ଲାବଣ୍ୟ ଖଳକ ଇଙ୍ଗେ ଜନମାଙ୍କି ଜହ୍ନାଇ ପ୍ରତିଦିନ ଆସି । ଆଶୀଷ । ତୁଲେ ଦେଲେ ଚମ୍ବ ଯୁଗଳ । ମଣୋହ୍ମ କୋଠିକୁ ଅବଧାନ ତାକୁ ନଅନ୍ତି ଆସି ବିପ୍ରଆଳୀ ॥ ମାଏ ବେଳେ ବେଳେ କବଳେ କବଳେ ସବଳେ ରୋପଣେ । ପୀୟୁଷକଳାପ କବଳ ଅଳପ ଆସନ କରାନ୍ତେ ଆପଣେ । ରୁଚି କି । ପ୍ରକଟ ନ କରି ଅତି ସେ । ସୁରଭିତ ବନେ ଚରି ଆଚମନେ ରସେ ମତ୍ତଗଜ ଗତି ସେ । ୨୪ । ଜନସ୍ମିହି ଲାଗି ଚେଳାଞ୍ଚଳେ ଯୋଗୀ ମୋହନମୁଖୀ ମୁଖ ପୋଛେ । କର୍ପୂର ବିଡ଼ିଆ କିଡ଼ିଆଳୀ ଆଳୀ ଯେନ ହାଜର ହୁଏ ପଛେ । ତାମ୍ବୁଳ । ଯୋଗେଣ ଫରମାସୀ ମାଏ । ଅନ୍ତର ହୁଅନ୍ତେ ଯେନନ୍ତି ସନ୍ତେ ଖଟିକା ଖଟଣି ବାମାଏ । ୨୫ । ଦରସ୍ପୃଷ୍ଟ ହସ ପ୍ରସଙ୍ଗ ସରସ ସମ୍ଭାଷଣେ ଷଣେ ବସଇ । କ୍ଷଣେ ପ୍ରତିଦ୍ୱନ୍ଦୀବର ଶୋଭାବନ୍ଦୀ ବାସପରି ନେନ୍ତ ଦିଶଇ । ଯହୁଁ ସେ । ଅପ୍ରତୁଳ ହୁଏ କିଶୋରୀ ॥ ଦ୍ୱିଖିପ୍ସୁ ମାଜଣା ଅବକାଶ ଜଣା ହୁଏ ଯେରନ୍ତି ପରିହାସ । ୨୬ । ବ୍ୟୋମ ଲତା ଫଳ ମାର୍ତ୍ତଣ୍ଡ ମଣ୍ଡଳ ବାସରବସନ ଦିମରେ । ପ୍ରାଚୀ ପ୍ରତୀଚୀ ସମୁଦ୍ର ଝିଣ୍ଡଅଡ଼ୁ କୁମୁଦେ ମାତନ୍ତେ

ଭ୍ରମରେ । କରେଖା ବଢ଼ାଇ ସନ୍ଧ୍ୟା ଦରଶନ । ସଙ୍ଗୀତ ସବୁ ସୁଆଏ ଶୋଭାକୁ ଏହି ଗୀତ ନନ୍ଦନ ॥ ଯାହା ପାପଲିକ ମହାପାପ ଲବନ ରଖେ ସ୍ମରଣ କ୍ଷଣରେ । ଯାହାଦର ଚନ୍ଦ୍ର ଜନଦର ଚନ୍ଦ୍ର ଚୂର୍ଣ୍ଣ କରନ୍ତ ଗାନ୍ଧଣରେ । ସେ ପ୍ରଭୁ । ଚରଣ ପଙ୍କଜ ଯୁଗଳେ । ଜଳନ୍ଧର ଭୂପ ମାନସ ମଧୁପ ମରନ୍ଦପନେ ଲୋଭେ ମିଳେ ॥ ଊନବିଂଶ ପଦ କଳିତ ଏ ସୁନ୍ଦ ନାମ କୁମାର କଉତୁକ । କୁମାର ବଳୟ ହୃଦକୁ ବଳୟ ଅଖଣ୍ଡ ମଣ୍ଡଳ ମୃଗାଙ୍କ । ନୃପତ । ଯୁବକ ଗୀତ ଆଦର । ମୁରୁଖ ତରୁଣୀଗଣ ହେବେ ଗୁଣ ମନେ କଲେ ଏହା ସ୍ମରଣ । ୨୯ ।

ରସପଞ୍ଚକ

—ରକାର ଢ଼ଗ—

ଦଶ ଢ଼ଗ—ବୃତ୍ତେ

ନାୟକ—ରମାକୁ ସୁହିଁ । କେ ବନୟେ କହ ରଖିଥାଇ ଆସ ମୁଁ
ଛୋଡ଼ ଚହିଁ । ରଖିଲେ ରଖ । ହେଲ ନରେଖ । ରହି
ଅନାଇଲେ ପଳାଉ ଦୁଃଖ । ରୂପକୁ ଦେଖି । ନ ଟଳେ
ଆଖି । ରତ୍ନ ଧନେ କଣ ଚନ୍ଦ୍ରମା ମୁଖୀ । ୧ ।

ନାୟିକା—ରଷିଲ ହୋଇ । କୋପିମା କହି । ରସିକ ହେଲୁ କେତେ
ହେଲ ବାଇ । ରହ ନବଣି । ଦୁର୍ଜ୍ଜନ ପତ । ରସୁ ତ
ତଇଲେ ମକ୍ଷିକା ମତ । ରଚନ ଲୋଭେ । ଶରଧନୁ ପୂର୍ବେ
ରସି ମନ ପ୍ରାପ୍ୟେ ତୁ ଏବେ ଏବେ । ୨ ।

ନାୟକ—ରସିକବର । କଲ ଉତ୍ତର । ରଖନା କୋଧ ମୁଁ ଧରୁଛି
କର । ରହୁ ସେନେହ । ପଦ୍ମ ଫୁଲହିଁ । ରସଇ କ ନାହିଁ
ଭ୍ରମର ସୁହିଁ । ରଞ୍ଜେ ଚକୋର । ଚନ୍ଦ୍ରମା କର ରୁଚେ
ତାକୁ ଅଗ୍ନି କଣା ଆହାର । ୩ ।

ନାୟିକା—ଗୁଣିଗଣୀ ଭଣି । କେ ଛୁଇଁବ ପୁଣି । ରନ୍ଧ୍ର କରୁଛୁ କାହା ଶିରୋମଣି । ରସି ପତଙ୍ଗ । ଅନଙ୍ଗ ସଙ୍ଗ । ରହଇ କ ଭସ୍ମ ନୋହି ତା ଅଙ୍ଗ । ଘଇ ମୁଁ ସଖି । ଦେଇଛି କହି । ରହୁ ନା ପଛେ ପୁରୁଷ ମରଇ । ୪ ।

ନାୟକ—ରସିକ ସ୍ୱଭାବେ । କାହାକୁ ରସେ । ରହିଥିବ କେତେ ଦିନ ବୟସେ । ରୂପରେ ଭଲ । କେତକୀଫୁଲ । ରମଇତ ନାହିଁ ଭ୍ରମର ଭୁଲ । ୫ ।

ନାୟିକା—ରସିକାବର । କହିଲ ଧିର । ରଖିଛୁ କଣ୍ଟକ ସ୍ୱଭାବ ଗୁହାର । ଭଡ ସାହସ । ନ ଲଭେ ପାଶ । ଭ୍ରମରର ନୋହେ କେତକୀ ଦୋଷ । ୬ ।

ନାୟିକା—ରମଣୀ କେହି । ପୁରୁଷେ କହି । ରଙ୍ଗେ ମୋତେ ତୁମେ ଗୃହିଁ କ ନାହିଁ । ଘତରୁ ଜଣା । ପ୍ରୀତିଲକ୍ଷଣ । ରହିନୋହେ ଘରର ଯାଇ ଗଞ୍ଜଣା । ୭ ।

ରସିକ—ରସିକ ସ୍ୱଭାବେ । ନଖ ସଦୃଶେ । ରସିଲ ମନଙ୍କ ଲେଉଟି ଆସେ । ରସିକା ଯେବେ । ସୁନା ଦହନ । ରଖିଲେ ଅଧିକ ବଢ଼ଇ ବାନ । ୮ ।

ନାୟିକା—ରସିକା କେହି । ସ୍ୱଂସେ ଜଣାଇ । ରହ ଏନାକେତେ ନବର୍ତ୍ତି ହୋଇ । ଗୁଡିରେ ନତ । ଦୃଷ୍ଟେ ଜଗନ୍ତୁ । ରହି ଥାଉ ପ୍ରାଣ କ ଦେବ ପ୍ରୀତି । ୯ ।

ନାୟକ—ରସେ କହଇ । ନାଗର ତହିଁ । ଗୁଡିଏ ମୁର୍ଚ୍ଛି ନ ପାରିବ ମୁହିଁ । ରତିରୁ ହତ । ପକ୍ଷୀ କପୋତ । ରହୁ ତାର ପର ମୋର ଚରିତ । ୧୦ ।

ରହରେ ଦୃଷ୍ଟି । ନବ ଯୁବକ୍ଷ । ରଙ୍ଗେ ରସେ କୁହାକୁହି ହୁଅନ୍ତି ।

ଦୂତୀ—ରତି ମାଗଇ ଦେବୁ କି ସତ୍ୟ । ରସିକ ହୋଇଛୁ କେଉଁଠାରେ ବାଇ ।

ନାୟିକା—ରମଣିମଣି । ମୁଁ ନବ ତରୁଣୀ । ରତି ହୋଇ କିସ କେ ତାହା ଜାଣି ।

ଦୂତୀ—ରତନହାର । ଯେ ଇଚ୍ଛା ତୋର । ରଖ ଆଣିଦେବ ସମ୍ମତି କର ।

ନାୟିକା—ରଖ ସେନେହ । ଆଉ ନ କହ । ସବଣ ଭଉଣୀପରାଏ ମୁହ । ୧୨ ।

ନାୟକ—ରସିକ ଜଣେ । କାହାକୁ ଭଣେ ରତିଲେ ଦୟା ମୁଁ ଯାନ୍ତ ଗହଣେ । ରୂପେ ତୋହର । ନେତ୍ର ମୋହର । ରହେ ଜଡ଼ି ଲୌହେ ଚୁମ୍ବକ ପର । ୧୩ ।

ନାୟିକା—ରହସ୍ୟ ଗିର । ଶୁଣି କାତର । ରଖିଲ କେଣେ ଥିର କେତେ କର । ରଚେ ଭାରଣୀ । ଏତିକ ଭ୍ରାନ୍ତ । ରଖେ ନାହିଁ ଭୃଙ୍ଗ ମାଳତୀ ପ୍ରୀତି । ଋତୁ ବସନ୍ତେ । ଯୁବା ଚରିତେ ରଟେ ବାରବର ଢ଼ଙ୍ଗ ସୁଚତେ । ୧୪ ।

ସକାର ଢ଼ଗ

ବେଶ୍ୟା ପ୍ରଶଂସା

ସିହାଣେ ହସି । ସିଖାକୁ ଭସି । ସ୍ୱର୍ଗ ଅଳଙ୍କାର ଗଣିକା ଗଣି ।୧।
ସଙ୍ଗ ବେଶ୍ୟାର । ନାହିଁ ଯାହାର । ସେ ରସ ନ ଜାଣେ ପଶୁଗୁଆଁର
ସୁରସମସ୍ତି । କରଣ ବସ୍ତି । ସମ୍ଭବ କରିଛୁ ଗଣିକା ମନ୍ତ୍ର । ୩ ।
ସବୁ ପ୍ରକାର । ମନରେ କର । ସାର ଷଡ଼ରସେ ଯଥା ମଧୁର ।୪।
ସଙ୍ଗୀତ ଜାଣି । ପଣ୍ଡିତା ମଣି । ସେ କହ ପାରନ୍ତି ପୀରତିବାଣୀ ।୫।
ସନ୍ନିଧେ ଥାଉ । କହେ ଅନାଉ । ସୁମତିରେ କଛି ନପଡ଼େ ଆଉ ॥

ବେଶ୍ୟା ନିନ୍ଦା

ସଖୀକୁ କହି । ପୁରୁଷେ ଚହିଁ । ସାମାନ୍ୟ ବନିତା କହନ୍ତି ନୁହଇ ॥ ସୁପ୍ରୀତି ହୀନା । ଧନ ଅଧୀନା । ସେଥିରୁ କି କାର୍ଯ୍ୟ ବସ୍ତୁର ଜନା ॥ ସ୍ୱରୂପ ଗୁଢ଼ । କୁରୂପ ନେଢ଼ । ସାନ ବଡ଼ ନାହିଁ ମୂଲେ କଉଡ଼ି ॥ ସନ୍ନିଧେ ଯେହୁ । ପ୍ରବେଶ ହୋଇ । ସେ ଘଡ଼ିକ ସେହି ତାର ବୋଲଇ ॥ ସରିଗଲେ ଧନ । ନ ପଡ଼େ ମନ । ଶୁଣି କହେ ନା ନା ଭର୍ତ୍ସନାମାନ । ୧୧ ।

—ବ୍ରଜ ବିହାର—

ଊନବିଂଶ ଛାନ୍ଦ

ରାଗ—ଶ୍ରେଣି ଶଙ୍ଖଳା

ଶୁଣସିରେ ପ୍ରିୟତମା ତମାଲକେଶୀ ସୁଷମା ସମାନ କେ ଅଛୁ ବୋଲି କରୁଛୁ ମାନ । ମାନ ମୋର ବଳ ବଳ ବଳଶୋଭମା କୁଶଳୀ ଶଳୀ ହେଲୁ ପ୍ରାଣ ତୋହ ଦେବ ନିଦାନ । ଦାନ କର ଚୁମ୍ବନକର । କରକ ରଦନା ତୋର ଧରୁଛୁ କର ॥ କରଜେ ମସ୍ତି ବଦାରୁ ଦାରୁଣ ଖଣ୍ଡିକ କରୁ କରୁଣା ଜଳଧି ତୋର ଏ କି ଉଚିତ । ଶତ୍ରୁ ଦହୁଅଛୁ ସ୍ମର ସ୍ମରଗତ କେଳିସାର ସାରସଲୋଚନା ତୋର ନୋହେ ବିହିତ । ହିତକାରୀ କେବା ତୋ ପରି । ପରସ୍ପର ଦୋଷକୁ କି ମନରେ କରି । ୨ ।

କେଶରୀ ବରଗମନା ମନାକ ମାନକ ଅନା ଅନାୟୁତ କଲଣି ଯେ କୁସୁମଶର । ସରସ ବଚନେ ଭାଷି ଭାଷିଲୁଟି ନଟେଷ୍ଟ ଆସି ଆସି ମାନ କରି ଅଙ୍ଗେ ବିନ୍ଧିଲୁ ଶର । ଶରଣ ତୁ ରଖ ଅବଳା । କଳାହକକେଶୀ ତୁ ମୋ ନେହ ପିତୁଳା । ତୁଳାରେ ଅଗ୍ନି ସମାନ ମାନସ ହୋଇ ଧ୍ୱଂସନ ସନମତ କରୁଅଛୁ ଏତେ ନରାଶ । ରସରେ ମୋ କୋଳେ ବସେ ବସନ ବିନୁ ଆଶ୍ଳେଷ ଶ୍ଳେଷବଚନା ଏ କ୍ଳେଶ ହେଲୁ ବିଶେଷ । ସେ ସବୁ ଦେଣିକି ଗଲୁ ।

ଗଳାମାଳ କରିଥାଉ ପରି ସୁଶୀଳା ।୬। ଶୀଳା ସିମ କରି ମନ
ମନ ବଳୁ ଧରି ଘନ ଘନକେଶୀଙ୍କ କେ ଭୁବ ହୋଇଲୁ ଭୁନ ।
ଭୁ ନଷ୍ଟେ ଏ ଅନାଦର ତରକଣ୍ଠୀ କଲେ ଅରି ଆରିଚରୁ ଇଙ୍ଗିତ
କେ କହ ପ୍ରମାଣି । ମାଣିକ୍ୟ ରଦନା ତୋର ମୁଁ । ରମୁନାହିଁ କମ୍ପା
ମୁଁ ତୋ ଦାସ ଜନମୁଁ ।୭। ନମୁଛୁ ପାଦେ ରମଣୀମଣି
ରତିରେ କଙ୍କିଣୀ କଣି କଣି ନାଦେ କଣି ରଖ ଜୀବନ ।
ବନଜନୟନୀ ପରି ପରାଣ କନ୍ଦୁକେ ଧରି ଧରାଅ ନା କାହା
ହାତେ ହୋଇ ମଉନ । ଉନ୍ନତ ଉରଜା ଏ ରୀତି । ନିତି
କହୁଥାଉ ପରି ଭୁ ମୋର ଗତି । ଗତିବଚନା ପୀରତି ରତିଏ ଆନ
ଯୁବତୀ ବତିଶବ୍ଦି ଗୁଣ କେଳିକୁଶଳା ହେଲେ । ହେଲେ କାହିଁ ତୋ
ଇନ୍ଦୁକ ଦୃକ ଭାଙ୍ଗମା ଛଟକ ଠଙ୍କଧରି ଦେଖି ଲେଖା ହେବେ
ଚଞ୍ଚଳେ । ଚଳେ ଯେଉଁ ଆଣେ ଭ୍ରୁବଲ୍ଲୀ । ବଲ୍ଲୀ ହାରିଯାଇ
ସିନା ଶୁଣରେ ବାଳୀ ।୮। ବାଳୀଶ ସ୍ୱର ଉଦ୍ଦଣ୍ଡ ଦଣ୍ଡକରେ
ଫୁଲକାଣ୍ଡ କାଣ୍ଡରେ ସ୍ନେହ ମଣ୍ଡିଲଣି ତନୁ ଧରଣୀ । ତରଣୀ ବଳା
ଶରଦ ବଦନ ଠେକ ସମ୍ବାଦ ପାଦ ପରିସରେ କୋପୀ ନୁହ
ତରୁଣୀ । ଭଣ ନୁହ ଦାସ ସେବାରେ । ବାରେ ଅନୁକମ୍ପା ବିନ୍ଦୁ
କର ଦାସରେ । ଶରେ କ ମୋତେ ଈକ୍ଷଣ କ୍ଷଣଦାପତି ଆନନ
ଆନତ କର ଏତେକ ମାଗୁଛୁ ତୋତେ । ତୋତେ ଯେ ସ୍ନେହ
ସରିଗ ରିଗରେ ଖଣ୍ଡିଲୁ ଆଗ ଆଗ ଅବଧାନ ଗଲା ତୋର
ପୁରତେ । ରତେ ମତେ କଣୁ ଛୁ ବନ୍ଦ । ବନ୍ଦୁକ ଅଧରି ଭୁ ମୋ
କରୁଣାସିନ୍ଧୁ ।୯। ସିନ୍ଦୁରଗତି ଚତୁରୀ ଭୁରତେ କୋପ ସଂହରି
ହରିଣନୟନ କୋଣେ ଅନାଉ କନା । କ ନାଶ କଲ ବହିରି
ଗଜଦନ୍ତୀ କୋପରି ପରମପଦ ହୋଇଲା ଏ କ ସର୍ଜନା ।
ଜନାପବାଦ ଏ ପ୍ରସରୁ । ସରୁମଧ୍ୟା ତନୁ ପ୍ରାଣ ପିଣ୍ଡୁ ନ ଧରୁ
।୧୦। ଧରୁ ଉନ୍ନତସ୍ତନମାରି ମାରିସମସ୍ତ ହେବାରି ବାରି ବାରି

ଆସିବାର ପ୍ରହାର ସମ । ସମସ୍ତ ପ୍ରକାରେ ତୁହି ତୁ ହୀନକରଣ ମୁହିଁ ମୁଁ ହୀନକରମ କର୍ମୀ ହେବ ଉତ୍ତମ । ତମ କଲେ କ ରଖୁ ମହୀ ମହିଳା ରତନ ଧନ ମୋ ପ୍ରାଣସଖୀ । ସବୁ ଦୋଷ ଦୁଃଖ ତୋଷ ତୋ ଶରଣ ଜନେ ରସ ରସବର୍ଣ୍ଣ ପଶ ଦଶଦଶେ ଦିଶିବ । ଶିବ ସମାଧି ଭଞ୍ଜନୀ ଜନନ୍ତ ଚାପ ରଞ୍ଜନୀ ଜନତା-ରତନ କେତେ ପ୍ରଶଂସା ହେବ । ହେ ବରନ ଉଦ୍ଧର ଧର । ଧର ଅପୂରୁବ ଦିଅ ସୁଧା ମଧୁର ।୧୨। ଧୂରନ୍ଧର ବୀର ମାର ମାରଇ ଏଣୁ କାତର ତରକୁ ଭଜିଲ ଏ ତୋ ସଙ୍ଗ ନବୀନା । ବିନାଶ କରେ ସଂପ୍ରନ ପ୍ରତିପାଳ ଏ କୀରତି ରତିଏ ରଖିବ ଆନ ଶୁଣ ସୁମନା । ମନ କେତେବେଳେ ମୁଁ କଲି । କଳକୁନ୍ଦଦନ୍ତୀ ତୋର କୋପକୁ ହେଲି ।୧୩। ହେ ଲୀଳାବନ୍ତି ସୁନ୍ଦରୀ ଦରିଦ୍ର ନିଧି ନାଗରୀ ଚରିତ୍ରପଣ ତୋହର କ୍ରୋଧେ ନ ସାରୁ । ସର ସାରସଆନନା ନ ନାଶ ସ୍ନେହ ବାସନା ସକଳ-କମଳ ନେତ୍ରୀ ଆଶ୍ୱାସ କର । କରନ୍ତ କରୁଜ କରନ୍ତେ । ରତେ କଣ୍ଠିଲି ଲୋକକୁ ନବ୍ୟଶ ଏତେ । ୧୯ । ଏତେବେଳେ ଯାଉ ସନ୍ଦେହ ଦେହରେ ବସାଅ ନହ ନ ହର । ସୁଖ ସନ୍ଦେହ ପ୍ରାଣ ବଲ୍ଲଭୀ । ଲଭି ତୋ ସଙ୍ଗ ସୁକୃତି କୃତକୃତି ହୋଇ ରତି ରସ ତୋ ପାଇବି ଅତି ସୁଖିତ ହେବ । ହେ ବିପୁଳନିତମ୍ବା ଚୁମ୍ବ । ଚୁମ୍ବକ ପରସ୍ପେ ହୋଇ ଦୁଃଅ ନିତମ୍ବ ।୧୪। ଲମ୍ବ ସୁକଙ୍କଣକେଶୀ କେ ଶିକ୍ଷା ଦେଇଛୁ ଚ୍ଛିଷି ଚ୍ଛିଷି କପଁ । ବସି ଛୁ ସେ ଗୃହିଁ ଅବମ । ବନିତାବର ଭରସା ରସାଳେକନେ ତରସା ରସାନ୍ତର ହେଉଛୁ ରେ ନବଯୌବନା । ବିନର୍ଗତ କରୁଣା ଲବ । ଲବଣୀ ପ୍ରତିମା ରଖ ଦିଶୁ ସୁଲଭ । ୧୭ । ଲଭ ମନେ ଅନୁକମ୍ପା -କମ୍ପା ରତେ ତନୁ ଶମ୍ପା ସମ୍ପାତ ନୋହୁ ବିଷମ ଫୁଲବିଶିଖ । ଶିଖ ରଦନୀ କେଶରୀ ସରମଧ୍ୟା ମନୋହାରୀ ହାସିପିବ ନ ନିହାରୀ

ସୁଷମା ସୁଖ । ସୁଖରେ ରସନା ପ୍ରକଟୁ । କଣ୍ଟୁତା ନ କହି
କେଳିପୁର ଚହଟୁ । ହଟୁଛି ଫୁଲ ନାଗର ରାଜାଅଭିଷେକ ଆଜ
ଆଜନମ ସୁଖୀ ସୁଖେ ଦିଅ ତୁ ଏହା । ଏହାର ମଣ୍ଡ ସ୍ତନରେ
ନରେଶଜେନା ଏ ଥରେ ଥରେ ଆଜ୍ଞ ଏ ବିଷୟେ ନୋହି
ସନ୍ଦେହ । ଦେହାର କାଟିଲି ଏ କାମ । କାମନା ଫଳ ଦାୟିନୀ
ହେଉଛି ବାମ । ୧୯ । ବାମନେତ୍ରୀ ଏ ଭ୍ରମର ମରନ୍ଦ ଆଶେ
ଝଙ୍କାର କାରଣ ବଶରେ କରି ଲେଉଡ଼େ ସୁମନ । ମନରେ ଏହା
କେ ରସି ରସିକମୀ ବିନୁ ରସି ରସି ନ ପାରଇ ଆନେ ଏହି
ପ୍ରମାଣ । ମାଣବକମୃଗ ଈକ୍ଷଣେ । କ୍ଷଣେ ଦୟା . ବସୁ ନାହିଁ ମୋର
କି ଗୁଣେ ॥ ଗୁଣେ ବସାଇ ମାର୍ଗଣ ଗଣନା କରି ନିପୁଣ ପୁଣ ପୁଣ
କରି କେତେ ପ୍ରହାରେ କାମ । କାମନା ତୋ ରତିସଙ୍ଗ ସଙ୍ଗରେ
କେଳି .ତରଙ୍ଗ ରଙ୍ଗରେ ଶତାଙ୍ଗଗଣ୍ଡ ନୁହେଁ ବିଷମ । ସମ । ତୋ
କୋକିଳ ଶବଦ । ବଦ ବଦ ଶୁଣି ମୁଁ ଲଭିବି ପ୍ରମାଦ । ୨୦ ।
ମୋ ଧ୍ୟାନ ମନୁ ଭାଜିବ ଜୀବ ଆନେ ତ ଭଜିବ .ଜୀବଞ୍ଜୀବ ମୁଁ
ରାଜୀବମୁଖୀ ତୁ ବିଧୁ । ବିଧୁର ତେଜ ଏକାନ୍ତ କାନ୍ତ ରସେ ଦିଅ
ଚିତ୍ତ ଚଉଜ ରାଜକୁ ଆଜ କମ୍ପା ନ ବିଧୁ । ବିଧୂଳି ଓଷ୍ଠୀ ଏ ସଂକଳ୍ପ ।
କଳ୍ପଲତା ହୋଇ ଅଙ୍ଗେ ଦେନ ଆକଳ୍ପ । ୨୧ । କଳ୍ପନା ମୋର
ସକଳ କଳ ବଚନେ ଆକୁଳ କଳଙ୍କ ରହିତ ଚନ୍ଦ୍ରମୁଖୀ ଭରସା ।
ରସାଳେକନେ କି ଅଛି ଅଛି ଦର୍ଶନେ ଶଙ୍କୁଛି କୁତ୍ସିତ କାମକୁ
ନାଶିଦିଅ ସହସା । ସହନ କରଇ ବିରହ । ଚାରୁ ଅଙ୍କମଧ୍ୟା ଯଶଃ
ଦିଅ ବିସ୍ତାରି । ୨୨ । ପରଣ ଦାରୁଣ ଶୋକ ମୁକତି ଫଳଦାୟକ
ଏକ ରସରେ ସନ୍ଧିକ ତୁ ଦୃଢ଼ କରୁ । କରୁଣା ବାଣୀ ତୋ ପଦ
ପଦକ ଅତି ସମ୍ଭାବ ମଦନ ଦର୍ପଣମୁଖୀ କେତେ ବିଚାରୁ । ଚାରୁ
ଚମ୍ପାଗୋରୀ କହସି । ହସିଲେ ଈସିତେ ସୁଧା ପାରୁ ବରଷି । ୨୩ ।

ରସି ସାରସ ସୁସଙ୍ଗୀ ସଙ୍ଗୀତ କି ମନ ଅଙ୍ଗୀ ଅଙ୍ଗୀକାର କରି ଚମ୍ପଦାନ ଦିଅନ୍ତେ । ଦିଅନ୍ତେ କତ ସୁଲକ୍ଷଣା କ୍ଷଣାନ୍ନୂନସ୍ଥ କରୁଣା ଗୁଣାଧରି ବିଚକ୍ଷଣା ଜାଣ ନରତେ । ରତେ କଣିଅଛୁ ଯେମନ୍ତ । ମତ୍ତକାଶିନୀ ତେମନ୍ତ ମନ ଜୀବନ୍ତ । ୨୪ । ବିଚରି ଏବେ ନରମ ରମଣୀ ଭୁ ନୁହ ଭ୍ରମ ଭ୍ରମର କେଶୀ ଏ ତମ ନ କର ଆଜ । ଆଇଯାଅ ଉର ପର ପରଣତ ବିମ୍ବାଧରୀ ଧରଣୀ ଯାକରେ ଦିଅ ଅପଶ ଯାଜ । ଯାଉ ଘୋରତାପ ମନାସୁ । ନାଶୁ କାମଦେବ ଦସ୍ଥ୍ୟ ହୃଦରେ ବସୁ । ୨୫ । କସୁମଣ୍ଡ ସ୍ନେହ ମୁଞ୍ଜି ମୁଁ ଚରଣ ଦାସ ସଞ୍ଚ ସଞ୍ଚସ୍ଥ ତାପ ବିନାଶ ଯେନ ବିନସ୍ଥ । ନସ୍ଥନ ଅନ୍ତେ ଈକ୍ଷିତ ଶୀତଳ କରେ ଲୋକେତ କି ତବ କାମ ବିନାଶେ ନୋହୁ ଫଣସ୍ଥ । ଶସ୍ଥନ ଭୁ କର ମୋ ଅଙ୍କ । ଅଙ୍ଗସ୍ଥାନ ଚନ୍ଦ୍ରମୁଖୀ ହୋଇ ନିଃଶଙ୍କ ।୨୬। ଶଙ୍କରି ମଣି ସେ ରୁଚ ରୁଚିରହାସୀ ସୁକେଶୀକେଶୀ ମନ୍ଥନରେ ଅତି ପ୍ରସନ୍ନ ହେଲି । ହେଲା ଲୀଳାରେ କି କର କଣ୍ଠଗତ ଚନ୍ଦ୍ରହାସ ହାରିତ ବସନେ ହାସ ପ୍ରକାଶ କଲି । କଳାକର କଳା ପରସ୍ଥ । ଗ୍ରସ୍ଥ ମଦନ ପ୍ରତାପ କଲି ଉଦସ୍ଥ ।୨୭। ଦସ୍ଥଣା ଭୂଷଣ ହେବ ଦେବକୀ ଗର୍ଭ ସମ୍ଭବ ଭବଭସ୍ଥ ବିନାଶନେ ଯା ନ ମସାର । ସାରସପଦ ଭଜନେ ଜନେ ମନ ଦିଅ ଘନେ ଘନେ ବିଜୁଳି ପରସ୍ଥ ଜାଣିଥିବାର । ବାର ବାର ଜଣାଣ ଏହି । ଏ ସ୍ଥାନ କୃପା ସିନ୍ଧୁ କୁ କରିବ ବାହି । ୨୮

—ସର୍ବାଙ୍ଗ ସୁନ୍ଦରୀ—

ତ୍ରୟୋଦଶ ଛାନ୍ଦ

ମଧୁଶଯ୍ୟା

ରାଗ—ପଞ୍ଚମ ବରାଡ଼ି—କଳଶା ବାଣୀ

ଏଥୁଅନ୍ତେ ଶୁଣ ମଧୁଶଯ୍ୟା ବିଧି । କାମକେଳି ସଦନେ ସୁରତି କଳା ନିଧି । ବିବିଧ ସୁରତ ମନେ କରିଛୁ ବିସ୍ତର । ରଖିଛୁ

ଶ୍ରବଣବେଦେଶ ଅବଧାନ ଭାର । ୧ । ନିମେଷକେ ମଣୁ ଅଛୁ ସଂ
ବରଷ । ବରଷୁଛି ହୃଦୟପୁରେ ମଦନ ହୁତାଶ । ଯାଉ ଅଛୁ ଚେତନା
ମଜ୍ଜନ ଜଳେ ବୁଡ଼ି । କହୁଅଛି ମଦନ ନୃପକୁ କରଯୋଡ଼ି । ୨ ।
କ୍ଷଣେ ଉହ୍ନ କ୍ଷଣେ ଦେଖେ କ୍ଷପାକର ମୁଖ । ଆଶରଣେ ମାରଣେ
ଲଭିବୁ କେତେ ସୁଖ । ପରମ ଆନନ୍ଦେ ସୁଖେ ହେଉଛୁ ମଜ୍ଜନ ।
ଅଦ୍ଭୁତେ ପ୍ରଫୁଲ୍ଲ ହେଉଛି ଆପଘନ । ୩ । ଏଥୁଅନ୍ତେ ଶୁଣ ଜନେ
ଅପୂର୍ବ ରସ । ନୃପବର ସୁତାକୁ କରନ୍ତି ଦିବ୍ୟ ବେଶ ।
ନିବିବନ୍ଧ ନବଦ୍ରେ ବାନ୍ଧନ୍ତି କମ୍ବୁଧରୀ । ପାରୁଶରେ ଥିଲେ ତା
ଯେତେକ ସହଚରୀ । ୪ । ମନ୍ଦେ ହସି ବୋଇଲେ ରେ
କନକ ରତ୍ନୋରୁ । କେତେବେଳେ କଥାକୁ ଯତନ କେତେ କରୁ ।
ଏକ ଆନ ମୁଖ ଚୋଳ ବୋଇଲେ ତାହାକୁ । ଆଜ କମ୍ପା ରହୁଁ ।
ନାହିଁ କାହାର ମୁଖକୁ । ୫ । ସୁବେଶ ଏମନ୍ତ ଶୋଭା ଲଭିଲା
ଯୁବତୀ । ରୂପବନ୍ତ ହୋଇଲେ କି ମଦନ ସମ୍ପତ୍ତି । ସୁବେଶ କହିଣ
ଏଣି ଶିଶୁ ନୟନାକୁ । ଆଣୁ ଅଳି ମଦନ ଉତ୍ସବ ସଦନକୁ ।
ପଦ୍ମନ୍ତ୍ରେ ପକାଇ ଦଣ୍ଡେ ରହିଲ ସୁନ୍ଦରୀ । ତାହା ଦେଖି ହସି
କହେ ଏକ ସହଚରି । କାନ୍ତ କେଳି ସଦନେ ପାରୁଣେ ହେବା
ଜାଣି । ରହୁ ନାହୁଁ ରୁହାଉଛୁ ଆମ୍ଭଙ୍କୁ ମିତଣୀ । ୭ ।
ମନୋଜବସରେ ତୋର ଏ ବାହୁ ବଲ୍ଲରୀ । କାହା କଣ୍ଠେ ହେବୁ
ଚମ୍ପମାଳା ପ୍ରାୟେ କରି । ବାଳକାନ୍ତ ରଜନୀ ଦିବସ ଆଶ୍ରାକରି ।
କଥା ପଦକୁ ଭାଜନ ନୋହିଲୁ ସୁନ୍ଦରୀ । ୮ । ଭଲେ ଆଜ
ଚତୁରାକ୍ଷ ନାହିଁ ଯାହା ଭୁଲେ । ନ କରିବା କଥା ହିଁ କରିବୁ ତାଙ୍କ
କୋଳେ । ନିମିତ୍ତେ ଆମ୍ଭର ପାଶ ନ ଛାଡ଼ି ସୁକେଶୀ । କାହାସଙ୍ଗେ
ଆଜ ନିଶି ନେବୁ ମୃଗଦୃଶୀ । ୯ । ଆମ୍ଭ ଆଗେ ନ ଛଟକରୁ
ବଦନ ସଂଗୋଜ । ସବୁ ଲାଜ ଜାଣିବ ତୁମ୍ଭର ସଖି ଆଜ । ତୁ
ଥିବା ବୋଲିବୁ ଥିବୁ ସଦନ ଅନ୍ତରେ । ଜାଣିବୁ ବାଳେନ୍ଦ୍ର

ବାଳା ହଂସକ ଧ୍ୱନରେ । ୧୦ । ଲଜ ପାଇଁ ମନ୍ଦଗତି ଅତି ମନ୍ଦେ
ଗୃହେ । ବଳଇ ଦେହଳୀ ଆଳୀଙ୍କ ବହୁ ବୋଲେ । ତାହା
ଦେଖି ଏକ ସଖୀ ବୋଲେ ଆରେକଙ୍କୁ । ନ ଆସୁଛୁ ଚରିତ
ସଜନି ମାନସକୁ । ୧୧ । ଗୃହ ସହଚରି ଆମ୍ଭେ ଯିବା ଗୋ
ଲେଉଟି । ଗଲେ କାନ୍ତ ଧରି ନେବେ ନିଶ୍ଚେ ଗୋ ପାଞ୍ଚୁଟି ।
ଏଣୁ ଆଦରକୁ ବରହାସୀ କରି ଆଶା । ନ ଯାଉଛୁ ବଲ୍ଲଭ ପାଶକୁ
ମୃଗଦୃଶା । ୧୨ । ଏତେ କହି କହିଲା ଦେହଳା ବଳୀ ରାମା ।
ତାହା ଶୁଣି ହସି କହେ ଏକ ପ୍ରିୟତମା । ଆମ୍ଭ ସଖୀ ହୋଇଛୁ
କି ଆମ୍ଭ ବୋଲେ ଯିବ । ସବୁ ଦିନେ ନ ଥାଇ ସବୁରି ସବୁ ଭାବ ॥
ଏ ବଚନେ ବୁଡ଼ିଲେ ସେ ଲଜ୍ଜା ଜଳଧିରେ । ଅନୁରାଗ-ନାବେ
ହେଲ କାମ କର୍ଣ୍ଣ ଧାରି । ତରୁଣୀ ରତନ ଚିତ୍ତ ଜାଣି କୁତୁହଳେ
ପେଲି ଦେଲେ ଦେହଳୀ ବଳାଇ ତାଙ୍କୁ ବଳେ । ୧୪ । ଦ୍ୱାର
ପାର୍ଶ୍ୱରେ ରହି ଏକ ସହଚରୀ । ବୋଇଲା ହେ ଅବନୀ ତିଳକ
ଦଣ୍ଡଧାରୀ । ହେଜିଲ ଭ୍ରମର ତୁମ୍ଭେ ରସିକ ପୁରୁଷ । ସଖୀ ଆମ୍ଭ
ନବୀନ ଶିରୀଷ ସୁମନସ । ୧୫ । ରସ ରଖି ରସ ଭୋଗ କର
ଅନାତୁରେ । କ୍ଷୁଧାବନ୍ତ ହୋଇଲେ ନ ଭୁଞ୍ଜେ ବେନିକରେ ॥
ରସିକ ରତନ ତୁମ୍ଭେ ଅବନୀ ଈଶ୍ୱର । କୁଳବତୀ ନବୀନା ଯୁବତୀ
ସଖୀ ମୋର ॥ ସହଜେ ହୋଇଲା ଏ ଯେ ଅପରାଧ ସୀମା । ନ
କଲ କଥାନ୍ତି କଲୁ ପରି କର କ୍ଷମା । ଏତେ କହି କହିଲା ସଜନି
ଶ୍ରବଣରେ । କାନ୍ତ ରୂପ ଦେଖି ସଖୀ ନୋହିବୁ କାତର । ୧୭ ।
ଦେଖି ମହାଦ୍ରୁମ ପ୍ରଭଞ୍ଜନ ମରୁତକୁ । ବସ କରି ପାରଇ କୁସୁମ
ଲତିକାକୁ । ଅତି ଲଜ ନ କରିବୁ ନୃପତି ତନୁଜା । କାନ୍ତଠାରେ
ନାରୀଙ୍କି ଭୂଷଣ ନୋହେ ଲଜ୍ଜା । ୧୮ । ଯୂଥ ବଣା ଏଣାକ୍ଷୀ ସମ୍ମୁଖରେ
ଏତେ କହି । ପିଠିଆଇ ଅଇଲେ ସକଳ ପ୍ରାଣସହି ଏକା ଦେଖି

ବନିତା ବଦନ ନିରଖନ୍ତି । ଦରିଦ୍ର ପାଇଲା ଯେବା କୁବେର ସମ୍ପତ୍ତି । ବେଗେ ଉଠି ଯାଉଛନ୍ତି ଧଇଲେ ତାର କର । ନେଉଛନ୍ତି ବସିଲେ ଯାଇ ପଲଙ୍କ ଉପର । ବସାଇଲେ ନେଇ ତାଙ୍କୁ ଗୃହ୍ନିଁ ସମ୍ମୁଖରେ । ବସାଇଲେ ଅନ୍ତ ଭୃଙ୍ଗ ଜାନୁର ଉପରେ ॥ ଥରଥର-କଲେ କି ହେଉଛି ସୁନ୍ଦରୀର ମନ । କାନନ କୁରଙ୍ଗ ଯେବା ପଡ଼ିଲା ବନ୍ଧନ । କାମ ଶରେ କାତରତା ହେଉଛି ବାଳିକା । ମନ୍ଦବାତେ କମ୍ପୁଛି କି କୁସୁମ ଲତିକା । କାତରତା ଦେଖି ତାର ରସିକ ନାଗର । ସ୍ତୁତି ଆଉ ଜହ୍ନମୁଣ୍ଡ ଚିବୁକେ ଦେଇ କର । ହସି ଯାଉଅଛି ସଖୀ ମଦନ ନଗର । ଜାନୁରମ୍ଭା ଉଭାରେ ବସାଇ ପାଣି କର । ମଦନ ହୁତାଶ ସଖୀ ଦହୁଛି ଦେହକୁ । ନାଶ ଢାଳି ଉରଜ ଅମୃତ କଳସକୁ । ବିଷମ ବିଶିଖ ବାଣେ ହୋଇଛି ମୂର୍ଚ୍ଛିତ । ସିଞ୍ଚିଲେ ନବନାମୃତ ରତିର ଶୀତଳ । କହିବାକୁ ବଚନ ନଇଲା କହୁଁ କହୁଁ । ଦୀପ ଥାଉଁ ଅନ୍ଧାର ହୋଇଲା ଗୃହୁଁ ଗୃହୁଁ । ଗୃହେ ସୁଣ୍ଡ ଭିଡିଲେ ଲଗାଇ ଉରସ୍ଥାନ । ସୁନ୍ଦର ବଦନେ ତାର ଦିଅନ୍ତେ ଚୁମ୍ବନ ॥ ମୁଦିଲା ମନ୍ଦରନେହା ଅଧର ନୟନ । ଚନ୍ଦ୍ର ଦେଖି ମୁଦ୍ରିତ କି ହୋଇଲା ନଳିନ । ଫେଡ଼ନ୍ତେ ନାଗର ନେହ କାଞ୍ଚନୀ ଗଣ୍ଠି ଗାଢକର କାନ୍ତକର ଧଇଲା କମ୍ବୋଷ୍ଟୀ ॥ କେତେବେଳେ ରହିବ ସେ ଅବଳା ବଳରେ । ମତଗଜ ବାନ୍ଧ କି ହୁଅଇ ମୃଣାଳରେ ନୀବି ଫେଡ଼ି ବସନ ରଖନ୍ତେ ଖଣ୍ଡେ ଦୂରେ ଅପସରି ଗଲା ଲାଜ ତାହା ସଙ୍ଗତରେ ॥ ବସ୍ତ୍ରରିଲାଏକାଳେ ଥିବାରୁ ଅସୁନ୍ଦର । ବେଣୁକି ମୁଁ କୁଳପାଳିକା ଅଳଙ୍କାର । ଏମନ୍ତ କେମନ୍ତେ ପାରିବେ ସେହୁ ରହି । ବସନ ବିହୀନେ ଯା ଶରଣ ଆନ ନାହିଁ ॥ ଏଥିଅନ୍ତେ ନାନା ବନ୍ଧେ କରନ୍ତେ ଶୃଙ୍ଗାର । କଳାକ ରସିକ ଯାହା ତହିଁ ନଶିବାର । ସେ କାଳେ ନାଗରୀ ବର ସୁହିବା ଛଟକ ଦେଖିଛନ୍ତି କଟାକ୍ଷବନ୍ତ

ନାଗର ନାୟକ । ସେ ସବୁ ଜାଣନ୍ତି ଯେତେ ଅନୁଭବମାନେ ।
କେହି କହିବାକୁ କ୍ଷମ ନୁହନ୍ତି ବଚନେ । ପ୍ରେମେ ଦେଲାବେଳେ
ବମ୍ବାଧାଗ୍ର ବମ୍ବାଧରେ । ନ ରଖଇ ବଲ୍ଲଭ ସମ୍ମୁଖେ ମୁଖେ ଧୀରେ ॥
ଲେଖନ୍ତେ ପୃଥଳ ସ୍ତନେ ନ ଖଣ୍ଡ ନଖ ରେଖା । ଈଷି ବୋଲି ଚମ୍ପକ
ଯଡ଼ଇ ଚନ୍ଦ୍ରରେଖା । ଗ୍ଳଲନ୍ତେ ଅଙ୍ଗରୁ ଶଶୀ ରମଣୀ ଉଚନ । ମହା
ସୁଖ ପାଇ ମୁଦେ ଅଧୀର ନୟନ ॥ ବର୍ଷନ୍ତି ମନସିଜ ସୁଖ ଏତେ
ରସ । ଏହା ଛାଡ଼ି ମୃତ ଦେବେ ପିବନ୍ତି ପୀୟୂଷ । ପୁଣ ପୁଣ
ବାଳା ସେହି ରସ ଆସ୍ୱାଦନେ । ବସ୍ତୁଇ ଭାଗ୍ୟବାନ ବ୍ରହ୍ମର୍ଷି
ମାନେ । ପୁଣ ବନ୍ଧା କରଇ ବନିତା ବିଧାତାକୁ । ଉଚନ୍ତି କପାଇଁ
ଆଉ ବିଷୟମାନଙ୍କୁ । ପଦେ ରମ୍ଭ କଣ୍ଠ କାମଦେବ ହାତ ଜ୍ଞାନ । ପାଶୋ-
ଶନ୍ତି ବମ୍ବାଧର ଭଙ୍ଗିବା ବିଧାନ ॥ କ୍ଷୀରବଧି ମନ୍ଥନେ କାମ ନ
ପାଇଣ କନ୍ତୁ । କବା ବାଳା ଲାବଣ୍ୟ ଜଳଧି ମନ୍ଥୁଅଛି । ଉପୁଜନ୍ତି
ତହୁଁ ଯେତେ ଯେତେ ଉପମାନ । ଲେଶପାଇ ନିର୍ବାଣ ଗୁଡ଼ିକ
ମୁନିମନ । ୩୩ । ବାଜେଣି ବଳୟ ହଂସ ରଟନ୍ତି ଉଚ୍ଚରେ ।
ବାଜେ କି ଜୟ ଦୁନ୍ଦୁଭି ମଦନ ଯୁଦ୍ଧରେ । ନାଗର ନାୟକ ରସ
ଆସ୍ୱାଦନେ ମାତି । କେଉଁ କଥା ନ କରନ୍ତି କେଉଁ କୁଳବତୀ ॥
ଅତ୍ୟନ୍ତ ବଚିତ୍ର ଏ ମଦନ ରସକଳା ଅନୁଭବ ବିହୀନେ ଜାଣନ୍ତି
ଯାହା ବାଳା ନ କରିବା କଥାହିଁ କରନ୍ତି କାମଭୋଳେ ।
କରିବାର ନ କରନ୍ତି ବଲ୍ଲଭ ବୋଇଲେ । ପଢ଼ି ଜାଣିଥିଲେ
ସବୁ କାମ ଶାସ୍ତ୍ର ବିଧି । ଦୁହେଁ ଦୁହିଁଙ୍କର ହଇବଣ ଜ୍ଞାନ ବୁଦ୍ଧି ।
ଆଲିଙ୍ଗନ ନଖକ୍ଷତ ରଦଚୁମ୍ବନାଦି । କୋଳନ୍ତି ଏ ବିଧି ଉଖ ଧାତା
କାମବିଧି ॥ ଏଥିଅନ୍ତେ ଶୁଣ ଏ ରସିକ ରସ ସାର । ନବ ଅନୁଭବ
ସିନା ନବ ଯୁବକର । ମହାପତି ମଦନ ସମରେ ବାଳା ହାରି ।
ସମର୍ପିଲା ପଦେ କର ନୃପତି କୁମାରୀ । ୨୭ । ଜାଣି ତା

ରସିକ ଆଉଜାଇଣ ଉରକୁ । ବସାଇଲା ଜାନୁରେ ଯୁବତୀ ରତନକୁ । କନକଲୋଚନା ଜ୍ଞାନ ପାଇଲା ସେ କାଳେ । ବସନ ବହ୍ନିନେ ମୁଁ ବସିଛୁ କାନ୍ତ କୋଳେ । ୩୮ । କନକ ପ୍ରଦୀପ ଜଳୁଅଛି ପାରୁଶରେ । ତାହା ଦେଖି ବୁଡଲେ ସେ ଲଜ୍ଜା ଜଳଧିରେ । ବିଚାରଇ ଏଣ୍ଡେ ମନ୍ଦ ସୁମନସ ଭୂପ । କୁଳବତୀମାନଙ୍କୁ କରଇ ଏତେ ରୂପ । ୩୯ । ଜୀବନରୁ ଅଧିକ ଲଜ୍ଜାକୁ ଦୂର କରି । ଜାହା ଭୁଲେ କେଉଁ କଥା କଲି କି ବିଚାରି । ନିବାରିଲି କୁସୁମ ପ୍ରହାର ପ୍ରତାପକୁ । ନ ପାରିଲି ନିବାରି ତାଙ୍କ ଆଲୋକକୁ । ଶ୍ରୀଖଣ୍ଡ ରଜକୁ ପତି ନେଇକୁ ଫିଙ୍ଗାଇ । ପଛେ ମାଳ ବାନ୍ଧିଲା ହୃଦରେ ଲାଗଦେଇ । ଝୋଲ ଲାଗି ଜଳନ୍ତେ ଜାଣିଲା ଛତମାନ । ମନେ ମନେ ବିଚାରଇ ନାଗରୀରତନ । ୪୧ । ପ୍ରଭାତରେ ଏମାନ ଦେଖିଣ ସହଚରୀ । ପଚାରିବେ ମୋତେ ପରିହାସମାନ କରି । ଦେଖଇ ଏ ସୁନ୍ଦରୀ ତୋ ଅଙ୍ଗେ କି କି ଚିହ୍ନ । କି କରି ଚୁମ୍ବିବ ତାଙ୍କ ସହାସ୍ୟ ବଦନ । ୪୨ । ସୁରତି ପ୍ରାନ୍ତରେ ବାଳା ହୋଇ ଅଶକତ । ଚିନ୍ତା କଲେ ଚନ୍ଦ୍ରମା ଚନ୍ଦନ ଚନ୍ଦ୍ରବାତ । ଜାଣି ତା ସୁବୋଧ ପତି ବସାଇ ଅରେ । ଶ୍ରମସ୍ୱେଦ ହରିଲା କେତକୀ ବ୍ୟଜନରେ । ୪୩ । ଏଥିଅନ୍ତେ ଶୁଣ ଜନେ ଅପୂରୁବ ଭାବ । (ବିରୋଧାଭାସ) ଅଶୁଭ ହୋଇଲା ଜଗତଜ ଶୁଭ୍ରଭାବ । ଏଣୁ ଜଡ଼ ସୁଗୁଣ ହୋଇଲେ ହିଙ୍ଗୁ ଭବ । ମିତ୍ର ବନ୍ଧୁ ମିତ୍ର ଦେଖି ଦୁଃଖି କଇରବ । ୪୪ । ତାହା ଦେଖି ପ୍ରଭାତ ହୋଇଲା ବୋଲି ଜାଣି । ପ୍ରାଣନାଥ କୋଳରୁ ଉଠିଲା ସୁଲକ୍ଷଣୀ । ଜାଣି ତା ରସିକ ତାକୁ ଆଲିଙ୍ଗନ କଲା । କାଳକ ଅଲଭ୍ୟ କଥା କ୍ଷଣକେ ଲଭିଲା । ୪୫ । ସେତେବେଳେ କାନ୍ତ ପାଶୁ ଆସିଛି ସୁଭ୍ରୂ । ମଧୁକାଳ ଗଲା କି କୁସୁମ ବନକାରୁ । ତୁଟିଛି କଣ୍ଠରୁ ହାର ଫଟିଛି କବରୀ । କୁଚକବଳରୁ କୃଶ ହୋଇଛି ମିକରୀ । ୪୬ । ଖସିଛି କୁସୁମ କେଶୁ

ଘୂର୍ଣ୍ଣୁଛି ଲୋଚନ । ଭଲେ ମାର୍ଜ୍ଜି ଭଲେ ନେତ୍ର ସିନ୍ଦୂର ଅଞ୍ଜନ ଚଳି ନ ପାରଇ ବାଲା ଅଙ୍ଗ ଅବଶରୁ । ମୁଦ୍ରିତ ହେଉଛି ନେତ୍ର ଉନ୍ନିଦ୍ର ବଶରୁ । ୪୭ । ଦଶେ ସ୍ୱେଦ ବିନ୍ଦୁ ଯାହା ସୁନ୍ଦରୀ ବଦନେ । ଦେଖିକରି ହେଉଛି ଏମନ୍ତ ମୋର ମନେ । କୁଶ ଶମ୍ଭୁ ଶ୍ରପୁଠାରୁ ନେଇ ମୋତିହାର । ଚନ୍ଦ୍ରମୁଖୀ ମିଶିକୁ କି ଦେଲେ ପଞ୍ଚଶର ॥ ମୁଖ ପୋଡି ଶୁଳଇ ଅଳସ ଛଳି ଡ଼ଳ । ଏହି ସମୟରେ ଦରଶନ କଲେ ଆଳୀ । ଦେଖି ସଖୀ କଳାପୀକୁନ୍ତଳାର ଏ ବେଶ । ସବ୍ୟମୁଖୀ ହୋଇଲେ ଅଳପ ହସ ହସ । ୪୯ । ଏକାସଖୀ ବୋଇଲାରେ ନାଗରୀ ରତନ । ଉନ୍ନିଦ୍ର ପରାଏ ଦିଶେ ସୁରଙ୍ଗ ନୟନ । ଏ ତୋର ଶ୍ରୀଅଙ୍ଗ ବାସ କମ୍ପା ଆନ କର । ପିନ୍ଧିଲା ପରାୟେ ଦିଶେ ପରାଣ ଈଶ୍ୱରୀ ॥ ଆମ୍ଭେ ପଚାରିଲେ ସଖୀ କଥାଏ ନ କହୁ । ଏମାନ ଅଙ୍ଗକୁ ଚୋର ଅଇଲା ଗୋ କାହୁଁ ॥ ତୁମ୍ଭେ ବଡ଼ ଲୁଚାଇଲେ କି ହେବ ସୁମୁଖୀ । ସବୁ ରସ କହୁଛି ଦେଖିଛୁ ଯେଉଁ ଆଖି । ୫୧ । ନା ଟେକ ବଦନ କମ୍ପା ହେଉଛୁ ମଉନ । ଏଣିକଦୁର୍ଲ୍ଲଭ ହେବ ପରା ଦରଶନ । ଏହିରୂପେ କହି ନାନାଭଙ୍ଗୀ ପରିହାସ । ସୁନ୍ଦରୀଙ୍କ ଘେନି ଅନ୍ତଃପୁରେ ପରବେଶ ॥ ଏବେ ଶୁଣ ରସିକ ପୁରୁଷ ରସସାର । ସୁରତ ସଦନରୁ ବାହାର ନରେଶ୍ୱର । ଲୁଚାଇଛି କ୍ଷତମାନ ଅତିଯତ୍ନ କରି । ଜାରସ୍ତ୍ରୀଙ୍କ ଯେମନ୍ତ ଲୁଚାଉଥାନ୍ତି ନାରୀ । ୫୩ । ବୋଇଲାକ ଦେଖି ଏକ ପରିହାସୀ ନର । ମୁକୁରେ ନ ଚାହିଁ କମ୍ପା ହୋଇଲ ବାହାର । ମାଜଣା ମଣ୍ଡପରେ ଯାଇ ହେଲେ ପରବେଶ । ଆର ଛାନ୍ଦେ କହିବା ଏ ଅନ୍ତେ ଯେଉଁ ରସ । ୫୪ । ଶ୍ରୀକଣ୍ଠାଭରଣ ଭବ ସନ୍ତାପ ବିନାଶ । କମଳାକ୍ଷ ପାଦେ ଚିନ୍ତେ ଲୋକନାଥ ଦାସ । ବ୍ରହ୍ମା ବିଷ୍ଣୁ ଶିବ ଟିକା ଶଶୀ ଗଙ୍ଗା ରବି । ଗଣେଶଙ୍କୁ ଆଦି ଅଷ୍ଟ ଅଙ୍କେ ଏ ସମ୍ଭବ । ୫୫ ।

—ବଚନ ରାମାୟଣ—

ସୀତା ସ୍ୱୟମ୍ବର

ରାଗ—ରେଖ୍ତି

ଶୁଣ ହେ ସୁଜନ ଜନ ମିଥିଳାପୁର ରାଜନ ଆଜ୍ଞା ଦେଲେ ସତାନନ୍ଦ ମନ୍ତ୍ରୀଙ୍କି ଚାହିଁ । କନ୍ୟା ଅନୁରୂପେ ନରବରଙ୍କୁ ବରଣ କର ସୀତାଙ୍କୁ ବିବାହ ବେଗେ କରିବା ପାଇଁ । ଶୁଣି ସତାନନ୍ଦ ଚଳିଲା । ଦେଶେ ଦେଶେ ରାଜାଙ୍କୁ ନିମନ୍ତ୍ରଣ କଲା । ବିଦର୍ଭ କର୍ଣ୍ଣାଟ ସୋଠ ଆବର ଯେ ମରହଟ୍ଟ ଅଙ୍ଗ ବଙ୍ଗ କଳିଙ୍ଗ ଭୂପାଳ ନେପାଳ । କାଶ୍ମୀର ଯେ କନୋଜ ମାଳବ ମଗଧରାଜ ମ୍ଲେଚ୍ଛ ମତ୍ସ୍ୟ ଦେଶ ଆଦି କୁରୁ ପଞ୍ଚାଳ । ଏହା ସବୁ କହିବା କେତେ । ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣ ଯେତେ ବାରତା ପାଇଣ ଭୂପେ ସାଜ ସୈନ୍ୟ ଯୋଗ୍ୟରୂପେ ମିଥିଳା କଟକେ ଯାଇଁ ପ୍ରବେଶ ହେଲେ ଯୋଗ୍ୟ ଅନୁରୂପେ ମାନ୍ୟକଲେ ଜନକ ରାଜନ ସଭାରେ ନୃପ ମୁକୁଟ ବିଜୟ କଲେ । ପୁଚ୍ଛିଲେ ଜନକଙ୍କୁ ଚାହିଁ । ଲକ୍ଷେ ରାଜା ବରଣ ଯେ କଲେ କିମ୍ପାଇଁ ।। କହନ୍ତି ଜନକ ନୃପ ଅଛି ମୋର ଶିବ ଚାପ ତାହାକୁ ଯେ ନିଜ ଭୁଜବଳେ ଟେଳିବ । ଅଛଇ ମୋର ଦୁହିତା ନାମ ତାର ଅଟେ ସୀତା ନିଶ୍ଚୟ ତାହାକୁ ସେ ତ ବିବାହ ହେବ । ଶୁଣି ବନ୍ଧ୍ୟଗିରି ରାଜନ । ଧନୁ ଟେଳିବାକୁ ସେ ଉଠିଲା ବହନ । ଫିଟାଇଲେ ଧନୁ ଘର ଦେଖନ୍ତି ସେ ନୃପବର ଯୁଗଳ ପଲକୁ ଯେହ୍ନେ ଶାର୍ଦ୍ଦୂଳ ଝାମ୍ପେ । ସେହି ରୂପେ ଧାଇଁ ଧାଇଁ ପଡିଲା ତହିଁ କାଟେ ରମ୍ଭା ପତ୍ର ତନୁ ତରସେ କମ୍ପେ । ବାହୁଡ଼ି ସଭାରେ ପ୍ରବେଶ । ପ୍ରତିଜ୍ଞା କରି ଉଠିଲା ଲବଣ ଶିଷ୍ୟ ।। ବେନି ନଶେ କର ଦେଇ ଜନକ ମୁଖକୁ ଚାହିଁ ବୋଇଲା ତୁ ନରେଶ୍ୱର ଏବେ ଶୁଣ ରାଜନ । ମୋର ବଳ ଅଛି

ଯେତେ ମୁହିଁ କି କହିବି ତୋତେ ବାମ ଭୁଜେ ଫିଙ୍ଗି ଦେବି ଏ
ଶରାସନ । ଏତେ ବୋଲି ବୀର ଧାଇଁଲା । ଧନୁ ତେଜ ଲାଗନ୍ତେ ସେ
ତଳି ପଡ଼ିଲା ।। ତାହା ଦେଖି କୋପ ମୂର୍ତ୍ତି ଡାହାଳ ଦେଶାଧିପତି
ଆଗୁସାରି ହୋଇଣ ସେ ବେଗେ ଧାଇଁଲା । ବାହା ସ୍ଫୋଟି ମାରି
ବୀର ସମ୍ବୋଧେ କହଇ ଗିରି କାହିଁ ଅଛି ଧନୁ ତୋର ଦେଖା ହେ
ଉଲା । ଶୁଣି ସତାନନ୍ଦ କହଇ । ତୁ କିସ ତୋଳିବୁ ଧନୁ ଯାଅ
ପଳାଇ ।। ସତ ନନ୍ଦ ବାଣୀ ଶୁଣି କଂନାଉଜ ନରମଣି ସଙ୍ଗିକୁ ଅନାଇ
ସେ ଯେ କୋପେ କହିଲା । କାହିଁ ଶିବ ଶରାସନ ଆଣ ଜନକ
ରାଜନ ନଷ୍ଟେ ତୋକୁମାରି ଆଜ ମୋର ହୋଇଲା । ଏତେ ମହି
ଧାଇଁଲି ଖରେ । ପ୍ରବେଶ ହୋଇ ଯାଇ ଧନୁର ଦ୍ୱାରେ ।।
ଫିଟାଇ ସେ ଘର ଦ୍ୱାର ଧନୁ ଦେଖିଣ କାତର ତେଜରେ ରହି ନ
ପାରି ଗଲା ପଳାଇ । ତାହା ଦେଖି ରାଜା ଗଣ ମୁଖ ନ ସ୍ଫୁରେ
ବଚନ ତଳକୁ ମୁଖ ପୋତିଲେ ମଉନ ହୋଇ । ସଭା ନିଶବଦ
ହୋଇଲା । ରାମ ପାଦ ଚିନ୍ତଣ ବନ୍ଦମ ବୋଇଲା ।

ସମାପ୍ତ

ମୁଦ୍ରାକର—ଶ୍ରୀ ଆର୍ ଏନ୍ ଭଞ୍ଜ ଦେଓ, କନକା ପ୍ରେସ, କଟକ—୧